ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

VOLUME- 44 ◆ISSUE-124 ◆THURSDAY ◆29 OCTOBER 2026 ◆PAGE-12 ◆₹ 7.00

PANIKOILI

◆ବର୍ଷ-୪୪ ◆ସଂଖ୍ୟା-୧୨୪ ◆ଗୁରୁବାର ◆୨୯ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

'ଆର୍‌ଆର୍‌ଆର୍' ଠାରୁ ୫-୬ ଗୁଣା ବଡ଼ ହେବ 'ବାରାଣସୀ'

▶ପୃଷ୍ଠା ୧୧ ଦେଖନ୍ତୁ...

Jio

Thank you, India. Jio aapne banaya.

You've made Jio the largest shareholder family in the country at **79.62 lakh shareholders.**

On listing day, Jio opened as the **2nd largest company** by market cap in India after Reliance Industries Ltd.

Akash, Anant and Isha Ambani

ଦେଶ ବିଦେଶ

ଏସ୍‌ସିଓ ବୈଠକକୁ ପାକିସ୍ତାନକୁ ନିମନ୍ତ୍ରଣ କଲା ଭାରତ

ଅପରେସନ୍ ସିନ୍ଦୂର ପରେ ପ୍ରଥମ

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ତିକ୍ତ ରହିଥିବା ବେଳେ ନୂଆଦିଲ୍ଲୀରେ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ସଭ୍ୟତା ଆଲୋଚନା ମଞ୍ଚକୁ ପାକିସ୍ତାନକୁ ନିମନ୍ତ୍ରଣ କରିଛି ଭାରତ। ନଭେମ୍ବର ୨୦ରୁ ୨୨ ପର୍ଯ୍ୟନ୍ତ ଏହି ବୈଠକ ହେବ। ପାକିସ୍ତାନର ଜାତୀୟ ଐତିହ୍ୟ ଓ ସଂସ୍କୃତି ମନ୍ତ୍ରୀ ଔରଙ୍ଗଜେବ ଖାନ୍ ଖିଚିଙ୍କୁ ଏହି ନିମନ୍ତ୍ରଣ ଦିଆଯାଇଛି। ଅପରେସନ୍ ସିନ୍ଦୂର ପରେ ପ୍ରଥମ ଥର ପାଇଁ ଭାରତ ଜଣେ ବରିଷ୍ଠ ପାକିସ୍ତାନୀ ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛି। ତେବେ ସେ ଏହି ବୈଠକରେ ଯୋଗଦେବେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ଗତ ମେ' ୨୦୨୫ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା। ଏହା ପରଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ତିକ୍ତ ରହିଛି। ଏହା ପୂର୍ବରୁ ୨୦୨୩ ମେ'ରେ ପାକିସ୍ତାନର ତତ୍କାଳୀନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭଟ୍ଟୋ ଜର୍‌ଦାରୀ ଗୋଆରେ ଏସ୍‌ସିଓ ବୈଠକରେ ଯୋଗ ଦେଇଥିଲେ। ଅକ୍ଟୋବର ୨୦ରେ ତାଜିକିସ୍ତାନର ଦୁଶାନବେଠାରେ ଏସ୍‌ସିଓ ବୈଠକରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ନୂଆ ମଞ୍ଚ ଆୟୋଜନ କରିବା ନେଇ ଘୋଷଣା କରିଥିଲେ। ସମସ୍ତ ୧୦ଟି ସଦସ୍ୟ ଦେଶକୁ ନିମନ୍ତ୍ରଣ କରାଯାଇଛି।

ଦିଲ୍ଲୀରେ ଡିଜିଟାଲ ହେଲା ମଦକିଣା

ଅନ୍‌ଲାଇନ୍ ମଦ ବୁକିଂ ପାଇଁ ଆପ୍ ଆରମ୍ଭ

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ଦିଲ୍ଲୀରେ ମଦ କିଣିବା ପାଇଁ ନୂଆ ମୋବାଇଲ୍ ଆପ୍ 'ଦିଲ୍ଲୀ ଲିକର୍ ବୁକିଂ' ଆରମ୍ଭ ହୋଇଛି। ଦିଲ୍ଲୀ ରାଜ୍ୟ ଶିଳ୍ପ ଓ ଭିତ୍ତିଭୂମି ବିକାଶ ନିଗମ ପକ୍ଷରୁ ଏହି ଆପ୍ ଆରମ୍ଭ କରାଯାଇଛି। ସହରର ପ୍ରାୟ ୨୦୮ଟି ମଦ ଦୋକାନ ଏହା ସହ ସଂଯୁକ୍ତ ହୋଇଛି। ଏହି ଆପ୍ ମାଧ୍ୟମରେ ଗ୍ରାହକ ଘରେ ବସି ନିଜ ପସନ୍ଦର ବ୍ରାଣ୍ଡ, ଦୋକାନ, ବୋତଲର ଆକାର ଓ ପରିମାଣ ବାଛି ଅନ୍‌ଲାଇନ୍‌ରେ ଟଙ୍କା ଦେଇପାରିବେ। ବୁକିଂ ପରେ ମିଳୁଥିବା କ୍ୟୁଆର୍ କୋଡ୍ ଦେଖାଇ ଦୋକାନରୁ ମଦ ସଂଗ୍ରହ କରିବାକୁ ପଡ଼ିବ। ଘରକୁ ମଦ ପହଞ୍ଚାଇବାର ବ୍ୟବସ୍ଥା ନାହିଁ। ବୁକିଂର ୪୮ ଘଣ୍ଟା ମଧ୍ୟରେ ମଦ ନେବାକୁ ହେବ। ଏହି ସେବା ବ୍ୟବହାର ପାଇଁ ଗ୍ରାହକଙ୍କ ବୟସ ଅତି କମ୍‌ରେ ୨୫ ବର୍ଷ ହେବା ଆବଶ୍ୟକ। ଜଣେ ବ୍ୟକ୍ତି ସର୍ବାଧିକ ୯ ଲିଟର ହ୍ୱିସ୍କି ଓ ୧୮ ଲିଟର ବିୟର କିଣିପାରିବେ। ମଦ ସଂଗ୍ରହ କରିବା ପୂର୍ବରୁ ବୁକିଂ ବାତିଲ କରିହେବ, କିନ୍ତୁ କିଣିସାରିବା ପରେ ଫେରସ୍ତ କରିବାର ସୁବିଧା ନାହିଁ। ଏହି ଆପ୍ ଦ୍ୱାରା ଦୋକାନରେ ଭିଡ଼ କମିବା ସହ ମୂଲ୍ୟ ଓ ବିଲ୍ ପ୍ରକ୍ରିୟାରେ ସ୍ୱଚ୍ଛତା ବଢ଼ିବ ବୋଲି ଅଧିକାରୀମାନେ ଆଶା କରିଛନ୍ତି।

ବିଶେଷ ଟିପ୍ପଣୀ

ଝାନୁ ତୁରନ୍ତ ଯିବା ଉଚିତ। କକ୍ରୋଚ୍ ଜନତା ପାର୍ଟି ଇଣ୍ଡିଆ ବ୍ଲକ୍‌ର ନଭେମ୍ବର ୧ ରାଲିକୁ ସମର୍ଥନ କରୁଛି। ରାଷ୍ଟ୍ର ସର୍ବୋପରି।

- ଅଭିଜିତ୍ ଦୀପ୍‌କେ (ସିଜେପି ପ୍ରତିଷ୍ଠାତା)



୨୦୧୪ ପୂର୍ବରୁ, ଆମ ଦେଶ ଗଣତାନ୍ତ୍ରିକ ଥିଲା। ବିଜେପି, ଯାହାର ମୂଳ ସଂଗଠନ ବ୍ରିଟିଶମାନଙ୍କୁ ସମର୍ଥନ କରିଥିଲା, ସେଭଳି ଦଳ ମଧ୍ୟ ପ୍ରତିବାଦ କରିପାରୁଥିଲା। ଏବେ, ଏହି ବିଶ୍ୱାସଘାତକ ଦଳ ଦେଶର ଲୋକଙ୍କୁ ଏବଂ କଂଗ୍ରେସ ନେତାମାନଙ୍କୁ ଅଟକାଇବାକୁ ଚେଷ୍ଟା କରୁଛି। ଲୋକଙ୍କ ମତଦାନ ଅଧିକାର ସୁରକ୍ଷା ଏବଂ ଦେଶରେ ସମ୍ବିଧାନକୁ ବଜାୟ ରଖିବା ପାଇଁ ଆମେ ସ୍ୱାଧୀନତାର ଦ୍ୱିତୀୟ ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ।

- ପୱନ ଖେଡ଼ା (କଂଗ୍ରେସ ରାଜ୍ୟସଭା ସାଂସଦ)

ଜେନ୍ Z

ବିଜେପି ବାରାଣସୀ ଏମ୍‌ଏଲ୍‌ସି ଆସନ ହରାଇଛି। ବନାରସର ଲୋକମାନେ ବିଜେପି ଏବଂ ପ୍ରଧାନମନ୍ତ୍ରୀଙ୍କ ଉପରେ ବିରକ୍ତ, ଅସନ୍ତୁଷ୍ଟ ରହିଥିବା ସ୍ପଷ୍ଟ। କେବଳ ଜ୍ଞାନେଶ କୁମାର ହିଁ ଏବେ ସେମାନଙ୍କୁ ରକ୍ଷା କରିପାରିବେ।

-ରୋଶନ ରାଏ @RoshanKrRaii

କଲେଜିୟମ୍‌ରେ ବି ରାଜନୈତିକ ହସ୍ତକ୍ଷେପ!

ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଲେ ଜଷ୍ଟିସ କୌଳ



ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ସୁପ୍ରିମ କୋର୍ଟ ସମେତ ବିଭିନ୍ନ ହାଇକୋର୍ଟରେ ବିଚାରପତି ନିଯୁକ୍ତି ଏବଂ ବଦଳି ପାଇଁ ଗଠିତ ହୋଇଛି କଲେଜିୟମ୍। ସୁପ୍ରିମ କୋର୍ଟର ବରିଷ୍ଠ ୫ ଜଣ ବିଚାରପତିଙ୍କୁ ନେଇ ଗଠିତ କଲେଜିୟମର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତି ତଥା କଲେଜିୟମ ସଭ୍ୟ ଜଷ୍ଟିସ ଏସକେ କୌଲ। ସେ କହିଛନ୍ତି ଯେ କଲେଜିୟମ ମଧ୍ୟ ରାଜନୈତିକ ହସ୍ତକ୍ଷେପରୁ ବର୍ତ୍ତିପାରି ନାହିଁ। ଏସଂକ୍ରାନ୍ତ ଏକ ଘଟଣାର ବର୍ଣ୍ଣନା କରିବା ସମୟରେ ସେ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡଙ୍କୁ ମଧ୍ୟ ବିବାଦ ଭିତରକୁ ଟାଣିଛନ୍ତି। ଜଷ୍ଟିସ ଚନ୍ଦ୍ରଚୂଡ଼ ମଧ୍ୟ ରାଜନୈତିକ ଚାପ ଦ୍ୱାରା ପ୍ରଭାବିତ ହୋଇଥିବା ସେ ଅଭିଯୋଗ କରିବା ସହିତ କହିଛନ୍ତି ଯେ ଏହି କାରଣରୁ ସେ ଅସନ୍ତୋଷ ପ୍ରକାଶ କରି କଲେଜିୟମ ବୈଠକରେ ଫାଇଲ ବନ୍ଦ କରିଦେଇଥିଲେ।

ଇଣ୍ଡିଆ ଟୁଡେ'କୁ ଦେଇଥିବା ସାକ୍ଷାତ୍‌କାରରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ସଞ୍ଜୟ କିଶନ କୌଲ ଏଭଳି ବିସ୍ଫୋରକ ତଥ୍ୟ ଦେଇଛନ୍ତି। ବିଚାରପତି ନିଯୁକ୍ତି ପ୍ରକ୍ରିୟା, ସରକାର ଓ ବିଚାର ବିଭାଗ ମଧ୍ୟରେ ସଂପର୍କ ଏବଂ କଲେଜିୟମର କାର୍ଯ୍ୟଶୈଳୀ ସଂପର୍କରେ ସେ ଅନେକ ପ୍ରଶ୍ନ ଉଠାଇଛନ୍ତି। ୨୦୨୩ ଜୁଲାଇର ଏକ ଘଟଣା ବିଷୟ ଉଲ୍ଲେଖ କରି ସେ କହିଛନ୍ତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ କଲେଜିୟମ ବୈଠକ ଚାଲିଥିଲା। ବୈଠକରେ ୫ ଜଣ ବିଚାରପତିଙ୍କ ନାମ ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ବୈଠକରେ ଏହାକୁ ନେଇ ସହମତି ମଧ୍ୟ ହୋଇଥିଲା। କିନ୍ତୁ ଏହାକୁ

ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କୁ ବିବାଦକୁ ଟାଣିଲେ

ନେଇ ସରକାରଙ୍କ ପକ୍ଷରୁ ଆପତ୍ତି ଉଠାଯାଇଥିଲା। ତେଣୁ ସୁପାରିସ ପାଇଁ ନାମ ଚୂଡ଼ାନ୍ତ ହେବା ପୂର୍ବରୁ ସରକାରଙ୍କ ସହ ଆଲୋଚନା ଉପରେ ଗୁରୁତ୍ୱ ଦେଇଥିଲେ ଜଷ୍ଟିସ ଚନ୍ଦ୍ରଚୂଡ଼। କିନ୍ତୁ ଜଷ୍ଟିସ ଏହାର ବିରୋଧ କରିଥିଲେ। ସେ କହିଥିଲେ ଯେ ସୁପାରିସ ପାଇଁ ନାମ ଚୂଡ଼ାନ୍ତ ହେବା ପୂର୍ବରୁ ସରକାରଙ୍କ ସହ ଆଲୋଚନା କରାଯିବା ଠିକ୍ ନୁହେଁ। ନାମ ସୁପାରିସ ହେବାପରେ ସରକାରଙ୍କ ସହ ଆଲୋଚନା କରାଯାଇପାରିବ। ଏଥିରେ ଜଷ୍ଟିସ ଚନ୍ଦ୍ରଚୂଡ଼ ରାଜି ନହେବାରୁ କଲେଜିୟମ ଆଲୋଚନାରୁ ସେ ଓହରିଯାଇଥିଲେ ବୋଲି ଜଷ୍ଟିସ କୌଲ କହିଛନ୍ତି।

ଜଷ୍ଟିସ କୌଲଙ୍କ ମତରେ, ବିଚାରପତି ନିଯୁକ୍ତି ପାଇଁ କେଉଁମାନଙ୍କ ନାମ ବାଛିବାକୁ ହେବ, ସେ ବିଷୟରେ କଲେଜିୟମ୍ ପ୍ରଥମେ ନିଜ ଭିତରେ ଆଲୋଚନା କରିବା ଉଚିତ। ଏହାପରେ ସରକାରଙ୍କ ନିକଟକୁ ନାମ ସୁପାରିସ କରାଯିବା ଦରକାର। ତତ୍କାଳୀନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ହୋଇଥିବା ବୈଠକରେ ଏହି ପ୍ରସଙ୍ଗକୁ ନେଇ ମତଭେଦ ହୋଇଥିଲା। ଜଷ୍ଟିସ୍ କୌଲ କହିଥିଲେ, ଯଦି ନିଯୁକ୍ତି ପ୍ରକ୍ରିୟା ଏମିତି ଚାଲିବ, ତେବେ ସେ ଆଉ ଏଥିରେ ଭାଗ ନେବେ ନାହିଁ। ତେବେ ଜଷ୍ଟିସ୍ କୌଲ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କର ଆପତ୍ତି କେବଳ ବିଚାରପତି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଥିଲା। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ବିଚାରପତି ଭାବେ କାର୍ଯ୍ୟ କିମ୍ବା ଅନ୍ୟ ପ୍ରଶାସନିକ କାର୍ଯ୍ୟକୁ ନେଇ ତାଙ୍କର କୌଣସି ଆପତ୍ତି ନଥିଲା।

ଜଷ୍ଟିସ୍ କୌଲଙ୍କ ଏହି ମନ୍ତବ୍ୟ ପରେ ବିଚାରପତି ନିଯୁକ୍ତିରେ ସରକାରଙ୍କ ଭୂମିକା ଏବଂ କଲେଜିୟମ୍‌ର କାର୍ଯ୍ୟପ୍ରଣାଳୀକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଜୁନ୍ ୨୦୨୨ରୁ ୨୦୨୩ ଡିସେମ୍ବରରେ ଅବସର ନେବା ପର୍ଯ୍ୟନ୍ତ ଜଷ୍ଟିସ୍ କୌଲ କଲେଜିୟମର ସଭ୍ୟ ଥିଲେ।

ସ୍ପେନରେ ଦୁଇ ଦ୍ରୁତଗାମୀ ଟ୍ରେନ୍ ମଧ୍ୟରେ ଧକ୍କା, ୬୮ ମୃତ

• ଦୁଇ ଟ୍ରେନରେ ୫୪୩ ଯାତ୍ରୀ ଥିଲେ
• ଦୁର୍ଘଟଣା ପଛରେ ମାନବୀୟ ତ୍ରୁଟି

ମାଦ୍ରିଦ୍,୨୮ ।୧୦(ଏଜେନ୍ସି): ସ୍ପେନ୍‌ରେ ବୁଧବାର ଦୁଇଟି ଦ୍ରୁତଗାମୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ଅତି କମ୍‌ରେ ୬୮ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ଏହି ଦୁର୍ଘଟଣାରେ ଆହୁରି ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଦୁର୍ଘଟଣା ପରେ ମାଦ୍ରିଦ୍‌ରୁ ଦକ୍ଷିଣ ସ୍ପେନ୍‌ର ଆଣ୍ଡାଲୁସିଆ ଅଞ୍ଚଳକୁ ସଂଯୋଗ କରୁଥିବା ଦ୍ରୁତଗାମୀ ରେଳପଥରେ ଟ୍ରେନ୍ ଚଳାଚଳ ବନ୍ଦ ରଖାଯାଇଛି। ସ୍ପେନ୍‌ର ସରକାରୀ ରେଳପଥ ପରିଚାଳନା ସଂସ୍ଥା ଆଡିଫ୍ ସୋସିଆଲ୍ ମିଡିଆରେ ଏହି ସୂଚନା ଦେଇଛି। ରେଳପଥରେ ଦୁଇଟି ଟ୍ରେନ୍ ପଛପଟୁ ଧକ୍କା ହେବା ପରେ ଯାତାୟାତ ସ୍ଥଗିତ ରଖାଯାଇଥିବା ସଂସ୍ଥା କହିଛି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ସକାଳ ପ୍ରାୟ ୯ଟାରେ ରେନ୍‌ଫେ ଓ ଇରିଓ କମ୍ପାନିର ଦୁଇଟି ଟ୍ରେନ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ଇରିଓ ଟ୍ରେନ୍‌ର ଦୁଇଟି ବଗି ରେଳଧାରଣାରୁ ଖସିଯାଇଥିବା ଜଣେ ଆଞ୍ଚଳିକ ସରକାରୀ ମୁଖପାତ୍ର କହିଛନ୍ତି। ମାନବୀୟ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ହୋଇଥିବା କୁହାଯାଉଛି। ତେବେ ତଦନ୍ତ ପରେ କାରଣ ସ୍ପଷ୍ଟ ହେବ।

ରିପୋର୍ଟ ଅନୁଯାୟୀ, ଇରିଓ କମ୍ପାନିର ଟ୍ରେନ୍‌ରେ ୧୪୬ ଜଣ ଯାତ୍ରୀଙ୍କ ସହ ଗୋଟିଏ ଶିଶୁ ଥିଲା। ଅନ୍ୟପଟେ ରେନ୍‌ଫେ ଟ୍ରେନ୍‌ରେ ୩୯୭ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ପ୍ରଭାବିତ ଯାତ୍ରୀଙ୍କୁ ସହାୟତା ଯୋଗାଉଛନ୍ତି। ସ୍ପେନ୍‌ର ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚଜ୍ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ମଧ୍ୟ ଶୋକ ପ୍ରକାଶ କରି ସ୍ପେନ୍ ଓ ଏହାର ଜନସାଧାରଣଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ସ୍ପେନ୍‌ରେ ଚଳିତ ବର୍ଷ ଜାନୁଆରୀରେ ମଧ୍ୟ ଏକ ଭୟଙ୍କର ରେଳ ଦୁର୍ଘଟଣା ଘଟିଥିଲା। ସେତେବେଳେ ଦକ୍ଷିଣ ସ୍ପେନ୍‌ରେ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇ ଅନ୍ୟ ଏକ ଟ୍ରେନ୍ ସହ ଧକ୍କା ହେବାରୁ ୪୫ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଇସ୍ରାଏଲ୍ ନିର୍ବାଚନ: କ୍ଷମତା ହରାଇବେ ନେତନ୍ୟାହୁ

ନିର୍ବାଚନରେ ଆରବ ଦଳଙ୍କ ଗୁରୁତ୍ୱ ବୃଦ୍ଧି

ଜେରୁଜେଲମ୍,୨୮ ।୧୦(ଏଜେନ୍ସି): ଇସ୍ରାଏଲ୍‌ରେ ସଂସଦ ନିର୍ବାଚନ ପରେ ସରକାର ଗଠନକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଗାଦି ଆଇଜେନକୋଟ୍‌ଙ୍କ ନେତୃତ୍ୱାଧୀନ ଦୁଇ ପ୍ରମୁଖ ମେଣ୍ଟ ଆବଶ୍ୟକ ସଂଖ୍ୟାଗରିଷ୍ଠତାଠାରୁ ପଛରେ ରହିଛନ୍ତି। ଏଭଳି ସ୍ଥିତିରେ ଦୀର୍ଘଦିନ ଧରି ରାଜନୈତିକ ଭାବେ ଅଣଦେଖା ହୋଇଆସୁଥିବା ଆରବ ଦଳଗୁଡ଼ିକ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି। ରିପୋର୍ଟ ଅନୁଯାୟୀ, ଏଥର ଇସ୍ରାଏଲ୍‌ରେ ୭୭.୭ ପ୍ରତିଶତ ମତଦାନ ହୋଇଛି, ଯାହା ୧୯୯୯ ପରଠାରୁ ସର୍ବାଧିକ। ଆରବ ସମ୍ପ୍ରଦାୟ ମଧ୍ୟରେ ମତଦାନ ହାର ବଢ଼ିଛି। ଜଏଣ୍ଟ ଲିଷ୍ଟ ଓ ରାମ୍ ଦଳ ମିଳିତ ଭାବେ ୧୭ରୁ ୧୯ଟି ଆସନ ପାଇପାରନ୍ତି ବୋଲି ଆକଳନ କରାଯାଇଛି। ଇସ୍ରାଏଲ୍‌ର ସଂସଦରେ ସଂଖ୍ୟାଗରିଷ୍ଠତା ପାଇଁ ୬୧ଟି ଆସନ ଆବଶ୍ୟକ। କିନ୍ତୁ ଦୁଇ ପ୍ରମୁଖ ମେଣ୍ଟ ପ୍ରାୟ ୫୧ରୁ ୫୫ଟି ଆସନ ପାଇବାର ଆକଳନ ରହିଛି। ରାମ୍ ଦଳର ନେତା ମନସୁର ଆବାସ୍ ନେତାନ୍ୟାହୁଙ୍କୁ କ୍ଷମତାରୁ ହଟାଇବା ଏବଂ ସରକାରରେ ଭାଗୀଦାର ହେବା ନେଇ ଆଗ୍ରହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆଇଜେନକୋଟ୍ ମେଣ୍ଟ ପାଇଁ ଇସ୍ରାଏଲ୍‌କୁ ୟିହୁଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସ୍ୱୀକାର କରିବା ସହ ହମାସ୍‌କୁ ନିନ୍ଦା କରିବା ଭଳି ସର୍ତ୍ତ ରଖିଛନ୍ତି। ଏହି ସର୍ତ୍ତ ଓ ଆଦର୍ଶଗତ ମତଭେଦ ଯୋଗୁଁ ମେଣ୍ଟ ଆଲୋଚନା ଜଟିଳ ହୋଇପାରେ। ସରକାର ଗଠନ ପାଇଁ ଆଗାମୀ ଦିନରେ ଦୀର୍ଘ ରାଜନୈତିକ ଆଲୋଚନା ହେବାର ସମ୍ଭାବନା ରହିଛି।

ନିର୍ବାଚନ ପରବର୍ତ୍ତୀ ଜନମତ ସର୍ଭେରେ ନେତାନ୍ୟାହୁଙ୍କ ମେଣ୍ଟ ପଛରେ ପଡ଼ିଥିବାର ସଙ୍କେତ ମିଳିଛି। ତଥାପି କିଏ ସରକାର ଗଢ଼ିବ, ତାହା ସ୍ପଷ୍ଟ ହୋଇନାହିଁ। ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ମେଣ୍ଟ ଗଠନ କରିପାରିବେ କି ନାହିଁ, ତାହା ଉପରେ ଇସ୍ରାଏଲ୍‌ର ଆଗାମୀ ରାଜନୈତିକ ଦିଗ ନିର୍ଭର କରିବ।

ସଂକ୍ଷିପ୍ତ

ହାରିବା ପରେ ବ୍ରାଜିଲ୍ ଛାଡ଼ି ପଳାଇଲେ ଫ୍ଲାଭିଓ

ନୂଆଦିଲ୍ଲୀ, ୨୮ ।୧୦ (ଏଜେନ୍ସି): ବ୍ରାଜିଲ୍ ରାଷ୍ଟ୍ରପତି ନିର୍ବାଚନରେ ପରାଜୟ ପରେ ଦକ୍ଷିଣପନ୍ଥୀ ନେତା ଫ୍ଲାଭିଓ ବୋଲସୋନାରୋ ଆମେରିକା ଯାଇଥିବା ଖବର ମିଳିଛି। ତାଙ୍କ ସହ ପତ୍ନୀ ଓ ଦୁଇ ଝିଅ ମଧ୍ୟ ଯାଇଥିବା ରିପୋର୍ଟରେ କୁହାଯାଇଛି। ସେ ଆମେରିକାରେ ରାଜନୈତିକ ଶରଣ ମାଗିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରବିବାର ନିର୍ବାଚନରେ ଫ୍ଲାଭିଓଙ୍କୁ ୪୮ ପ୍ରତିଶତ ଭୋଟ୍ ମିଳିଥିବା ବେଳେ ବିଜୟୀ ଲୁଲା ଦା ସିଲଭା ୫୨ ପ୍ରତିଶତ ଭୋଟ୍ ପାଇଛନ୍ତି। ଫ୍ଲାଭିଓ ଫଳାଫଳକୁ ଗ୍ରହଣ କରିନଥିବା ଖବର ମିଳିଛି। ଦୁର୍ନୀତି, ଅର୍ଥ ହେରଫେର ଓ ଟିକସ ଫାଙ୍କି ମାମଲାର ତଦନ୍ତ ଚାଲିଥିବାରୁ ସୁପ୍ରିମକୋର୍ଟ ତାଙ୍କୁ ୨୪ ଘଣ୍ଟା ମଧ୍ୟରେ ପାସପୋର୍ଟ ଦାଖଲ କରିବାକୁ କହିଥିଲେ। ପାସପୋର୍ଟ ଦାଖଲ ନହେବାରୁ କର୍ତ୍ତୃପକ୍ଷ ତାହା ବାତିଲ କରିଥିବା ରିପୋର୍ଟରେ ଦାବି କରାଯାଇଛି।

ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ଗିରଫ

କୋଲକାତା,୨୮ ।୧୦(ଏଜେନ୍ସି): ଅର୍ଥ ହେରଫେର ମାମଲାରେ ପଶ୍ଚିମବଙ୍ଗର ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ଇନ୍ଦ୍ରନୀଲ ସେନଙ୍କୁ ବୁଧବାର କୋଲକାତା ପୁଲିସ ଗିରଫ କରିଛି। ଦୁର୍ଗାପୂଜାର ପ୍ରତିମା ଦର୍ଶନ ପାଇଁ ଆୟୋଜିତ ପୂର୍ବାବଲୋକନ କାର୍ଯ୍ୟକ୍ରମରେ କଥିତ ଆର୍ଥିକ ଅନିୟମିତତାକୁ ନେଇ ଏହି ମାମଲାର ତଦନ୍ତ ଚାଲିଛି। ସେନଙ୍କ ପତ୍ନୀ ମଧୁଛନ୍ଦା ସେନଙ୍କ ସହ ଜଡ଼ିତ 'ମାସ୍ ଆର୍ଟ' ସଂସ୍ଥା ଏହି ତଦନ୍ତର କେନ୍ଦ୍ରରେ ରହିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅନୁଯାୟୀ, ୨୦୨୩ ଓ ୨୦୨୪ରେ ଏହି କାର୍ଯ୍ୟକ୍ରମ ପାଇଁ ଲକ୍ଷାଧିକ ଟିକେଟ୍ ବିକ୍ରି ହୋଇଥିଲା। ଟିକେଟ୍ ମୂଲ୍ୟ ୧,୭୪୯ରୁ ୫,୪୯୯ ଟଙ୍କା ମଧ୍ୟରେ ଥିଲା। ଇଡି ଅଭିଯୋଗ କରିଛି ଯେ ଏହି ଅର୍ଥର କିଛି ଅଂଶ ନଗଦ ଉଠାଣ ଓ ଅନ୍ୟାନ୍ୟ ଖର୍ଚ୍ଚ ଭାବେ ଦର୍ଶାଯାଇଥିଲା।

ହରଦୀପଙ୍କୁ ରାଜ୍ୟସଭା ପ୍ରାର୍ଥୀ କଲା ବିଜେପି

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ମଧ୍ୟପ୍ରଦେଶରେ ନଭେମ୍ବର ୧୨ରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ପ୍ରାର୍ଥୀ କରିଛି ବିଜେପି। ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ତାଙ୍କ ନାମରେ ମୋହର ମାରିଛି। ଆଗାମୀ ସପ୍ତାହଗୁଡ଼ିକରେ କେନ୍ଦ୍ର କ୍ୟାବିନେଟ୍‌ରେ ଅଦଳବଦଳ ହେବା ନେଇ ଚର୍ଚ୍ଚା ମଧ୍ୟରେ ଏହି ଘୋଷଣା ହୋଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏଲ୍ ମୁରୁଗନ୍ ଅକ୍ଟୋବର ୧୪ରେ ରାଜ୍ୟସଭା ସଦସ୍ୟତା ଓ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଏହି ଆସନ ଖାଲି ପଡ଼ିଥିଲା।

ପାଇଲଟ୍ ସ୍ମିତ ମଛାର ସମ୍ମାନିତ

ଦୁବାଇ,୨୮ ।୧୦(ଏଜେନ୍ସି): ବିମାନ ଭିତରେ ଗୁରୁତର ଆକ୍ରମଣ ସତ୍ତ୍ୱେ ଯାତ୍ରୀଙ୍କ ଜୀବନ ରକ୍ଷା କରି ସାହସିକତାର ପରିଚୟ ଦେଇଛନ୍ତି ଫ୍ଲାଇଦୁବାଇର ପାଇଲଟ୍ ସ୍ମିତ ମଛାର ଓ ତାଙ୍କ ଦଳ। ଏଥିପାଇଁ ୟୁଏଇ ସରକାର ସେମାନଙ୍କୁ ସମ୍ମାନିତ କରିଛନ୍ତି। ଅନ୍ୟପକ୍ଷରେ, ଇସ୍ରାଏଲ୍ ମଧ୍ୟ ପାଇଲଟ୍‌ଙ୍କୁ ନାଗରିକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିଛି। ମଙ୍ଗଳବାର ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍ ପାଇଲଟ୍ ଓ ଦଳକୁ 'ଅର୍ଡର ଅଫ୍ ଜାଏଦ୍ ଦ୍ୱିତୀୟ'ର ପ୍ରଥମ ଶ୍ରେଣୀ ସମ୍ମାନ ପ୍ରଦାନ କରିଛନ୍ତି।

ବିଧାନ ପରିଷଦ ନିର୍ବାଚନ ପରେ ରାଜନୀତି ତେଜିଲା

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ଚାରିଟି ରାଜ୍ୟର ୨୮ଟି ବିଧାନ ପରିଷଦ ଆସନ ପାଇଁ ହୋଇଥିବା ଦ୍ୱିବାର୍ଷିକ ନିର୍ବାଚନ ଫଳାଫଳ ଘୋଷଣା ହେବାପରେ ରାଜନୈତିକ ବୟାନବାଜି ଜୋର ଧରିଛି। ନିର୍ବାଚନରେ କଂଗ୍ରେସ ଗୋଟିଏ ବି ଆସନ ଜିତନିବା ବେଳେ ସର୍ବାଧିକ ଆସନ ବିଜେପି ନେତୃତ୍ୱାଧୀନ ଏନଡିଏକୁ ଯାଇଛି। କଂଗ୍ରେସର ଏଭଳି ନୈରାଶ୍ୟଜନକ ପ୍ରଦର୍ଶନ ନେଇ ପ୍ରଧାନମନ୍ତ୍ରୀ ଏହି ଦଳକୁ କଟାକ୍ଷ କରିଛନ୍ତି। ଅପରପକ୍ଷରେ ଉତ୍ତର ପ୍ରଦେଶର ବାରଣାସୀ ଆସନରେ ମୁଖ୍ୟ ବିରୋଧୀ ଦଳ ସମାଜବାଦୀ ପାର୍ଟି ଏହାର ଦବଦବା ବଜାୟ ରଖିଥିବାରୁ ବିଜେପି ଅଡୁଆରେ ପଡ଼ିଯାଇଛି।

ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଏହି ନିର୍ବାଚନ ହୋଇଥିଲା। କର୍ଣ୍ଣାଟକରେ ଶାସକ କଂଗ୍ରେସ ପାଇଁ ଏହି ଫଳାଫଳ ଏକ ବଡ଼ ଝଟ୍‌କା ହୋଇଛି। ରାଜ୍ୟର ସମସ୍ତ ୪ଟି ଆସନରେ ବିଜେପି–ଜେଡିଏସ୍ ମେଣ୍ଟ ବିଜୟୀ ହୋଇଛି। ଏଥିରେ କଂଗ୍ରେସ ଜିତିବ କଣ ଗୋଟିଏ ହାସନ ହରାଇଛି। ଉତ୍ତରପ୍ରଦେଶ, ବିହାର ଓ ମହାରାଷ୍ଟ୍ରରେ ମଧ୍ୟ କଂଗ୍ରେସ କୌଣସି ଆସନ ଜିତିପାରିନାହିଁ। ଉତ୍ତରପ୍ରଦେଶରେ ୧୧ଟି ଆସନ ପାଇଁ ନିର୍ବାଚନ ହୋଇଛି। ତିନିଟି ଆସନରେ ବିଜେପି ନିଜର ସ୍ଥିତି ବଜାୟ ରଖିଥିବା ବେଳେ ବାରାଣସୀ ଶିକ୍ଷକ ଓ ଆଗ୍ରା ଶିକ୍ଷକ ଆସନରେ ସମାଜବାଦୀ ପାର୍ଟି ବିଜୟୀ ହୋଇଛି। ସମାଜବାଦୀ ପାର୍ଟି (ଏସ୍‌ପି) ବାରାଣସୀର ଦୁଇଟି ଆସନରେ ଭଲ ପ୍ରଦର୍ଶନ କରିଛି। ବାରାଣସୀ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକସଭା ନିର୍ବାଚନମଣ୍ଡଳୀ। ଏଠାରେ ଶିକ୍ଷକ ନିର୍ବାଚନମଣ୍ଡଳୀର ଆସନକୁ ଏସ୍‌ପି ନିଜ ପାଖରେ ରଖିବା ସହ ସ୍ନାତକ ନିର୍ବାଚନମଣ୍ଡଳୀରେ ମଧ୍ୟ ବଡ଼ ବିଜୟ ଆଡ଼କୁ ଅଗ୍ରସର ହୋଇଛି। ମୋଟ ୧୧ଟି ବିଧାନ ପରିଷଦ ଆସନ ପାଇଁ ହୋଇଥିବା ନିର୍ବାଚନରେ ବିଜେପି ୫ଟି ଆସନ ଜିତିଥିବା ବେଳେ ଆଉ ଗୋଟିଏ ଆସନରେ ଆଗରେ ରହିଛି। ଏସ୍‌ପି ଆଗ୍ରା ଶିକ୍ଷକ ଆସନରେ ମଧ୍ୟ ବିଜୟୀ ହୋଇଛି। ବିହାରର ୮ଟି ଆସନ ମଧ୍ୟରୁ ପାଟନା ଶିକ୍ଷକ ଆସନରେ ରାଷ୍ଟ୍ରୀୟ ଜନତା ଦଳ, ତିରହୁତ ଶିକ୍ଷକ ଆସନରେ ବିଜେପି ବିଜୟୀ ହୋଇଛି। ଦରଭଙ୍ଗାରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ପ୍ରଥମଥର ପାଇଁ ବିଧାନ ପରିଷଦ ଆସନ ଜିତିଛି। ସେହିଭଳି ମହାରାଷ୍ଟ୍ରର ୫ଟି ଆସନରେ ମଧ୍ୟ ଭୋଟ୍ ଗଣତି ଜାରି ରହିଥିବା ବେଳେ ଶାସକ ମହାଯୁତି ମେଣ୍ଟ ଓ ବିରୋଧୀ ମହା ବିକାଶ ଆଘାଡ଼ି ମଧ୍ୟରେ ମୁକାବିଲା ହୋଇଛି। ତିନିଟିରେ ଶାସକ ମେଣ୍ଟ ଆଗୁଆ ଥିବା ବେଳେ ଦୁଇଟିରେ ଏନସିପି -ଶରଦ ପ୍ରାର୍ଥୀ ଆଗୁଆ ରହିଛନ୍ତି।

ସାଧା ଖାଦ୍ୟ ଦାମ୍ ବଢୁଛି, ଆମିଷ ଖାଦ୍ୟରେ କମ୍ ବୃଦ୍ଧି

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ଘରେ ତିଆରି ନିରାମିଷ ଖାଦ୍ୟ ଥାଳିର ଖର୍ଚ୍ଚ ଆମିଷ ଖାଦ୍ୟ ତୁଳନାରେ ଅଧିକ ଦ୍ରୁତ ଗତିରେ ବଢୁଛି। ପିଆଜ, ଚାଉଳ, ରନ୍ଧନ ତେଲ ଓ ରନ୍ଧନ ଗ୍ୟାସ୍‌ର ଦାମ୍ ବୃଦ୍ଧି ଏହାର ମୁଖ୍ୟ କାରଣ ବୋଲି କ୍ରିସିଲ୍ ଇଣ୍ଟେଲିଜେନ୍ସର ଏକ ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ୨୦୨୫ ସେପ୍‌ଟେମ୍ବର ତୁଳନାରେ ୨୦୨୬ ସେପ୍ଟେମ୍ବରରେ ନିରାମିଷ ଖାଦ୍ୟ ଥାଳି ପ୍ରସ୍ତୁତି ଖର୍ଚ୍ଚ ୧୦ ପ୍ରତିଶତ ବଢ଼ିଛି। ଅନ୍ୟପଟେ ଆମିଷ ଖାଦ୍ୟ ଥାଳିର ଖର୍ଚ୍ଚ ୬ ପ୍ରତିଶତ ବୃଦ୍ଧି ପାଇଛି। ଗୋଟିଏ ନିରାମିଷ ଥାଳି ପ୍ରସ୍ତୁତ କରିବାକୁ ଗତବର୍ଷ ସେପ୍‌ଟେମ୍ବରରେ ୨୮ ଟଙ୍କା ୧୦ ପଇସା ଖର୍ଚ୍ଚ ହେଉଥିବା ବେଳେ ଏବେ ଏହା ୩୦ ଟଙ୍କା ୮୦ ପଇସାକୁ ବୃଦ୍ଧି ପାଇଛି। ସେହିପରି ଆମିଷ ଥାଳିର ଖର୍ଚ୍ଚ ୫୬ ଟଙ୍କାରୁ ବଢ଼ି ୫୯ ଟଙ୍କା ୫୦ ପଇସା ହୋଇଛି। ଗତବର୍ଷ ତୁଳନାରେ ସେପ୍‌ଟେମ୍ବରରେ ପିଆଜ ଦାମ୍ ୮୯ ପ୍ରତିଶତ ବଢ଼ି କିଲୋ ପିଛା ୫୩ ଟଙ୍କା ହୋଇଛି। ଚାଉଳ ଦାମ୍ ୮ ପ୍ରତିଶତ, ରନ୍ଧନ ତେଲ ୧୨ ପ୍ରତିଶତ ଓ ରନ୍ଧନ ଗ୍ୟାସ୍‌ର ଦାମ୍ ୧୦ ପ୍ରତିଶତ ବଢ଼ିଛି। ଏହାଦ୍ୱାରା ନିରାମିଷ ଖାଦ୍ୟ ପ୍ରସ୍ତୁତି ଖର୍ଚ୍ଚ ବଢ଼ିଛି। ଆମିଷ ଥାଳିର ଖର୍ଚ୍ଚର ପ୍ରାୟ ଅଧା ଭାଗ ଚିକେନ୍ ପାଇଁ ହୋଇଥାଏ। କିନ୍ତୁ ଗତବର୍ଷ ତୁଳନାରେ ଚିକେନ୍ ଦାମ୍ ମାତ୍ର ୨ ପ୍ରତିଶତ ବଢ଼ିଛି। ତେଣୁ ଆମିଷ ଥାଳିର ମୋଟ ଖର୍ଚ୍ଚ ଅପେକ୍ଷାକୃତ କମ୍ ବଢ଼ିଛି। କ୍ରିସିଲ୍ ଅନୁମାନ କରିଛି ଯେ, ଅକ୍ଟୋବର ଶେଷ ଆଡ଼କୁ ନୂଆ ପିଆଜ ବଜାରକୁ ଆସିଲେ ଦାମ୍ କମିପାରେ। ତେବେ ଚାଉଳ, ତେଲ ଓ ଗ୍ୟାସ୍‌ର ଦାମ୍ ଉପରେ ଘରୋଇ ଖାଦ୍ୟ ଖର୍ଚ୍ଚ ନିର୍ଭର କରିବ।

ଡବ୍ଲ୍ୟୁପିଏଲ୍ ନିଲାମୀ
ଉମା ସର୍ବକନିଷ୍ଠା
▶କ୍ରୀଡ଼ା ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-124 ♦THURSDAY ♦29 OCTOBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୧୨୪ ♦ଗୁରୁବାର ♦୨୯ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଥମିଲା ବାତ୍ୟା
ଦକ୍ଷିଣରେ ବର୍ଷାର ତାଣ୍ଡବ
'ଫ୍ଲାସ୍ ଫ୍ଲଡ୍'ରେ ଧୋଇଗଲା ଘାଟୀ ରାସ୍ତା

ମନ୍ଥର ଗତିରେ 'ଅର୍ଣ୍ଣବ' ଛତିଶଗଡ଼ ମୁହାଁ

■ ଭୁବନେଶ୍ୱର, ୨୮।୧୦ (ସମିସ): ସ୍ଥଳଭାଗ ପ୍ରବେଶ କରିବା ପରେ ଘଣ୍ଟାପ୍ରତି ୮ କିମି ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରୁଥିବା ଅର୍ଣ୍ଣବ ଅତ୍ୟଧିକ ଦୁର୍ବଳ ହୋଇଛି। ବୁଧବାର ମଧ୍ୟରାତ୍ରରେ ଏହା ଗଭୀର ଅବପାତରେ ପରିଣତ ହୋଇ ଛତିଶଗଡ଼ ମୁହାଁ ହୋଇଛି। ଆନ୍ଧ୍ର ପ୍ରଦେଶର ୟାନାମ ନିକଟରେ ବାତ୍ୟା ଅର୍ଣ୍ଣବ ସ୍ଥଳଭାଗ ଅତିକ୍ରମ କରିଥିଲେ ମଧ୍ୟ ସାରା ଓଡ଼ିଶା ଏହାଦ୍ୱାରା ପ୍ରଭାବିତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ଆଣ୍ଡମାନ ସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଅଧିକ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ଯଦିଓ ବିଭିନ୍ନ ମଡେଲ୍ ଏହି ଲଘୁଚାପ ଘନୀଭୂତ ହୋଇପାରେ ବୋଲି ଆକଳନ କରୁଛନ୍ତି, ମାତ୍ର ଆଉ ଦୁଇ ଦିନ ପରେ ଏହା ସ୍ପଷ୍ଟ ହେବ ବୋଲି

ପଶ୍ଚିମ ଓଡ଼ିଶାର ୩ ଜିଲ୍ଲାକୁ ବର୍ଷା ବିପଦ
ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ

ପୂର୍ବାନୁମାନ କରାଯାଇଛି। ଯଦି ଏହି ଲଘୁଚାପ ସୃଷ୍ଟି ହେବା ସହ ଘନୀଭୂତ ହୁଏ, ତେବେ ଆସନ୍ତା ନଭେମ୍ବର ୩-୪ ତାରିଖ ମଧ୍ୟରେ ଏହା ସ୍ଥଳଭାଗ ନିକଟତର ହେବାର ଆଶଙ୍କା ରହିଛି।

ମଙ୍ଗଳବାର ରାତି ପ୍ରାୟ ୨ ଟା ବେଳେ ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଆନ୍ଧ୍ରପ୍ରଦେଶର ୟାନମ ଉପକୂଳ ନିକଟରେ ସ୍ଥଳଭାଗକୁ ପ୍ରବେଶ କରିଥିଲା। ମାତ୍ର ଏହି ସମୟରେ ବାତ୍ୟାର ଗତି ମନ୍ଥର ହୋଇଯାଇଥିଲା। ଘଣ୍ଟାପ୍ରତି ମାତ୍ର ୧୫ରୁ ୨୦ କିଲୋମିଟର ଗତିରେ ଅଗ୍ରସର ହେଉଥିବା ଅର୍ଣ୍ଣବର ବେଗ ଉପକୂଳ ନିକଟତର ହେବା ବେଳକୁ ୪ କିମିକୁ ଖସି ଆସିଥିଲା। ଫଳରେ ସ୍ଥଳଭାଗ ଅତିକ୍ରମ କରିବାକୁ ବାତ୍ୟାକୁ ପ୍ରାୟ ୯ ଘଣ୍ଟା ଲାଗିଥିଲା ଓ ବୁଧବାର ସକାଳ ପ୍ରାୟ ୧୧ ଟା ବେଳକୁ ଏହା ସମ୍ପୂର୍ଣ୍ଣ ଭାବେ ସ୍ଥଳଭାଗକୁ ପ୍ରବେଶ କରିଥିଲା। ବାତ୍ୟା ସ୍ଥଳଭାଗକୁ ପ୍ରବେଶ କରି ସାରିଥିଲେ ମଧ୍ୟ ବୁଧବାର ସନ୍ଧ୍ୟା ସୁଦ୍ଧା ଏହା ଆନ୍ଧ୍ର ପ୍ରଦେଶ ଉପକୂଳରେ କେନ୍ଦ୍ରୀଭୂତ ରହିଛି। ଫଳସ୍ୱରୂପ ବାତ୍ୟାର ଉତ୍ତର ଦିଗରେ ରହିଥିବା ପ୍ରଚୁର ମେଘଖଣ୍ଡ ଓଡ଼ିଶାକୁ ଢାଙ୍କି ରଖିବା ସହ ଦିନ ତମାମ୍ ▶ପୃଷ୍ଠା-୭

ମହାପ୍ରଭୁଙ୍କ ଆଶୀର୍ବାଦରୁ 'ଶୂନ୍ୟ ଜୀବନହାନି': ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୮।୧୦ (ସମିସ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ 'ଶୂନ୍ୟ ଜୀବନହାନି' ଲକ୍ଷ୍ୟ ହାସଲରେ ଆମେ ସଫଳ ହୋଇଛୁ। ବର୍ତ୍ତମାନ ସୁଦ୍ଧା କୌଣସି ଜୀବନହାନିର ସୂଚନା ନାହିଁ। ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କଣ୍ଟ୍ରୋଲ୍ ରୁମ୍‌ରେ ବାତ୍ୟା 'ଅର୍ଣ୍ଣବ' ପରିଚାଳନାର ସମୀକ୍ଷା କରିବା ପରେ ଗଣମାଧ୍ୟମ

ପ୍ରତି ମୁହୂର୍ତ୍ତରେ ସ୍ଥିତି ପଚାରି ବୁଝୁଥିଲେ ଶାହା

ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାତ୍ୟା ପୂର୍ବରୁ ଓ ବାତ୍ୟା ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ତାଙ୍କ ସହ ଅନେକ ଥର ଫୋନରେ କଥା ହୋଇ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସରକାର ମଧ୍ୟ ଆନ୍ଧ୍ର ସରକାରଙ୍କ ସହିତ ଯୋଗାଯୋଗରେ ଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଏସ୍‌ଆରସିଙ୍କ କଣ୍ଟ୍ରୋଲ୍ ରୁମ୍‌ରେ ▶ପୃଷ୍ଠା-୭

ନିର୍ବାଚନ କମିସନ ଉପରେ ବର୍ଷିଲେ ସୁପ୍ରିମକୋର୍ଟ
ପରିବର୍ତ୍ତନ ହୋଇପାରିବନି ଫର୍ମ ୬,୭ ଓ ୮

ଦିଲ୍ଲୀ ଏସଆଇଆର ପାଇଁ ଏତେ ତରବର କାହିଁକି?

■ ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍‌କୁ ନେଇ ବିବାଦରେ ଛନ୍ଦି ହୋଇପଡ଼ିଥିବା ଭାରତର ନିର୍ବାଚନ କମିସନଙ୍କୁ ଆଜି ସୁପ୍ରିମ କୋର୍ଟରେ ଭର୍ତ୍ସିତ ହେବାକୁ ପଡ଼ିଛି। ମନଇଚ୍ଛା କାମକୁ ନେଇ ସୁପ୍ରିମ କୋର୍ଟ ଆଜି କମିସନଙ୍କ ଉପରେ ଭୀଷଣ ବିରକ୍ତି ପ୍ରକାଶ କରିବା ସହିତ ସ୍ପଷ୍ଟ କରିଛନ୍ତି ଯେ ଭୋଟର ତାଲିକା ସଂକ୍ରାନ୍ତ ଫର୍ମ ୬, ୭ ଏବଂ ୮କୁ ନିର୍ବାଚନ କମିସନ ବଦଳାଇପାରିବେ ନାହିଁ। ଯେଉଁମାନଙ୍କର ନାମ ଭୋଟର ତାଲିକାରେ ରହିଛି, ସେମାନଙ୍କୁ ଫର୍ମ-୬ ପୂରଣ ଲାଗି କାହିଁକି କୁହାଯାଉଛି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ନୂଆ ଭୋଟର ପଞ୍ଜୀକରଣ ଲାଗି ଫର୍ମ-୬ ଉଦ୍ଦିଷ୍ଟ ଥିବା ବେଳେ ତାଲିକାଭୁକ୍ତ ଥିବା ଭୋଟରମାନଙ୍କୁ ଏହି ଫର୍ମ ପୂରଣ କରିବା ଲାଗି କାହିଁକି କମିସନ ଜୋର ଦେଉଛନ୍ତି ? ଏସ୍‌ଆଇଆର ବେଳେ ଫର୍ମ-୬,୭ ଓ ୮ର ଦୁରୁପଯୋଗ ନେଇ ବିଭିନ୍ନ ସଂଗଠନ ଓ ବିରୋଧୀ ଦଳ ନିର୍ବାଚନ କମିସନଙ୍କୁ ଘେରୁଥିବା ବେଳେ କମିସନଙ୍କୁ ସୁପ୍ରିମ କୋର୍ଟଙ୍କ ଏଭଳି ତାଗିଦ କରିବା ଘଟଣା ଏସ୍‌ଆଇଆର ପ୍ରକ୍ରିୟାର ସ୍ୱଚ୍ଛତାକୁ ▶ପୃଷ୍ଠା-୭

ପଛରେ ପଡ଼ିଲେ ଟାଟା ଓ ଆଦାନୀ ଗ୍ରୁପ୍
ରିଲାଏନ୍ସ ଗ୍ରୁପ୍ ଦେଶରେ ଏକ ନମ୍ବର

■ ମୁମ୍ବାଇ, ୨୮।୧୦ (ସମିସ): ସେୟାର ବଜାରରେ ଜିଓ ପ୍ଲାଟଫର୍ମସ୍‌ର ଧମାକାଦାର ପ୍ରବେଶ ଦେଶର ବୃହତ୍ ବ୍ୟବସାୟିକ ଗୋଷ୍ଠୀର ସାରଣୀରେ ବଡ଼ ପରିବର୍ତ୍ତନ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓ ପ୍ଲାଟଫର୍ମସ୍‌ର ମିଳିତ ବଜାର ମୂଲ୍ୟ ୨୮.୭ ଲକ୍ଷ କୋଟି

ଘଟିଛି। ବୁଧବାର ରିଲାଏନ୍ସ ଜିଓର ଶେୟାର ୧,୩୫୮ ଟଙ୍କା ମୂଲ୍ୟରେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବା ମାତ୍ରେ ଟାଟା ଗ୍ରୁପକୁ ପଛରେ ପକାଇ ରିଲାଏନ୍ସ ଗ୍ରୁପ ଶୀର୍ଷସ୍ଥାନରେ ପହଞ୍ଚିଛି। ଜିଓର ଲିଷ୍ଟିଂ ପରେ ରିଲାଏନ୍ସ ସମୂହର ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମିଳିତ ମାର୍କେଟ୍ କ୍ୟାପ୍ ୨୮.୯ ଲକ୍ଷ କୋଟି ଟଙ୍କା ହୋଇଛି। ନୂତନ ତାଲିକାରେ ୨୫.୬ ଲକ୍ଷ କୋଟି ଟଙ୍କାର ମାର୍କେଟ୍ କ୍ୟାପ୍ ସହ ଟାଟା ▶ପୃଷ୍ଠା-୭

ନଭେମ୍ବର ୧୮ ରୁ ଶୀତ ଅଧିବେଶନ

■ ଭୁବନେଶ୍ୱର, ୨୮।୧୦ (ସମିସ): ଆସନ୍ତା ନଭେମ୍ବର ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଅଷ୍ଟମ ଅର୍ଥାତ୍ ଶୀତ ଅଧିବେଶନ ଆରମ୍ଭ ହେବ। ୧୮ ତାରିଖରୁ ଆରମ୍ଭ ହୋଇ ଏହା ଡିସେମ୍ବର ୩୧ ତାରିଖ

୩୩ କାର୍ଯ୍ୟ ଦିବସ, ପ୍ରଥମ ଦିନରେ ଅତିରିକ୍ତ ବଜେଟ

ଯାଏଁ ଚାଲିବ। ଅଧିବେଶନରେ ମୋଟ ୩୩ଟି କାର୍ଯ୍ୟଦିବସ ଥିବାବେଳେ ମୋଟ ୬ଟି କାର୍ଯ୍ୟଦିବସ ବେସରକାରୀ ସଭ୍ୟଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଅଧିବେଶନ ପ୍ରଥମ ଦିନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ବିବରଣୀ(ଅତିରିକ୍ତ ବଜେଟ) ଗୃହରେ ଉପସ୍ଥାପିତ ହେବ। ▶ପୃଷ୍ଠା-୭

ଓଲଟ ପାଲଟ

ଜଗତର ନାଥ ଆହେ ଜଗନ୍ନାଥ
ତୁମ ମହିମା ଅପାର
ଅର୍ଣ୍ଣବ ସନ୍ଧ୍ୟାରେ ନୀଳଚକ୍ର ପରେ
ଦେଖାଇଲ ଚମତ୍କାର
ବରଷା ମାଡ଼ରେ ମାରି ଘଡ଼ଘଡ଼ି
ହେଲା ସିନା ବଜ୍ରପାତ
ଦୀପ ଲିଭିଲାନି ଫରଫର
ଉଡୁଥିଲା ନୀଳଚକ୍ର ନେତ
ମହାବାତ୍ୟା ବେଳେ ରକ୍ଷା କରିଥିଲ
ଦୁଇ ବାହୁ ମେଲିଦେଇ
ତୁମ ପରି ପ୍ରଭୁ ଚମତ୍କାରୀ ଦିଅଁ
ମହୀମଣ୍ଡଳରେ ନାହିଁ ?

- *ଯାଯାବର*

ଧୂଆଁ-ନିଆଁରେ ଚାଲିଗଲା ୩ ଜୀବନ

ଜେନେରେଟର ଧୂଆଁରେ ୨ ମୃତ

■ କେନ୍ଦୁଝର, ୨୮।୧୦ (ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ନୟାକୋଟ ଥାନା ସୁଡଙ୍ଗ ଗ୍ରାମରେ ଗତକାଲି ରାତିରେ ଜେନେରେଟର ଧୂଆଁରେ ଅଣନିଃଶ୍ୱାସୀ ହୋଇ ୨ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଏହି ଅଘଟଣରେ ଆଉ ୩ ଜଣ ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ

୩ ଗୁରୁତର

ହେଉଛନ୍ତି। ମୃତକଦ୍ୱୟ ହେଲେ ନିତୁ ସାଉନ୍ତ (୨୦) ଓ ରାଜେନ୍ଦ୍ର ସାଉନ୍ତ(୧୬)। ଜଗନ୍ନାଥ ଗିରି(୨୧), ପ୍ରଶାନ୍ତ ଦେହୁରୀ(୨୦) ଏବଂ ନିରଦାସ ଦେହୁରୀ(୨୧) ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ନିରଦାସ ଦେହୁରୀଙ୍କ ଘର ସୁନ୍ଦରଗଡ ଜିଲ୍ଲା କୋଇଡା ଥାନା ତିନ୍ତୋ ଗ୍ରାମରେ ▶ପୃଷ୍ଠା-୭

ପେଟ୍ରୋଲ ପମ୍ପ୍‌ରେ ବିସ୍ଫୋରଣ; ବୃଦ୍ଧ ମୃତ

■ ନୀଳଗିରି, ୨୮।୧୦ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବାଲିଗୋହିରିସ୍ଥିତ ଶ୍ରୀ ସତ୍ୟସାଇ ପେଟ୍ରୋଲ ପମ୍ପ୍‌ରେ ଏକ ପୁରୁଣା ଟାଙ୍କିକୁ ଗ୍ୟାସ୍ କଟରରେ କଟା ଯାଉଥିବାବେଳେ ହଠାତ୍ ବିସ୍ଫୋରଣ ହେବାରୁ ଘଟଣାସ୍ଥଳରେ କାର୍ଯ୍ୟରତ ଜଣେ

କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତାରୋକ

କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରେମୁଣା ବ୍ଲକ ମୁଖୁରା ପଞ୍ଚାୟତ ବିମ୍ପୁରିଆ ଗ୍ରାମର ବିରେନ୍ଦ୍ର ସିଂହ (୬୨)। ଅଘଟଣ ପରେ ସ୍ଥାନୀୟ ଲୋକଙ୍କ ସହିତ ପରିବାର ଲୋକେ କ୍ଷତିପୂରଣ ଦାବିରେ ଶେରଗଡ ଉଦଳା ୧୯ ନଂ ରାଜ୍ୟରାଜପଥ ବାଲିଗୋହିରୀ ପେଟ୍ରୋଲପମ୍ପ ▶ପୃଷ୍ଠା-୭

ଲଗାଣ ବର୍ଷାରେ ଫିକା ପଡ଼ିଲା ଲକ୍ଷ୍ମୀପୂଜା

କବାଟବନ୍ଧ,୨୮।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଚତୁର୍ଥ ଦିନରେ ପହଞ୍ଚିଛି। ହେଲେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ହେଉଥିବା ଲଗାଣ ବର୍ଷା ଯୋଗୁଁ କବାଟବନ୍ଧ ଅଞ୍ଚଳର ଏହି ପ୍ରସିଦ୍ଧ ଲକ୍ଷ୍ମୀ ପୂଜା ଫିକା ପଡିଛି। ମଙ୍ଗଳବାର ସନ୍ଧ୍ୟାରେ ଆକାଶ ଅନ୍ଧାର କରି କରି ବର୍ଷା ଆରମ୍ଭ ହୋଇଥିଲା। ହାଲକା ବର୍ଷା ପରେ ମଧ୍ୟ ଜନଗହଳି ଲାଗି ରହିଥିଲା। ମାତ୍ର ପରଦିନ ପୂଜାର ଚତୁର୍ଥ ଦିନରେ ସକାଳୁ ଆକାଶ ମେଘାଚ୍ଛନ୍ନ ଓ ଝିପି ଝିପି ବର୍ଷା ଲାଗି ରହିଥିଲା। ଦିନ ତମାମ ବର୍ଷା ଲାଗି ରହିବା କାରଣରୁ ମେଢ଼ ବୁଲିବାକୁ ଶ୍ରଦ୍ଧାଳୁଙ୍କ ଭିଡ ନାହିଁ। ଦୋକାନ ବଜାରରେ ବେପାର ମାନ୍ଦା ରହିଥିବା ବ୍ୟବସାୟୀ ମାନେ କହିଛନ୍ତି। ପୂଜା କମିଟି ତରଫରୁ ଲାଗିଥିବା ରଙ୍ଗୀନ ଆଲୋକ ଓ ତୋରଣ ବର୍ଷା ପାଣିରେ ଭିଜୁଛି। ସ୍ଥାନୀୟ ପୂଜା କମିଟି ସଦସ୍ୟଙ୍କ କଥା ଅନୁସାରେ ପ୍ରତି ବର୍ଷ ଚତୁର୍ଥ ଦିନରେ ହଜାର ହଜାର ଲୋକ ଆସନ୍ତି। ଏଥର ବର୍ଷା କିନ୍ତୁ ସବୁ ଫିକା କରିଦେଲା। ମା'ଙ୍କ ଦର୍ଶନ ପାଇଁ ଭକ୍ତ ମାନେ ଛତା ଧରି ଆସୁଥିବା ଦେଖିବାକୁ ମିଳିଥିଲା। ତେବେ ଲଗାଣ ବର୍ଷା ସତ୍ତ୍ୱେ ଭକ୍ତଙ୍କ ଭିଡ ଭିତରେ ମା' ଲକ୍ଷ୍ମୀଙ୍କ ଆରତୀ ଓ ପୂଜା ଆଦି ନୀତିକାନ୍ତି ଜାରି ରହିଛି। ଆସନ୍ତାକାଲି ପାଗ ସଫା ହେଲେ ଭିଡ ବଢିବ ବୋଲି ଆଶା କରାଯାଉଛି।

ଲଘୁଚାପ ଜନିତ ବର୍ଷାରେ ଲୋକେ ହନ୍ତସନ୍ତ

ଧର୍ମଶାଳା,୨୮।୧୦(ସମିସ): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଆଜି ସକାଳୁ ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଛି। ତେବେ ଗତକାଲି ଅପେକ୍ଷା ବାତ୍ୟା ଲ୍ୟାଣ୍ଡଫଲ କରିବା ପରେ ବର୍ଷାର ପରିମାଣ ବଢ଼ିଯାଇଛି। ବାତ୍ୟା ଯୋଗୁଁ ପବନ ହୋଇନଥିବା ବେଳେ ଲଗାତାର ମୂଷଳଧାରାରେ ବର୍ଷା ଲାଗିରହିଛି। ଏହି ଅଦିନିଆ ବର୍ଷାରେ ଜନସାଧାରଣମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ଲଘୁଚାପ ଫଳରେ ବିଶେଷ କରି ବିଜୁଳିର ଲୁଚକାଳି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ବିଦ୍ୟୁତ ସରବରାହ ଦିନତମାମ ଲୁଚକାଳି ଖେଳିଥିବାରୁ ସାଧାରଣ ଲୋକଙ୍କ ଅତି ଜରୁରୀ କାର୍ଯ୍ୟ ହାନିଘଟିଛି। ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ ବିଜୁଳି ଉପରେ ନିର୍ଭର କରୁଥିବା ଛୋଟ ବଡ କଳକାରଖାନାରେ ଅଜି ବିଜୁଳି ବ୍ୟାହାତ ଯୋଗୁଁ ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହି ଲଗାଣ ବର୍ଷାରେ ଚାଷୀକୂଳ ଅଧିକ କ୍ଷତିଗ୍ରସ୍ତ ହୋଇଛି। ବିଲରେ ପାଚିଲା ଧାନ ପଡିଥିବା ବେଳେ ତାକୁ କାଟି ଖଳାକୁ ଆଣିବାରେ ଚାଷୀ ଅସମର୍ଥ ହୋଇଛି। ସେହିପରି ପନିପରିବା କ୍ଷେତରେ ବର୍ଷା ପଣି ପସିରହିବାରୁ ପନିପରିବା ଚାଷ କ୍ଷତି ହୋଇଛି। ଫଳରେ ଅଦିନିଆ ବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଯାଜପୁର ଜିଲ୍ଲାର ଦାନଗଦି ବ୍ଲକରେ ଆଜି ସର୍ବାଧିକ ୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଧର୍ମଶାଳା ବ୍ଲକରେ ୨୭ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ଷାର ପରିମାଣ ବଢ଼ିଥିବାରୁ ଆସନ୍ତାକାଲିର ଅଧିକ ହେବ ବୋଲି ଆକଳନ କରାଯାଇଛି।

ବେସରକାରୀ ସ୍କୁଲରେ କାର୍ଯ୍ୟକାରୀ ହେବ ଭିନ୍ନକ୍ଷମ ଅନୁକୂଳ ବ୍ୟବସ୍ଥା

ଗଠନ ହେଲା ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ

ଯାଜପୁର,୨୮।୧୦(ସମିସ): ଜିଲ୍ଲାର ସମସ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଭିନ୍ନକ୍ଷମ ବା ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାମାନଙ୍କ ପାଇଁ ବାଧାମୁକ୍ତ ଏବଂ ସୁଗମ ପରିବେଶ ସୃଷ୍ଟି କରିବା ପାଇଁ ଯାଜପୁର ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। 'ଭିନ୍ନକ୍ଷମ ଅଧିକାର ଅଧିନିୟମ-୨୦୧୬'ର ନିୟମ ଅନୁଯାୟୀ ଏବଂ 'ସୁଗମ୍ୟ ଓଡ଼ିଶା' ଲକ୍ଷ୍ୟ ହାସଲ କରିବା ପାଇଁ ଯାଜପୁର ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏହି ଟାସ୍କ ଫୋର୍ସ ନିୟମିତ ଭାବେ ବେସରକାରୀ ସ୍କୁଲଗୁଡ଼ିକର ଯାଞ୍ଚ ଓ ତଦାରଖ କରିବ। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ଦ୍ୱାରା ଜାରି କରାଯାଇଥିବା ସରକାରୀ ନିର୍ଦ୍ଦେଶନାମା (ସଂଖ୍ୟା ୪୦୭୫) ଅନୁଯାୟୀ, ଆସନ୍ତା ୧୫ ନଭେମ୍ବର ୨୦୨୬ ସୁଦ୍ଧା ସମସ୍ତ ବେସରକାରୀ ବିଦ୍ୟାଳୟ କ୍ୟାମ୍ପସକୁ ସମ୍ପୂର୍ଣ୍ଣ ରୂପେ ଭିନ୍ନକ୍ଷମ ଶିଶୁଙ୍କ ପାଇଁ ଉପଯୁକ୍ତ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯାଇଛି। ବିଦ୍ୟାଳୟଗୁଡ଼ିକରେ ରାମ୍ପ, ହ୍ୟାଣ୍ଡରେଲ୍, ଟ୍ୟାକ୍ଟାଇଲ୍ ପାଥୱେ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସବୁ ସୁବିଧାର ଫଟୋଚିତ୍ର ସହ ସମ୍ପୃକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ଜରିଆରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଟାସ୍କ ଫୋର୍ସକୁ ଦୁଇଟି ଦଳରେ ବିଭକ୍ତ କରାଯାଇ ବିଭିନ୍ନ ବ୍ଲକର ଦାୟିତ୍ୱ ବଣ୍ଟନ କରାଯାଇଛି। ପ୍ରଥମ ଟିମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏକାଡେମିକ) ଟିମ ଲିଡର ଥିବା ବେଳେ ଧର୍ମଶାଳା ବିଇଓ, ଏବିଇଓ ବଳରାମ ପତି, ଏମଆଇଏସ ପ୍ରୋଗ୍ରାମର ଏବଂ ନାଗରିକ ସମାଜ ଓ ବେସରକାରୀ ସ୍କୁଲର ପ୍ରତିନିଧି ସଦସ୍ୟ ଅଛନ୍ତି। ଏହି ଟିମ୍ ଯାଜପୁର, ଦଶରଥପୁର, ବିଞ୍ଝାରପୁର, ବରୀ, ବଡ଼ଚଣା ଏବଂ ଧର୍ମଶାଳା ବ୍ଲକର ଦାୟିତ୍ୱରେ ରହିବ। ସେହିପରି ଦ୍ୱିତୀୟ ଟିମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ସ୍କିମ) ଟିମ ଲିଡର ଥିବା ବେଳେ ଏଥିରେ କୋରେଇ ଓ ଦାନଗଦିର ବିଇଓ, ଆଇଇ କୋଅର୍ଡିନେଟର ଏବଂ ଅନ୍ୟ ସଦସ୍ୟମାନେ ସାମିଲ ଅଛନ୍ତି। ଏହି ଟିମ୍ ଦାନଗଦି, ସୁକିନ୍ଦା, କୋରେଇ ଏବଂ ରସୁଲପୁର ବ୍ଲକର ବିଦ୍ୟାଳୟଗୁଡ଼ିକର ଯାଞ୍ଚ କରିବ। ବେସରକାରୀ ସ୍କୁଲର ସଦସ୍ୟ ଭାବେ ଟିମ-୧ରେ କ୍ରାନିୟମ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ପ୍ରଭୁପ୍ରସାଦ ସାହୁ ରହିଥିବା ବେଳେ ଟିମ୍-୨ରେ ସେଣ୍ଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ ଆଲେକଜାଣ୍ଡାର ଦାସ ସଦସ୍ୟ ରହିଛନ୍ତି। ଏହି କମିଟି ଜିଲ୍ଲାର ବେସରକାରୀ ସ୍କୁଲଗୁଡ଼ିକୁ ଆକସ୍ମିକ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବେ। ଯେଉଁ ବିଦ୍ୟାଳୟଗୁଡ଼ିକ ଏହି ନିୟମ ପାଳନ କରିବେ ନାହିଁ, ସେମାନଙ୍କ ବିରୋଧରେ ରିପୋର୍ଟ ଆଧାରରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିସହିତ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ନିଜ ନିଜ ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକର କ୍ଷେତ୍ର ପରିଦର୍ଶନ କରି ଏକ ସଂଗୃହିତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଡିଜିଟାଲ୍ ଯନ୍ତ୍ରଣା ୭ ମାସ ହେଲା ମିଳୁନି ଭତ୍ତା

ଜେନାପୁର,୨୮।୧୦(ସମିସ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ବୃଦ୍ଧବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେଉଥିବା ବେଳେ କୋଟିକୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରୁଛନ୍ତି। ଡିଜିଟାଲ୍ ଯନ୍ତ୍ରଣା ଓ ସଫ୍ଟୱେର୍ ଅପଡେଟ୍ ନାଁରେ ଶତପ୍ରତିଶତ ଭିନ୍ନକ୍ଷମ, ବିଧବା, ୮୦ ବର୍ଷ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୭ମାସ ହେଲା ଏପର୍ଯ୍ୟନ୍ତ ମିଳୁନି ଭତ୍ତା। ଯାହା ଫଳରେ ସରକାରଙ୍କ ଅବିଳମ୍ବେ ଭତ୍ତା ଯୋଗାଣ ଅବହେଳାକୁ ସ୍ଥାନୀୟ ବୃଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି। ପୂର୍ବ ସରକାର ସଠିକ୍ ସମୟରେ ଭତ୍ତା ଦେଉଥିବା ବେଳେ ବର୍ତ୍ତମାନ ସରକାର ନିନ୍ଦିତ ହେଉଥିବା ଚର୍ଚ୍ଚା ହେଉଛି। ପଞ୍ଚାୟତରେ ହାତରେ ଦେଉଥିବା ହିତାଧିକାରୀଙ୍କୁ ଭତ୍ତା ପାଉଥିବା ବେଳେ ଅନଲାଇନ୍ ମାଧ୍ୟମରେ ବ୍ୟାଙ୍କ୍ ଖାତାକୁ ଭତ୍ତା ବିଳମ୍ବ ଯୋଗୁଁ ଲୋକେ ବାରମ୍ବାର ବ୍ୟାଙ୍କ୍ ଯାଇ ନିରାଶ ହୋଇ ଫେରୁଥିବାର ଦେଖିବାକୁ ମିଳୁଛି। ଯାହାର ଜ୍ୱଳନ୍ତ ଉଦାହରଣ ଧର୍ମଶାଳା ବ୍ଲକ୍‌ର ଅଧିକାଂଶ ପଞ୍ଚାୟତରେ ଦେଖିବାକୁ ମିଳୁଛି। ସେହିପରି ଧର୍ମଶାଳା ବ୍ଲକ୍ ବୃନ୍ଦାଦେଇପୁର ପଞ୍ଚାୟତ ଡିହକଷ୍ଟି ଗ୍ରାମର ଦାମୋଦର ମଲିକଙ୍କ ଭିନ୍ନକ୍ଷମ ପୁଅ ଅଜୟ ମଲିକଙ୍କ କ୍ଷେତ୍ରରେ ଘଟିଛି। ପରିବାର କହିଲେ ଚାରିପ୍ରାଣୀ କୁଟୁମ୍ବରେ ସଂସାର। ତାଙ୍କ ବାପା ଜଣେ ଦିନମଜୁରିଆ ହୋଇଥିଲା ବେଳେ ପୁଅର ବିଭିନ୍ନ ଖର୍ଚ୍ଚ ଭତ୍ତା ଟଙ୍କାରେ ଭରଣ ହୋଇଥାଏ। ସାତ ମାସ ହେଲା ଭତ୍ତା ନ ପାଇବାରୁ ଅଜୟଙ୍କ ଚିକିତ୍ସା କ୍ଷେତ୍ରରେ ବହୁତ ଅବହେଳା ଦେଖାଦେଇଛି। ଶତପ୍ରତିଶତ ଭିନ୍ନକ୍ଷମ ହୋଇଥିବା ବେଳେ ଭତ୍ତା ନ ଆସିବାରୁ ନିୟମିତ ଭାବେ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ୍ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହୋଇପଡିଛନ୍ତି। ମାତ୍ର ପ୍ରତିଥର ବ୍ଲକ୍‌ରେ ଥିବା ଭତ୍ତା ବିଭାଗର ଅଧିକାରୀଙ୍କୁ ପ୍ରଚାରିବାରୁ ସେ କହୁଛନ୍ତି ଟଙ୍କା ଆସିଲେ ବ୍ୟାଙ୍କ୍ ଖାତାକୁ ଯିବ; ବ୍ୟସ୍ତ ହେବାର କୌଣସି କାରଣ ନାହିଁ। କିନ୍ତୁ ଦୁଃଖ ପରିତାପର ବିଷୟ ପଞ୍ଚାୟତରେ କାର୍ଯ୍ୟାଳୟରେ ପିଇଓ ହାତରେ ଭତ୍ତା ଟଙ୍କା ବଣ୍ଟନ କରୁଥିବା ବେଳେ ଡିଜିଟାଲ୍ ମାଧ୍ୟମରେ ଭତ୍ତା ବିଳମ୍ବ ଯୋଗୁଁ ସେ ଭାଙ୍ଗି ପଡିଛନ୍ତି। ତଥାପି ହାର ନମାନି ଅଜୟ ପ୍ରଶାସନକୁ ଭିନ୍ନକ୍ଷମ ଭତ୍ତା ଯୋଗାଇଦେବା ପାଇଁ ନେହୁରା ହୋଇ ନିବେଦନ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଅସହାୟ ଭିନ୍ନକ୍ଷମ ଅଜୟଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

ଜାରକା ଅଞ୍ଚଳରେ ବାରମ୍ବାର ଚୋରି

ଧର୍ମଶାଳା,୨୮।୧୦(ସମିସ): ଧର୍ମଶାଳା ଥାନା କୁମାରୀ ପଞ୍ଚାୟତ ପିତାମ୍ବା ମୌଜାରେ ରାତିରେ ଘର ଚୋରି ବୃଦ୍ଧି ପାଇବାରେ ଲାଗିଛି। ଗତ ସୋମବାର ରାତିରେ ଏଠାରେ ରହୁଥିବା ବିଜୟ କୁମାର ସାହୁଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବହୁ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିବା ବେଳେ ଗତକାଲି ରାତିରେ ଏଠାରେ ରହୁଥିବା ଦୁଇ ଗୋଟି ପରିବାରର ଘର ଚୋରି ହୋଇଥିବା ଜଣାପଡିଛି। ସୋମବାର ରାତିରେ ଚୋରି ହୋଇଥିବା ବିଜୟ ସାହୁ ଥାନାରେ ଅଭିଯୋଗ କରିଥିବା ବେଳେ ଗତକାଲି ଚୋରି ହୋଇଥିବା ବୈରାଗୀ ଚରଣ ସାହୁ ଓ ପୁଷ୍ପିତା ସାମଲଙ୍କ ପକ୍ଷରୁ ଥାନାରେ ଅବିଯୋଗ ହୋଇନଥିବା ଜଣାଯାଇଛି। ସୋମବାର ରାତିରେ ଦୁର୍ବୃତ୍ତମାନେ ବିଜୟ ସାହୁଙ୍କ ଘରେ କେହି ନଥିବାର ସୁଯୋଗ ନେଇ ରାତିରେ ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଓ ନଗଦ ୮ ହଜାର ଟଙ୍କା ଲୁଟିନେଇଥିଲେ। ଅଭିଯୋଗପାଇ ଧର୍ମଶାଳା ପୁଲିସ ୪୨୯/୨୬ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ଏବେବି ପୁଲିସର ହାତ ଖାଲି ରହିଛି। ସମାନ ଭାବେ ପିତମ୍ବା ମୌଜାରେ ରହୁଥିବା ବିଜୟ ସାହୁ ତାଙ୍କ ବାପାଙ୍କ ଶୁଦ୍ଧିକ୍ରିୟା ନିମନ୍ତେ ସପରିବାର ପୈତୃକ ଗ୍ରାମ କୋତପୁର ପଞ୍ଚାୟତ ସାନନହନଙ୍ଗରା ଗାଁକୁ ଯାଇଥିଲେ ସମାନ ଭାବେ ଗତକାଲି ପିତାମ୍ବା ମୌଜାର ବୈରାଗୀ ଚରଣ ସାହୁ ଓ ପୁଷ୍ପିତା ସାମଲଙ୍କ ପରିବାର ଲୋକେ ଲକ୍ଷ୍ମୀ ପୂଜା ପାଇଁ କବାଟବନ୍ଧ ଓ ନେଉଳପୁରସ୍ଥିତ ନିଜ ନିଜ ପୈତୃକ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଉଭୟଙ୍କ ଘରେ ଗତକାଲି ରାତିରେ କଳାକନା ବୁଲାଇ ଦେଇଛନ୍ତି। ତେବେ ଏସମ୍ପର୍କରେ ଉଭୟ ଚୋରିକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଲାଗାତାର ଭାବେ ପୁଲିସକୁ ଚ୍ୟାଲେଞ୍ଜ କରି ଦୁର୍ବୃତ୍ତମାନେ ଏଭଳି ଚୋରି କରୁଥିବା ବେଳେ ପୁଲିସର ନିଷ୍କ୍ରିୟତା ପଦାରେ ପଡିଛି। ଜାମୁବଣିଆ ନିକଟସ୍ଥ ପିତାମ୍ବା ମୌଜାରେ ରହୁଥିବା ପରିବାର ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପୁଲିସ ପକ୍ଷରୁ ଦୁର୍ବୃତମାନଙ୍କୁ ଠାବ କରିବା ସହିତ ରାତ୍ର ପାଟ୍ରୋଲିଂ କଡାକଡି କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

ମୁଗପାଳ କଲେଜରେ ଭିଜିଲାନ୍ସ ସଚେତନତା ସଭା

ଯାଜପୁର,୨୮।୧୦(ସମିସ): ମୁଗପାଳ କଲେଜ ପରିସରରେ ଭିଜିଲାନ୍ସ ବିଭାଗ, ଯାଜପୁର ପକ୍ଷରୁ ଡିଏସ୍‌ପି ଭିଜିଲାନ୍ସ ସୁଶୀଲ କୁମାର ଏକ୍କାଙ୍କ ଆୟୋଜନରେ ଏକ ଭିଜିଲାନ୍ସ ସଚେତନତା ସଭା ଓ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀ, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଏବଂ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ଏହି ସଭାରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ନୀତିମୁକ୍ତ ସମାଜ ଗଠନ, ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ସହିତ ଦୁର୍ନୀତି ବିରୋଧରେ ସମସ୍ତଙ୍କୁ ସଚେତନ ଓ ସକ୍ରିୟ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା।

ଲକ୍ଷ୍ମୀପୂଜା ମଣ୍ଡପ ବୁଲିଲେ ବିଧାୟିକା

ବିଞ୍ଝାରପୁର,୨୮।୧୦(ସମିସ): ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମରେ ପାଳିତ ହେଉଛି। ଏହି ଅବସରରେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବ୍ଲକର ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଗ୍ରହଣ କରିଛନ୍ତି। ବିଧାୟିକା ମଲ୍ଲିକ ମାଁସଡ଼ା ପଞ୍ଚାୟତର ରସିକ ଛକଠାରେ ଅନୁଷ୍ଠିତ ମା' ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ପହଞ୍ଚିଥିଲେ। ଏହାପରେ ସେହି ପଞ୍ଚାୟତର ବାଲିସାହି ଓ ବାରିକସାହିରେ ଆୟୋଜିତ ପୂଜା ମଣ୍ଡପରେ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ସେହିପରି ମଇଁନ୍ଦା ଛକ, ଲେଙ୍କାସାହି ଓ ଅରେଇ ଛକରେ ଥିବା ମା' ଲକ୍ଷ୍ମୀଙ୍କ ପୂଜା ମଣ୍ଡପକୁ ଯାଇ ଆଶୀର୍ବାଦ ଗ୍ରହଣ କରିଥିଲେ। ବାତ୍ୟା "ଅବର୍ଣ୍ଣ'ର ପ୍ରଭାବରେ ଅଞ୍ଚଳରେ ତୁହାକୁ ତୁହା ବର୍ଷା ଲାଗି ରହିଥିବାରୁ ଅନେକ ସ୍ଥାନରେ ପୂଜା ଫିକା ପଡ଼ିଯାଇଛି।

ଭୋଗ ମଣ୍ଡପ ନିର୍ମାଣରେ ଅନିୟମିତତା ଅଭିଯୋଗ

ଦଶରଥପୁର,୨୮।୧୦(ସମିସ): ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତ ସ୍ଥିତ କୁଆଁସ ମଙ୍ଗଳା ମନ୍ଦିର ପରିସରରେ ନିର୍ମାଣଧୀନ ଭୋଗମଣ୍ଡପ କାର୍ଯ୍ୟରେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଘୋର ଅନିୟମିତତା କରୁଥିବା ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ନିର୍ମାଣ ହେବାକୁ ଥିବା ଉକ୍ତ ଭୋଗମଣ୍ଡପ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ବରାଦ ହୋଇଥିଲା। ବିଶେଷକରି ବରାଦ ହୋଇଥିବା ଅନୁଦାନ ଅର୍ଥରେ ଭୋଗ ମଣ୍ଡପକୁ ସିଧାସଳଖ ନୂତନ ରୂପରେ ନିର୍ମାଣ କରିବାକୁ ନିର୍ଦ୍ଦେଶ ଥିବା ବେଳେ କାର୍ଯ୍ୟନିର୍ବାହୀ ଠିକାଦାର ଭାବେ ଦଶରଥପୁର ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଅର୍ଦ୍ଧେନ୍ଦୁ ମଲ୍ଲିକଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାତ୍ର ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ନିଜେ ନିର୍ମାଣକାର୍ଯ୍ୟ ଦାୟିତ୍ୱ ନିର୍ବାହ କରିବା ପରିବର୍ତ୍ତେ ବେଆଇନ ଭାବେ କିଛି ସ୍ଥାନୀୟ ଯୁବକଙ୍କୁ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରି କାର୍ଯ୍ୟ ସ୍ଥଳରୁ ଗାଏବ ରହୁଥିବା ସୁଯୋଗରେ ଭୋଗ ମଣ୍ଡପକୁ ମନ୍ଦିର ପରିସରରେ ଥିବା ପୁରୁଣା ସଭା ମଣ୍ଡପକୁ ବ୍ୟବହାର କରି ଯୋଜନାର ଅର୍ଥକୁ ଲୁଟ କରାଇବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରାଯଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କ ପ୍ରତିକ୍ରିୟା ଜାଣିବାକୁ ଯୋଗାଯୋଗ କରାଯଇଥିଲେ ହେଁ ସେ ଫୋନ ଉଠାଇ ନଥିବା ବେଳେ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ରାହାସ ବିହାରୀ ଜେନାଙ୍କୁ ପଚାରିବାରେ ଅଭିଯୋଗ ଆଧାରରେ ନିର୍ମାଣ କାର୍ଯ୍ୟକୁ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଷ୍ଟିମେଟ ମୁତାବକ ନିର୍ମାଣ ହେବ। ସେଥିରେ ବ୍ୟତିକ୍ରମର ପ୍ରଶ୍ନ ନାହିଁ ବୋଲି କହିଥିଲେ। ଅପରପକ୍ଷେ ଭୋଗ ମଣ୍ଡପ ନିର୍ମାଣ ଦାୟୀତ୍ୱରେ ଥିବା ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ଅତୀତରେ ବିଭିନ୍ନ ଅନିୟମିତତାରେ ଜଡିତ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିବା ବେଳେ ପ୍ରସିଦ୍ଧ କୁଆଁସ ମଙ୍ଗଳା ପୀଠରେ ତାଙ୍କର ବେପରୁଆ କାର୍ଯ୍ୟଶୈଳୀକୁନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କୁ ଭୋଗମଣ୍ଡପ ନିର୍ମାଣ ଦାୟିତ୍ୱରୁ ଅବ୍ୟାହତି ଦେବାକୁ ଦାବି କରିଛନ୍ତି

ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ସହାୟତା

ଧର୍ମଶାଳା,୨୮।୧୦(ସମିସ): ଧର୍ମଶାଳା ନିର୍ବାଚନମଣ୍ଡଳୀ ଜାରକା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅବହେଳିତମାନଙ୍କୁ ନିରନ୍ତର ସହାୟତା ପ୍ରଦାନ କରାଯାଉଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ଟ୍ରଷ୍ଟ ମାଧ୍ୟମରେ ଝିଅର ଚିକିତ୍ସା ଲାଗି ମଧୁସୁଦନପୁର ପଞ୍ଚାୟତ ମଧୁସୂଦନପୁର ଗ୍ରାମର କୁନା ମଲିକ, ଘର ନିର୍ମାଣ ପାଇଁ କବିତା ମଲିକ, ଅଭାବ ଅନାଟରେ ଥିବା ଟିକି ମଲିକ, ଝିଅର ପାଠପଢା ଲାଗି ମଧୁସୁଦନପୁର ଗ୍ରାମର ପୁଷ୍ପାଞ୍ଜଳି ମଲିକ, ସ୍ୱାମୀର ଚିକିତ୍ସା ନିମନ୍ତେ ସାବିତ୍ରି ମଲିକ, ଶୁଦ୍ଧିକ୍ରିୟା ଲାଗି ସୋରେଇ ଗ୍ରାମର ରାଜୀବ ନାୟକ, ଆର୍ଥୀକ ଅନଟନରେ ଥିବା ଶାନ୍ତିଲତା ନାୟକ, ଚିକିତ୍ସା ନିମନ୍ତେ ସତ୍ୟଭାମା ସାହୁଙ୍କୁ ଆର୍ଠଥକ ସହାୟତା ପ୍ରଦାନ କରିଛନ୍ତି। ଟ୍ରଷ୍ଟର ସଦସ୍ୟମନେ ସେମାନଙ୍କ ଘରକୁ ଯାଇ ଏହି ଆର୍ଠଥକ ସହାୟତା ପ୍ରଦାନ କରିଛନ୍ତି।

ଲୋକଙ୍କ ସେବାରେ ଲାଗୁନି ଦାନଗଦି ଆର୍‌ଆଇ ଅଫିସ

ଦାନଗଦି,୨୮।୧୦(ସମିସ): ସରକାର ସାଧାରଣ ଲୋକଙ୍କୁ ରାଜସ୍ୱ ସେବା ଯୋଗାଇ ଦେବାପାଇଁ ବିଭାଗ ପ୍ରତି ସର୍ବଦା ଗୁରୁତ୍ୱ ଦେଉଥିବା ବେଳେ କିଛି ଅସାଧୁ କର୍ମଚାରୀଙ୍କ ପାଇଁ ଏହି ବିଭାଗ ବଦନାମ ହେଉଛି। ଯାହାଫଳରେ ସାଧାରଣ ଲୋକେ ରାଜସ୍ୱସେବା ଠିକ ଭାବେ ପାଇପାରୁନାହାଁନ୍ତି। ଏଭଳି ଅଭିଯୋଗ ଆସିଛି ଦାନଗଦି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉପରେ। ଦାନଗଦି ତହସିଲ କାର୍ଯ୍ୟାଳୟ ନିକଟରେ ଅବସ୍ଥିତ ଉକ୍ତ ଆର.ଆଇ ଅଫିସ୍ ଠିକ୍ ସମୟରେ ଖୋଲୁ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ ନାହିଁ ନ ଥିବା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଏହି ଆର୍‌ଆଇ ଅଫିସରେ ଦାନଗଦି ରାଜସ୍ୱ ନିରୀକ୍ଷକ, ରଣାଗୁଣ୍ଡି ରାଜସ୍ୱ ନିରୀକ୍ଷକ ଓ ରାଣୀପଡ଼ା ରାଜସ୍ୱ ନିରୀକ୍ଷକ ଭଳି ତିନୋଟି ପ୍ରମୁଖ କାର୍ଯ୍ୟାଳୟ ଚାଲୁଛି। ପ୍ରତିଦିନ ଏହି ତିନୋଟି ସର୍କଲରୁ ବହୁ ଲୋକ ଜମିଜମା ରେକର୍ଡ, ଖଜଣା, ପଟ୍ଟା ସଂଶୋଧନ ଓ ଅନ୍ୟାନ୍ୟ ଜରୁରୀ ରାଜସ୍ୱ କାର୍ଯ୍ୟ ପାଇଁ ସକାଳୁ ଆସି କାର୍ଯ୍ୟାଳୟ ଆଗରେ ଅପେକ୍ଷା କରି ରହୁଛନ୍ତି। ମାତ୍ର ଅଭିଯୋଗ ହେଉଛି ଯେ, ଆର୍‌ଆଇ ମାଡାମ୍ ପ୍ରତିଦିନ ପ୍ରାୟ ଦିନ ୧୧ରୁ ୧୨ଟା ଭିତରେ କାର୍ଯ୍ୟାଳୟକୁ ଆସୁଛନ୍ତି। ବିଳମ୍ବରେ ଆସିବା ସମ୍ପର୍କରେ ଲୋକେ ପଚାରିଲେ, 'ଫିଲ୍ଡ ଭିଜିଟ୍' କିମ୍ବା 'ଜମି ମାପଚୁପ' କାର୍ଯ୍ୟ ଥିବା କହି ସେ ସଫେଇ ଦେଉଛନ୍ତି।

ତହସିଲ କାର୍ଯ୍ୟାଳୟର ଅତି ନିକଟରେ ଥାଇ ମଧ୍ୟ ଯଦି ଏହି ଆର୍‌ଆଇ ଅଫିସର ଅବସ୍ଥା ଏପରି, ତେବେ ଉପାନ୍ତ ଅଞ୍ଚଳରେ ଥିବା ଅନ୍ୟ ରାଜସ୍ୱ କାର୍ଯ୍ୟାଳୟଗୁଡ଼ିକର ସ୍ଥିତି କ'ଣ ହୋଇଥିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ, ଏହି ତିନୋଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବିଳମ୍ବରେ ଖୋଲିବା ଏବଂ ଲୋକେ ହଇରାଣ ହେବା ଅଭିଯୋଗ ନେଇ ଅତିରିକ୍ତ ତହସିଲଦାର ଶୁଭସ୍ମିତା ନାୟକଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି ଯେ, ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ଏବଂ ଅଭିଯୋଗ ପ୍ରମାଣିତ ହେଲେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲା ପ୍ରଶାସନର ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ନିରୀକ୍ଷକ ଉପରେ କାର୍ଯ୍ୟନୁଷ୍ଠାନ ନେବାକୁ ଦାବି ହେଉଛି।

ପଲ୍ଲୀଶ୍ରୀ ଉଚ୍ଚ ବିଦ୍ୟାଳୟରେ ଖୋଲିଲା +୨ କଳା

ଦାନଗଦି,୨୮।୧୦(ସମିସ): ଉଚ୍ଚଶିକ୍ଷାର ସୁଗମତା ଦିଗରେ ଏକ ବଡ଼ ପଦକ୍ଷେପ, ପଲ୍ଲୀଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବାରାଖାଇ ଠାରେ ଏକ ଯୁକ୍ତ ୨ କଳା ଶାଖା ଖୋଲିବା ପାଇଁ ରାଜ୍ୟ ଶିକ୍ଷା ବିଭାଗ ଆନୁଷ୍ଠାନିକ ଭାବେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ଶିକ୍ଷାବର୍ଷରୁ ଏହି ନୂତନ ଶାଖା କାର୍ଯ୍ୟକ୍ଷମ ହେବ, ଏହାଦ୍ୱାରା ସମ୍ପୂର୍ଣ୍ଣ ଉଚ୍ଚ ମାଧମିକ ବିଦ୍ୟାଳୟକରେ ପରିଣତ ହେବ। ଓଡ଼ିଶା ସରକାରଙ୍କର ପତ୍ର ଅନୁଯାୟୀ ଏହା ପଲ୍ଲୀଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବଦଳରେ ପଲ୍ଲୀଶ୍ରୀ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ପରିଣତ ହେବାକୁ ଯାଉଛି। ବିଗତ ବର୍ଷ ଗୁଡ଼ିକରେ, ଦଶମ ଶ୍ରେଣୀ ପାସ୍ କରିବା ପରେ ସ୍ଥାନୀୟ ଛାତ୍ରଛାତ୍ରୀ ଯୁକ୍ତ ୨ ପଢ଼ିବା ପାଇଁ ଦୂରବର୍ତ୍ତୀ ସହରକୁ ଯିବାକୁ ପଡୁଥିଲା କିମ୍ବା ଆର୍ଥିକ ଓ ଭୌଗୋଳିକ ସମସ୍ୟା ଯୋଗୁଁ ପାଠପଢ଼ା ଛାଡ଼ି ଦେଉଥିଲେ। ବର୍ତ୍ତମାନ ଏହି ନୂଆ ଯୁକ୍ତ ୨ କଳା ଶାଖାରେ ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର ଏବଂ ସମାଜ ବିଜ୍ଞାନ ପ୍ରମୁଖ ଭଳି ଶିକ୍ଷାଦାନ ଉପଲବ୍ଧ ହେବ। ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି, ଏହା ଆମ ଅଞ୍ଚଳ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଗୋଟିଏ ଛାତ ତଳେ ଛାତ୍ରଛାତ୍ରୀ ଏବେ ମାଧମିକରୁ ଉଚ୍ଚ ମାଧମିକ ଶିକ୍ଷା ପାଇପାରିବେ। ଏହି ଖବର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ମହଲରେ ସ୍ୱାଗତ କରାଯାଇଛି ଏବଂ ରାଜ୍ୟ ସରକାର ଓ ସ୍ଥାନୀୟ ବିଧାୟକଙ୍କୁ ପଲ୍ଲୀ ଅଞ୍ଚଳର ଜନସାଧାରଣ କୃତଜ୍ଞତା ଜ୍ଞାପନ କରିଛନ୍ତି।

'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା

ଶୂନ୍‌ଶାନ ରାମବାଗରୁ ମଙ୍ଗଳପୁର ବଜାର

କୟାଁଗୋଲା,୨୮।୧୦(ସମିସ):

ଆନ୍ଧ୍ର ଉପକୂଳ ବାତ୍ୟା "ଅର୍ଣ୍ଣବ' ଛୁଇଁବା ପରେ ଏହାର ପ୍ରଭାବ ଦଶରଥପୁର ଅଞ୍ଚଳରେ ଅନୁଭୂତ ହୋଇଛି। ଆଜି ଦଶରଥପୁର ବ୍ଲକର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲଗାତାର ବର୍ଷା ଯୋଗୁଁ ଲୋକଙ୍କ ଦୈନନ୍ଦିନ ଜୀବନ ଓ ଯାତାୟାତ ଉପରେ ପ୍ରଭାବ ପଡ଼ିଥିବା ବେଳେ ବଜାର ଓ ଛକଗୁଡ଼ିକରେ ଜନସମାଗମ ହ୍ରାସ ପାଇଛି। ବାତ୍ୟାଜନିତ ପାଗ ପରିବର୍ତ୍ତନ ଯୋଗୁଁ ସକାଳଠାରୁ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ଲାଗି ରହିଥିଲା। ଫଳରେ ଲୋକେ ଜରୁରୀ କାମ ନଥିଲେ ଘରୁ ବାହାରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଦଶରଥପୁର ବ୍ଲକର ରାମବାଗ, ଝୁମ୍ପୁରୀ, କାଟିଆ, ମଙ୍ଗଳପୁର ଓ ଛତ୍ରପଡ଼ା ଆଦି ପ୍ରମୁଖ ଛକରେ ସାଧାରଣ ଦିନ ତୁଳନାରେ ଲୋକଙ୍କ ଭିଡ଼ କମ୍ ଦେଖିବାକୁ ମିଳିଥିଲା। ବର୍ଷା ଯୋଗୁଁ ଏହି ସବୁ ଅଞ୍ଚଳ ପ୍ରାୟ ଶୂନଶାନ ହୋଇପଡ଼ିଥିଲା। ବିଶେଷକରି ବଜାରକୁ ଆସୁଥିବା ଗ୍ରାହକ ଓ ଯାତାୟାତ କରୁଥିବା ଲୋକଙ୍କ ସଂଖ୍ୟା କମିଯିବାରୁ ଦୋକାନୀମାନଙ୍କ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି। ଦିନତମାମ ବର୍ଷା ଲାଗି ରହିବା ଯୋଗୁଁ ଲୋକେ ବାହାର କାମକୁ ଯିବା ପରିବର୍ତ୍ତେ ଘରେ ରହିବାକୁ ଉଚିତ ମଣିଥିଲେ। ଅନ୍ୟପକ୍ଷରେ ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଆଗକୁ ବର୍ଷାର ପରିମାଣ ବଢ଼ିଲେ ତଳିଆ ଅଞ୍ଚଳରେ ଜଳ ଜମିବା ଏବଂ ସାଧାରଣ ଜନଜୀବନ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ପାଣିପାଗ ସମ୍ପର୍କିତ ସରକାରୀ ସୂଚନା ପ୍ରତି ସତର୍କ ରହିବା ସହ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

ନାରଣପୁରରେ ୧୫୦ ଫୁଟ୍ ଧସିଲା ବୈତରଣୀ ନଦୀବନ୍ଧ

କୟାଁଗୋଲା,୨୮।୧୦(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ଦତ୍ତପୁର ପଞ୍ଚାୟତର ନାରଣପୁର ନିକଟରେ ବୈତରଣୀ ନଦୀବନ୍ଧ ଧସିଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ପ୍ରାୟ ୧୫୦ ଫୁଟ ଲମ୍ବର ବନ୍ଧ ଧସିଯାଇଥିବାରୁ ନଦୀକୂଳିଆ ଲୋକଙ୍କ ମନରେ ଭୟ ବଢ଼ିଛି। ଏହା ସହିତ ବାତ୍ୟା ଅର୍ଣ୍ଣବର ପ୍ରଭାବରେ ଲଗାତାର ବର୍ଷା ଲାଗି ରହିଥିବାରୁ ବନ୍ଧର ଅନ୍ୟ ଅଂଶ ମଧ୍ୟ ଧସିଯିବା ଆଶଙ୍କା ଦେଖାଦେଇଛି। ଦଶରଥପୁର ବ୍ଲକରେ ବୈତରଣୀ ନଦୀର ବନ୍ୟା ଓ ବନ୍ଧ ସମସ୍ୟା ଦୀର୍ଘଦିନ ଧରି ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇ ରହିଛି। ଏପରି ସ୍ଥିତିରେ ନାରଣପୁର ନିକଟରେ ବନ୍ଧ ଧସିବା ଘଟଣା ସ୍ଥାନୀୟ ଲୋକଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ବିଶେଷକରି ବାତ୍ୟାଜନିତ ବର୍ଷା ଜାରି ରହିଥିବାରୁ ଧସିଥିବା ଅଂଶ ଅଧିକ ଦୁର୍ବଳ

ହେବା ସହ ବନ୍ଧର ଅନ୍ୟ ଅଂଶ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଯଦି ବର୍ଷା ଏହିପରି ଲାଗି ରହେ, ତେବେ ବନ୍ଧର ସ୍ଥିତି ଆହୁରି ଗମ୍ଭୀର ହୋଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀଙ୍କୁ ପଚାରିବାରୁ, ବନ୍ଧର ତଳଭାଗରେ ପଙ୍କମାଟି ରହିଥିବାରୁ ଏବଂ ପ୍ରବଳ ବର୍ଷା ଯୋଗୁଁ ମାଟି ଧସିଯାଇଥିବା ସେ କହିଛନ୍ତି। ତେବେ ବନ୍ଧର ପ୍ରାୟ ୧୫୦ ଫୁଟ ଅଂଶ ଧସିଯାଇଥିବା ଘଟଣା ପରେ ଏହାର ସୁରକ୍ଷାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବର୍ଷା ଜାରି ରହିଥିବା ପରିସ୍ଥିତିରେ ବନ୍ଧର ସ୍ଥିତି ଉପରେ ନଜର ରଖିବା ସହ ଧସିଥିବା ଅଂଶର ତୁରନ୍ତ ମରାମତି ଓ ସୁରକ୍ଷାମୂଳକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବର୍ଷାର ପ୍ରଭାବରେ ବନ୍ଧର ଅବସ୍ଥା ଅଧିକ ଖରାପ ହେବା ସହ ନଦୀକୂଳିଆ ଲୋକଙ୍କ ମଧ୍ୟରେ ଭୟ ବଢ଼ିବାର ଆଶଙ୍କା ରହିଛି। ଏବେ ସମସ୍ତଙ୍କ ନଜର ଜଳସମ୍ପଦ ବିଭାଗର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି।

ଲକ୍ଷ୍ମୀପୂଜା କମିଟିରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସିଂହପୁର,୨୮।୧୦(ସମିସ): ସୋମବାର ହାଟଡିହ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୌଦ୍ଧିକ ଆଲୋଚନା ତଥା ସମ୍ବର୍ଦ୍ଧନା ସଭା ଅନୁଷ୍ଠାନର ସ୍ଥାୟୀ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ହୋଇଥିଲା। ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସଙ୍କ ସଂଚାଳିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ସହ ନିର୍ଦ୍ଦେଶକ ଡ. ଉଦୟନାଥ ମାଝୀ ଯୋଗଦେଇଥିଲେ। ଆଞ୍ଚଳିକ ବଳଦେବଜୀଉ ମହିଳା ମହାବିଦ୍ୟାଳୟ ଅଳକୁଣ୍ଡର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବଳରାମ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ବକ୍ତା ଆଚାର୍ଯ୍ୟ ଶଶୀଭୂଷଣ ମହାନ୍ତି, କବି ଅନିଲ କୁମାର ମହାନ୍ତି ଯୋଗଦେଇଥିଲେ। ପଣ୍ଡିତ ଅକ୍ଷୟ କୁମାର ଶତପଥୀ, ପର୍ଶୁରାମ ବାରିକ, ଭୋଳାନାଥ ସାହୁ, ପ୍ରମୋଦ କୁମାର ପଣ୍ଡା, ସର୍ବେଶ୍ୱର ଜେନା ଏବଂ ସୂର୍ଯ୍ୟମଣି ବେହେରାଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବାରୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଶିବ ନନାଙ୍କ 'ସୁଧାସାର'ର ସ୍ୱନାମଧନ୍ୟ ଗାୟକମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଉପସ୍ଥିତିରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ପ୍ରଫୁଲ୍ଲ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିବା ବେଳେ କାଶୀନାଥ ମଲ୍ଲିକ, ବିରଞ୍ଚି ନାରାୟଣ ଦାସ, ପ୍ରଭାତ ଚନ୍ଦ୍ର ଦାସ, ଶଶିଭୂଷଣ ମହାନ୍ତି, ଗୋପୀନାଥ ମହାନ୍ତି, ବାପି ମହାନ୍ତି ଉପସ୍ଥିତ ଥିଲେ। ବିଳମ୍ବିତ ରାତ୍ରିରେ ସଞ୍ଜୁ ଡ୍ୟାନ୍ସ ସ୍କୁଲ ଆଣ୍ଡ ଗ୍ରୁପର ନୃତ୍ୟଶିଳ୍ପୀମାନେ ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ। ବିକାଶ ରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ନଟବର ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ବୃକ୍ଷରୋପଣ

କୋରେଇ,୨୮।୧୦(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମରେ ମହାଲକ୍ଷ୍ମୀ ଯୁବ ସଂଘ ଆନୁକୂଲ୍ୟରେ ୫୯ତମ ଲକ୍ଷ୍ମୀ ପୂଜା ପାଳନ କରାଯାଉଛି।ଏହି ଅବସରରେ ମହାଲକ୍ଷ୍ମୀ ଯୁବ ସଂଘ ଓ ନଟବର ବିଶ୍ୱାଳ ସ୍ମୃତି ସଂସଦ ସହଯୋଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ଲବର ସମ୍ପାଦକ ନିମାଇଁ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ରୋଡ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଶରତ କୁମାର ପାତ୍ର ଯୋଗଦେଇଥିଲେ। ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ ସାହୁ, ବ୍ୟାସନଗର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ଚରଣ ମାଝୀ, ବୈତରଣୀ ବଞ୍ଚାଅ ଅଭିଯାନର ଆବାହକ ଯଜ୍ଞପ୍ରସାଦ ସାହୁ, ସମାଜସେବୀ ଅଭିଳାଷ ବୋଇତାଇ, ସମ୍ବାଦିକ ଡ. ଚିନ୍ତାମଣୀ ପାଢ଼ୀ, ଜହ୍ନା ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟ ଅଧିକାରୀ ଶୁଭଶ୍ରୀ ସ୍ୱାଇଁ, ବାମପନ୍ଥୀ ନେତା ଆଲୋକ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁଲତା ସାହୁ, ସାମ୍ବାଦିକ ଆଶୁତୋଷ ମହାନ୍ତି, ପ୍ରହଲ୍ଲାଦ ଦେଓ, ପ୍ରମୋଦ ପାତ୍ର, ବାବାଜୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମର ରାସ୍ତା ପାଶ୍ୱର୍ରେ ବୃକ୍ଷରୋପଣ କରାଯାଇଥିଲା। ଜହ୍ନା ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ସାହୁ, ସଦାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ସାହୁଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ଉତ୍ତରୀୟ ଉପହାର ସ୍ୱରୂପ ଫୁଲ ଗଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଖାତା, କଲମ, ରବର, ପେନସିଲ, କଟର ଆଦି ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି। କ୍ଲବର ଦୁର୍ଯ୍ୟୋଧନ ସାହୁ, ଜଗବନ୍ଧୁ ବେହେରା, ବାବାଜୀ ବେହେରା, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ବିଶ୍ୱାଳ, ଲଲାଟେନ୍ଦୁ ନାୟକ, ସନ୍ୟାସୀ ମଲ୍ଲିକ, ଭୀମସେନ ମଲ୍ଲିକ, କାର୍ତ୍ତିକ ସାହୁ, ଭ୍ରମର ବେହେରା, ବସନ୍ତ ନାୟକ, ଆତୁଳ ପଥାଳ, ବିଦ୍ୟାଧର ମଲ୍ଲିକ, ପ୍ରଶାନ୍ତ ରାଉତ, ଦିଲ୍ଲୀପ ବିଶ୍ୱାଳ, ପ୍ରଭାସ ରାଉତ, ପଦ୍ମନାଭ ବିଶ୍ୱାଳ, ବଳରାମ ବଳ, ବିଶ୍ୱନାଥ ଦାସ, ରବୀନ୍ଦ୍ର ଦାସ, ସୁରେଶ ହାତୀ, ପ୍ରଶାନ୍ତ ସାହୁ, ଅରୁଣ କବି, ଜିତେନ୍ଦ୍ର ପାଢ଼ୀ, ରଶ୍ମିରଂଜନ ରାଉତ, ବିଶ୍ୱରଂଜନ ବିଶ୍ୱାଳ, ସୁରଜ ବେହେରା, ପିଙ୍କନ ରାଉତ, ସନାତନ ରାଉତ, ଅଜିତ ମଲ୍ଲିକ, ଶରତ ମଲ୍ଲିକ, ଅନାମ ବିଶ୍ୱାଳ, ଦେବବ୍ରତ ସାହୁ, ତପନ ବିଶ୍ୱାଳ, ସନ୍ତୋଷ ହାତୀ, ସୁନୀଲ ପଥାଳ, ବିଶ୍ୱଜିତ ସାହୁ, ଅମର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ନଟବର ବିଶ୍ୱାଳ ସ୍ମୃତି ସଂସଦର ଉପ ସଭାପତି ନିତ୍ୟାନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କୁଆଖିଆ,୨୮।୧୦(ସମିସ): ରସୁଲପୁର ବ୍ଲକ ମଧୁପୁର ସରକାରୀ ନୋଡାଲ ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ସତ୍ୟାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି, ଅତିରିକ୍ତ ଜିଲ୍ଲା ଅଧିକାରୀ ଡ. ସୁଶାନ୍ତ ବେହେରା, ରାଜ୍ୟ ନୋଡାଲ ଅଧିକାରୀ ରଞ୍ଜିତା ବେହେରା, ଓୟୁଟିର ପ୍ରଫେସର ରଞ୍ଜିତ ନାୟକ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ଧର୍ମଶାଳା ବିଧାୟକ ପ୍ରତିନିଧି ତୀର୍ଥରାଜ ପଣ୍ଡା, ସାଂସଦ ବ୍ଲକ ପ୍ରତିନିଧି ଲକ୍ଷ୍ମୀଧର ପତି, ଗୀତାଞ୍ଜଳି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ମତ୍ସ୍ୟ ଓ ଗୋପାଳନ କରି ଆତ୍ମନିର୍ଭରଶୀଳ ହେଇଥିବା ରଶ୍ମିତା ଦାସ, ଶ୍ରୀକାନ୍ତ ଦାସ, ରାହାବାଳୀ ସାହୁ, ମନୋରମା ରାଉତ, ସୁରେଶ ପୁରୀ, ଦିବାକର ପାଣି, କେଶବ ଚନ୍ଦ୍ର ଜେନା, ଅସ୍ମିତା ମହାନ୍ତି, ଅଶୋକ କୁମାର ବାରିକଙ୍କୁ ବୀମା ରାଶି ପ୍ରଦାନ କରାଯିବା ସହ ମଧୁପୁର ହାଇସ୍କୁଲର ପ୍ରଧାଶିକ୍ଷୟିତ୍ରୀ କୃଷ୍ଣାରାଣୀ ବେହେରା ଓ ଜିଲ୍ଲା ସ୍ତରୀୟ ଖେଳ କୁଦରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଜଗତ ଜୀବନ ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ପ୍ରଦ୍ୟୁଷ ରଞ୍ଜନ ରାଉତଙ୍କୁ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବ୍ଲକ ପଶୁ ସମ୍ପଦ ଅଧିକାରୀ ମୁନ ମୁନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ବ୍ଲକ ମତ୍ସ୍ୟ ବିଭାଗ, ମହିଳା ଓ ଶିଶୁ ବିଭାଗ, ମିଶନ ଶକ୍ତି ବିଭାଗ, ସ୍ୱାସ୍ଥ୍ୟ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ମାନ ଖୋଲା ଯାଇଥିଲା।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ପ୍ରସ୍ତୁତି ବୈଠକ

ଯାଜପୁର,୨୮।୧୦(ସମିସ): ଜିଲ୍ଲାସ୍ତରୀୟ ଯୁବ ଉତ୍ସବ-୨୦୨୬ର ସୁପରିଚାଳନା ଓ ସଫଳ ଆୟୋଜନ ନିମନ୍ତେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଉପଜିଲ୍ଲାପାଳ, ଯାଜପୁର ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ନିଯୋଜନ ଅଧିକାରୀ, ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଆସନ୍ତା ନଭେମ୍ବର ୧୦ ଓ ୧୧ ତାରିଖରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆୟୋଜନ କରିବା ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ ୧୫ରୁ ୨୯ ବର୍ଷ ବୟସର ଯୁବ ପ୍ରତିଭାମାନେ ଭାଗ ନେବାର ସୁଯୋଗ ପାଇବେ। ଉତ୍ସବର ପ୍ରଥମ ଦିନ ଅର୍ଥାତ୍ ନଭେମ୍ବର ୧୦ ତାରିଖରେ ଲୋକନୃତ୍ୟ, ଲୋକସଙ୍ଗୀତ ଓ ଚିତ୍ରକଳା ପ୍ରତିଯୋଗିତା ଏବଂ ଦ୍ୱିତୀୟ ଦିନ ନଭେମ୍ବର ୧୧ ତାରିଖରେ କବିତା ଲିଖନ ଓ ନାଟକ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ସ୍ଥିର କରାଯାଇଥିଲା। ଯୁବପିଢ଼ିଙ୍କ ମଧ୍ୟରେ ସୁପ୍ତ ପ୍ରତିଭାର ବିକାଶ, ସୃଜନଶୀଳତାର ଉନ୍ମେଷ, ସାଂସ୍କୃତିକ ଚେତନାର ପ୍ରସାର ଏବଂ ଯୁବ ପ୍ରତିଭାମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିଜ ନିଜ ବିଭାଗର ସମନ୍ୱୟ ରକ୍ଷା କରିବା ସହିତ ଯୁବ ଉତ୍ସବର ସଫଳ ଆୟୋଜନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର ଚଢ଼ଉ ଅଭିଯାନ

ବରୀ,୨୮।୧୦(ସମିସ): ଯାଜପୁର ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ପକ୍ଷରୁ ବରୀ ବ୍ଲକରେ ଶିଶୁ ଶ୍ରମିକ ଚିହ୍ନଟ ଓ ଉଦ୍ଧାର ନିମନ୍ତେ ଏକ ମିଳିତ ଚଢ଼ଉ ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନର ନେତୃତ୍ୱ ସହକାରୀ ଶ୍ରମ ଅଧିକାରୀ, ବରୀ ସ୍ମୃତି ରଞ୍ଜନ ପଣ୍ଡା ନେଇଥିବାବେଳେ ବରୀ-ରାମଚନ୍ଦ୍ରପୁର ଥାନାର ପୋଲିସ କର୍ମଚାରୀ ଏବଂ ରୁଚିକା ଏନ୍‌ଜିଓର ପ୍ରତିନିଧି ମାନେ ଏଥିରେ ସାମିଲ ହୋଇଥିଲେ। ଅଭିଯାନ ସମୟରେ ବରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ପ୍ରାୟ ୫୦ଟି ବାଣିଜ୍ୟିକ ପ୍ରତିଷ୍ଠାନରେ ପହଞ୍ଚି ଯାଞ୍ଚ କରାଯାଇଥିଲା। ଶିଶୁ ଶ୍ରମିକ ନିୟୋଜନ ରୋକିବା, ଶିଶୁମାନଙ୍କୁ ଶ୍ରମରୁ ମୁକ୍ତ କରି ଶିକ୍ଷାର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଏବଂ ଶିଶୁ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିଶୁ ଶ୍ରମିକ ନିୟୋଜନ ଏକ ଆଇନଗତ ଅପରାଧ। ତେଣୁ କୌଣସି ବ୍ୟବସାୟୀ କିମ୍ବା ନିଯୁକ୍ତିଦାତା ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ ନକରିବା ସହ ଶିଶୁ ଶ୍ରମିକ ସମ୍ପର୍କରେ କୌଣସି ସୂଚନା ମିଳିଲେ ତୁରନ୍ତ ସମ୍ପୃକ୍ତ ପ୍ରଶାସନକୁ ଜଣାଇବାକୁ ଅନୁରୋଧ କରାଯାଇଛି।

କାଳୀପୂଜା ଭସାଣିର ପ୍ରସ୍ତୁତି ବୈଠକ

ଯାଜପୁର,୨୮।୧୦(ସମିସ): ଯାଜପୁରର ଗଣପର୍ବ ଶ୍ୟାମାକାଳୀ ଓ ଲକ୍ଷ୍ମୀନାରାୟଣ ପୂଜା ଭସାଣିକୁ ନେଇ ଯାଜପୁର ଥାନା ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଥାନାଧିକାରୀ ଶିବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ ଯୋଗ ଦେଇ ଏହି ଗଣପର୍ବକୁ ଯାଜପୁରବାସୀ ପ୍ରତିବର୍ଷ ଭଳି ଶାନ୍ତି ଶୃଙ୍ଖଳା ସହ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଯାଜପୁର ଏସ୍‌ଡିପିଓ ପ୍ରାଶାନ୍ତ କୁମାର ମାଝୀ ଯୋଗ ଦେଇ ପ୍ରଶାସନ ନିଷ୍ପତ୍ତି ଅନୁସାରେ ନଭେମ୍ବର ୧୬ ଓ ୧୭ ତାରିଖରେ ଦୁଇଦିନ ଧରି ଯାଜପୁରରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ଶାନ୍ତି କମିଟିର ସଭାପତି କର୍ଣ୍ଣାଟ କେଶରୀ ଦାସ, ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ସମେତ ଶାନ୍ତି କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କେଉଁ ମଣ୍ଡପର ଶୋଭାଯାତ୍ରା କେଉଁ ସମୟରେ ବାହାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସହରର ଦେବୀଗଡ଼ା ଘାଟରେ ବୈତରଣୀ ନଦୀକୂଳରେ ନିର୍ମାଣ କରାଯାଇଥିବା ଅସ୍ଥାୟୀ ପୁଷ୍କରିଣୀରେ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯିବ। ନିର୍ଦ୍ଧାରିତ ସମୟ ଭିତରେ ଶୋଭାଯାତ୍ରା ଅତିକ୍ରମ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମୟ ଉପରେ ଗୁରୁତ୍ୱ ଦେବା ସହ ଭଷାଣ ସମୟରେ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ମେଢ଼ ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ବିସର୍ଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୂଜା ମଣ୍ଡପର କର୍ମକର୍ତ୍ତା ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯିବା ସହ ଶାନ୍ତି କମିଟିର ପରାମର୍ଶକୁ ଗ୍ରହଣ କରିବା ନିମନ୍ତେ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏଥିସହ ପୂଜା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯିବା ସହ ସହର ମଧ୍ୟରେ ଭାରିଯାନ ଚଳାଚଳ ଉପରେ ବରଣ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ ଯାଜପୁର ସହରର ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

୩୧ରେ ଅସ୍ମିତା ରଗ୍‌ବୀ ସିଟି ଲିଗ୍

ଦଶରଥପୁର,୨୮।୧୦(ସମିସ): ଭାରତ ସରକାରଙ୍କ ଅସ୍ମିତା ସିଟି ରଗବୀ ଲିଗ୍, ରଗବୀ ଇଣ୍ଡିଆ ଦ୍ୱାରା ମିଳିତ ଓଡ଼ିଶା ରଗ୍‌ବୀ ଆସୋସିଏସନ୍ ଓ ଯାଜପୁର ଜିଲ୍ଲା ରଗବୀ ଆସୋସିଏସନ୍ ଦ୍ୱାରା ସ୍ଥାନୀୟ ଦଶରଥପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ସ୍ଥିତ ଦିଲୀପ ତିର୍କୀ ସ୍ପୋର୍ଟସ କମ୍ପେଲକ୍ସ ଠାରେ ଆସନ୍ତା ୩୧ ଓ ନଭେମ୍ବର ୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ମହିଳା ଖେଳାଳିଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ହେଉଥିବା ଏହି ରଗବୀ ଲିଗ୍‌ରେ ଜିଲ୍ଲାରୁ ସିନିୟର୍, ଜୁନିଅର୍ ଓ ସବ୍ ଜୁନିଅର୍ ବିଭାଗରେ ମୋଟ୍ ୧୬ଟି ଦଳ ଭାଗ ନେବେ ବୋଲି ଜିଲ୍ଲା ରଗବୀ ଆସୋସିଏସନ୍‌ର ସମ୍ପାଦକ ଭରତ ସାହୁଙ୍କ ଠାରୁ ପ୍ରକାଶ।

ବାଦାମ, ବିରି ଓ ମୁଗ ବିହନ ବଣ୍ଟନକୁ ନେଇ ଅସନ୍ତୋଷ

କୃଷି ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ବନ୍ୟା କ୍ଷତିଗ୍ରସ୍ତ ଚାଷୀ

ବିଞ୍ଝାରପୁର,୨୮।୧୦(ସମିସ):

ବନ୍ୟାରେ ଧାନ ଫସଲ ନଷ୍ଟ ହେବା ସହ ଚାଷ ଜମି ବାଲିଚର ପାଲଟିଥିବାରୁ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି ବିଞ୍ଝାରପୁର ବ୍ଲକର ବହୁ ଚାଷୀ। ଏଭଳି ସ୍ଥିତିରେ ବାଲିଚର ଜମିରେ ଚିନାବାଦାମ, ମୁଗ, ବିରି ଆଦି ଚାଷ କରି ଜୀବିକା ଫେରିପାଇବାକୁ ଆଶା ବାନ୍ଧିଥିବା ଚାଷୀଙ୍କ ପାଇଁ ମାଗଣା ବିହନ ବଣ୍ଟନକୁ ନେଇ ଦେଖାଦେଇଛି ବିବାଦ। ବିହନ ବଣ୍ଟନରେ ପାତରଅନ୍ତର ନକରି ସମସ୍ତ ଯୋଗ୍ୟ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବା ଦାବିରେ ଆଜି ବିଭିନ୍ନ ଗ୍ରାମର ଚାଷୀ ବ୍ଲକ ସହକାରୀ କୃଷି ସମ୍ପ୍ରସାରଣ ଅଧିକାରୀଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ଗତ ଜୁଲାଇ ମାସରେ ବିଞ୍ଝାରପୁର ବ୍ଲକର ଜରୀ ପଞ୍ଚାୟତ ଅନ୍ତର୍ଗତ ନାଉବାଙ୍କ ନିକଟରେ ଘାଇ ସୃଷ୍ଟି ହେବା ଫଳରେ ଅଞ୍ଚଳର ବହୁ ଚାଷ ଜମି ବାଲିଚର ହୋଇଯାଇଥିଲା। ଏଥିଯୋଗୁଁ ଚାଷୀଙ୍କ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ଏହି କ୍ଷତିର ଭରଣା କରିବା ସହ ଚାଷକୁ ପୁଣି ଫେରାଇ ଆଣିବା ଉଦ୍ଦେଶ୍ୟରେ ଚାଷୀମାନେ ବାଲିଚର ଜମିରେ ଅର୍ଥକାରୀ ଫସଲ ଚିନାବାଦାମ ଚାଷ କରିବାକୁ ଆଗେଇ ଆସିଛନ୍ତି। ଏଥିପାଇଁ କୃଷି ବିଭାଗ ପକ୍ଷରୁ ଡେମୋନଷ୍ଟ୍ରେସନ୍ ଯୋଜନାରେ ଚିନାବାଦାମ ଚାଷ କରିବାକୁ ଚାଷୀ ଚୟନ ପ୍ରକ୍ରିୟା ଚାଲିଛି। ଯୋଜନା ଅନ୍ତର୍ଗତ ଚାଷୀଙ୍କୁ ମାଗଣାରେ ଚିନାବାଦାମ ବିହନ, ସାର, କୀଟନାଶକ ଔଷଧ ଓ ଆର୍ଥିକ ସହାୟତା ଯୋଗାଇଦେବାର ବ୍ୟବସ୍ଥା ରହିଛି। ତେବେ ପ୍ରାୟ ଶହେ ଏକର ଜମିରେ ଚାଷ କରାଯିବାକୁ ଥିବାବେଳେ କେଉଁ ଚାଷୀଙ୍କୁ ଏହି ସୁବିଧା ମିଳିବ, ତାହାକୁ ନେଇ ଚାଷୀଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି। ଘାଇ ଯୋଗୁଁ ଜମି ବାଲିଚର ହୋଇଥିବା ଏବଂ ଖରିଫ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ପ୍ରାଥମିକତା ଦେଇ ମାଗଣା ଚିନା ବାଦାମ, ମୁଗ, ବିରି ବିହନ ସାର ଓ କୀଟନାଶକ ଯୋଗାଇଦେବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ନାଉବାଙ୍କ ଗ୍ରାମର କିଛି ଚାଷୀ କେବଳ ସେହି ଗ୍ରାମର ଚାଷୀଙ୍କୁ ଚିନାବାଦାମ ବିହନ ଦେବା ପାଇଁ କୃଷି ବିଭାଗ ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅନ୍ୟ ଗ୍ରାମର କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି।ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଜରୀ, ସିଂହପୁର, ଫଳପୁର ଓ ନାଉବାଙ୍କ ଗ୍ରାମର ଚାଷୀମାନେ ଏକାଠି ହୋଇ ବିଞ୍ଝାରପୁର ବ୍ଲକ ସହକାରୀ କୃଷି ସମ୍ପ୍ରସାରଣ ଅଧିକାରୀଙ୍କୁ ଭେଟିଥିଲେ। ସମସ୍ତ ଯୋଗ୍ୟ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସମାନ ଭାବେ ମାଗଣା ଚିନାବାଦାମ ବିହନ, ବିରି ଓ ମୁଗ ବିହନ ସମେତ ଅନ୍ୟାନ୍ୟ କୃଷି ସାମଗ୍ରୀ ଯୋଗାଇଦେବାକୁ ସେମାନେ ଦାବି ଜଣାଇଥିଲେ। ବିହନ ବଣ୍ଟନରେ କୌଣସି ପ୍ରକାର ପକ୍ଷପାତିତା କିମ୍ବା ଆଞ୍ଚଳିକ ମନୋଭାବ ରଖାଯାଇ ଯୋଗ୍ୟ ଚାଷୀଙ୍କୁ ବଞ୍ଚିତ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ବ୍ଲକ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି। ଦାବି ଜଣାଇଥିବା ଚାଷୀଙ୍କ ମଧ୍ୟରେ ବଳରାମ ମଲ୍ଲିକ, ପ୍ରଫୁଲ୍ଲ ମଲିକ, ଶତ୍ରୁଘ୍ନ ମଲ୍ଲିକ, ଶ୍ରୀପତି ମଲିକ, ଚୌଧୁରୀ ମଲିକ, ଅଞ୍ଚଳ ମଲିକ, ବାବୁରାମ ନାୟକ, ଲତା ମଲିକ, କୁବେର ମଲିକ, ଗଦାଧର ସାହୁ, ମନ୍ଦରଧର ଦାସ, ହୃଦାନନ୍ଦ ମଲିକ, କହ୍ନେଇ ମଲିକ, କେଦାର ମଲିକ ଓ ଆଦର ମଲିକ ପ୍ରମୁଖ ସାମିଲ ଥିଲେ। ଅଭିଯୋଗ ପାଇବା ପରେ କୃଷି ଅଧିକାରୀ ଗ୍ରାମସେବକଙ୍କ ସହ ଆଲୋଚନା କରି ଚାଷୀଙ୍କ ଦାବିକୁ ବିଚାରକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

THE SAKALA

ସମ୍ପାଦକୀୟ



ପ୍ରତ୍ୟେକ ଶିଶୁ ଏହି ସ୍ୱର୍ଗୀୟ ବାର୍ତ୍ତା ଆଣି ଆସିଥାଏ ଯେ ଈଶ୍ୱର ଏବେବି ମଣିଷ ଜାତି ଉପରୁ ଆସ୍ଥା ହରାଇ ନାହାନ୍ତି !

-ରବୀନ୍ଦ୍ରନାଥ ଠାକୁର

ଜଳନୀତି ସ୍ପଷ୍ଟ ହେଉ

ଓଡ଼ିଶାରେ ପ୍ରସ୍ତାବିତ ଡାଟା ସେଣ୍ଟରମାନ ଏତେ ଜଳଶୋଷଣ କରିବ ଯେ ଚାଷବାସ ଦୂରେ ଥାଉ ମଣିଷର ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଗୁରୁତର ଜଳସଙ୍କଟ ସୃଷ୍ଟି ହେବ ବୋଲି ପରିବେଶ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏପରିକି ଖୁବ୍‌ଶୀଘ୍ର ଦ୍ୱୈତନଗରୀବାସୀ ହାଇଦ୍ରାବାଦ୍‌, ଚେନ୍ନାଇ, ବାଙ୍ଗାଲୋର ଭଳି ପାନୀୟ ଜଳ ଦୁର୍ଦ୍ଦଶା ଭୋଗିବେ ବୋଲି ସେମାନେ ଚେତାଇ ଦେଇ ସାରିଲେଣି । ଏହି ପୃଷ୍ଠଭୂମିରେ ଓଡ଼ିଶାର ଜୀବନରେଖା ମହାନଦୀ ଜଳ ବିବାଦର ଏ ପର୍ଯ୍ୟନ୍ତ ସମାଧାନ ହୋଇପାରୁନାହିଁ । ତେଣୁ ରାଜ୍ୟର ଜଳ ନୀତି କ'ଣ ହେବ ତାହାକୁ ନେଇ ସରକାର ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି ।

ଦ୍ୱୈତନଗରୀର ପରିସୀମା ବଢ଼ିବା ସହିତ ଜନସଂଖ୍ୟା ଓ ଶିଳ୍ପାୟନ ମଧ୍ୟ ବଢ଼ିବାରେ ଲାଗିଛି । ଏହାର ସିଧାସଳଖ ପ୍ରଭାବ ଜଳ ଚାହିଦା ଉପରେ ପଡ଼ିବାକୁ ଯାଉଛି । ତେଣୁ ଆଗାମୀ ଦଶବର୍ଷ ପାଇଁ ରାଜ୍ୟରେ ଜଳ ଚାହିଦା ସମ୍ପର୍କରେ ବୈଷୟିକ ସମୀକ୍ଷା କରିବାକୁ ଜଳସମ୍ପଦ ବିଭାଗ ପଦକ୍ଷେପ ନେଇଛି । ଇପିକଲ ପକ୍ଷରୁ ପ୍ରସ୍ତୁତ ଶିଳ୍ପ ଜଳ ଆବଶ୍ୟକତାର ଆକଳନ ଆଧାରରେ ଏକ ଦୀର୍ଘମିଆଦୀ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ସରକାର ଯୋଜନା କରୁଛନ୍ତି । ସୂଚନା ଅନୁଯାୟୀ ରାଜ୍ୟରେ ପ୍ରସ୍ତାବିତ ଓ କାର୍ଯ୍ୟକ୍ଷମ ଶିଳ୍ପର ଜଳ ଚାହିଦା ଆକଳନ କରାଯିବ । ଶିଳ୍ପାୟନ ସହିତ ପାନୀୟ ଜଳ ଓ କୃଷି ଯେପରି ପ୍ରଭାବିତ ନହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯିବ । ଇପିକଲ ପକ୍ଷରୁ ଦିଆଯାଇଥିବା ଭବିଷ୍ୟତ ଶିଳ୍ପ ବିକାଶ ଓ ବିସ୍ତାର ଯୋଜନାକୁ ଆଧାର କରି ଦୀର୍ଘମିଆଦୀ ଜଳ ଯୋଗାଣ ଯୋଜନା ପ୍ରସ୍ତୁତ ହେବ । ପାରାଦୀପ, ଝାରସୁଗୁଡ଼ା-ସମ୍ବଲପୁର ସମେତ ବିଭିନ୍ନ ଶିଳ୍ପାଞ୍ଚଳରେ ଆଗାମୀ ବର୍ଷଗୁଡ଼ିକରେ ଜଳ ଚାହିଦା ବୃଦ୍ଧିର ସମ୍ଭାବନା ଥିବାରୁ ଏହି ଯୋଜନାକୁ ଗୁରୁତ୍ୱ ଦିଆଯାଇଛି । ବିଭାଗ ପକ୍ଷରୁ ବୈଷୟିକ ଅଧ୍ୟୟନ ଓ ଆବଶ୍ୟକ ଆକ୍ସନ ପ୍ଲାନ୍‌ ସହ ବିସ୍ତୃତ ରିପୋର୍ଟ ଶୀଘ୍ର ଦାଖଲ କରିବାକୁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ କୁହାଯାଇଛି ।

ଅପରପକ୍ଷରେ ଖୋର୍ଦ୍ଧାରେ ରିଜର୍ଭ ବ୍ୟାଙ୍କ ଅଫ୍‌ ଇଣ୍ଡିଆର ଡାଟା ସେଣ୍ଟର ଏବଂ ନରାଜଠାରେ ଆଦାନୀ ଓ ସହଯୋଗୀ ସଂସ୍ଥାଙ୍କ ଦ୍ୱାରା ପ୍ରସ୍ତାବିତ ଉଚ୍ଚକ୍ଷମତା ସମ୍ପନ୍ନ ଡାଟା ସେଣ୍ଟରର ଜଳ ଅପଚୟକୁ ନେଇ ପରିବେଶବିତ୍‌ ଓ ସ୍ଥାନୀୟ ଜନତା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହି ଡାଟା ସେଣ୍ଟରଗୁଡ଼ିକ ପ୍ରଚୁର ମାତ୍ରାରେ ପାଣି ଏବଂ ବିଜୁଳି ଉପଯୋଗ କରିବାକୁ ଯାଉଛି । ସରକାର କହୁଛନ୍ତି ଯେ ଅକ୍ଷୟଶକ୍ତି ଉପଯୋଗରେ ଡାଟା ସେଣ୍ଟରମାନ କାର୍ଯ୍ୟ କରିବ । କିନ୍ତୁ ଜଳ ଚାହିଦା କିପରି ପୂରଣ ହେବ ସେ ଦିଗରେ ସରକାର ନିରବ ରହିଛନ୍ତି । ଡାଟା ସେଣ୍ଟରରୁ ଶିଳ୍ପପତି ଓ ପାଶ୍ଚାତ୍ୟ ଦେଶ ଲାଭବାନ ହେବ ଏବଂ ଓଡ଼ିଶା ଗୁରୁତର ଜଳ ଓ ପ୍ରଦୂଷଣ ସଙ୍କଟର ସମ୍ମୁଖୀନ ହେବା ନିଶ୍ଚିତ । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଡାଟା ସେଣ୍ଟର ପ୍ରତିଷ୍ଠାକୁ ବିରୋଧ ହେଲାଣି । ତେଣୁ ଏ ଦିଗରେ ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ବୁଦ୍ଧିଜୀବୀ ଓ ନାଗରିକମାନେ ଦାବି କରୁଛନ୍ତି । ଡାଟା ସେଣ୍ଟର ପାଇଁ ବାସ୍ତବରେ କେତେମାତ୍ରାରେ ଜଳ ଆବଶ୍ୟକ, ଏହାଦ୍ୱାରା ପାନୀୟ ଜଳ ଯୋଗାଣ ପ୍ରଭାବିତ ହେବକି ନାହିଁ ସେନେଇ ସ୍ପଷ୍ଟ ତଥ୍ୟ ପ୍ରକାଶ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ସରକାରଙ୍କ ଜଳ ନୀତି ଅସ୍ପଷ୍ଟ ଥିବାରୁ ସନ୍ଦେହ ଘନୀଭୂତ ହେଉଛି । ●

ଗଣମାଧ୍ୟମର ସ୍ୱାଧୀନତା

ଗଣତନ୍ତ୍ରରେ ଶାସନ ବ୍ୟବସ୍ଥାରେ ଅନିୟମିତତା, ଦୁର୍ନୀତି, ଅପରାଧ ଓ ଅନ୍ୟାୟ ଉପରୁ ପରଦା ଉଠାଇବା ଗଣମାଧ୍ୟମର ପ୍ରମୁଖ ଦାୟିତ୍ୱ । କିନ୍ତୁ ଯଦି ଖବର ପ୍ରକାଶ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଅନୁମତି ନେବା ବାଧ୍ୟତାମୂଳକ ହୋଇଯାଏ, ତେବେ ଏହି ଗଣତାନ୍ତ୍ରିକ ଦାୟିତ୍ୱ କେତେଦୂର ସଫଳ ହୋଇପାରିବ, ତାହା ଏକ ଗମ୍ଭୀର ପ୍ରଶ୍ନ । ସମ୍ପ୍ରତି କେନ୍ଦ୍ର ସରକାରଙ୍କ 'ଡିଜିଟାଲ୍‌ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ'କୁ ନେଇ ଏହି ପ୍ରଶ୍ନ ଜାତୀୟସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି । ୨୧ଟି ଗଣମାଧ୍ୟମ ସଂସ୍ଥାର ସଂଗଠନ 'ଡିଜିଟାଲ୍‌ ନ୍ୟୁଜ୍‌ ପବ୍ଲିଶର୍ସ ଆସୋସିଏସନ୍‌' ଏହି ଆଇନର କେତେକ ବ୍ୟବସ୍ଥାକୁ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଛି । ଆଇନର କଟକଣା ଯୋଗୁଁ ଜନସ୍ୱାର୍ଥ ସମ୍ବନ୍ଧୀୟ ତଦନ୍ତମୂଳକ ଖବର ପ୍ରକାଶରେ ବାଧା ସୃଷ୍ଟି ହୋଇପାରେ ବୋଲି ସଂସ୍ଥାଗୁଡ଼ିକ ଆଶଙ୍କା ପ୍ରକାଶ କରିଛନ୍ତି । ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି ।

ବ୍ୟକ୍ତିଗତ ଗୋପନୀୟତା ନିଶ୍ଚିତ ଭାବରେ ଜଣେ ନାଗରିକଙ୍କ ମୌଳିକ ଅଧିକାର । ତେଣୁ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ପାଇଁ ଆଇନର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରିବ ନାହିଁ । କିନ୍ତୁ ଗୋପନୀୟତାର ସୁରକ୍ଷା ନାମରେ ଯଦି ସାମ୍ବାଦିକତାର ସ୍ୱାଧୀନତା ସଂକୁଚିତ ହୁଏ, ତେବେ ତାହା ଗଣତନ୍ତ୍ର ପାଇଁ ଚିନ୍ତାଜନକ । ଧରାଯାଉ, ଜଣେ ପ୍ରଭାବଶାଳୀ ଅଧିକାରୀଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ରହିଛି କିମ୍ବା ଜଣେ ରାଜନେତାଙ୍କ ବିରୋଧରେ ଗୁରୁତର ଅନିୟମିତତାର ପ୍ରମାଣ ମିଳିଛି । ଏପରି ସ୍ଥିତିରେ ଯଦି ଖବର ପ୍ରକାଶ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ମତି ଅନିବାର୍ଯ୍ୟ ହୁଏ, ତେବେ ସେ ନିଜ ବିରୋଧରେ ଥିବା ତଥ୍ୟକୁ ପ୍ରକାଶ କରିବାକୁ କାହିଁକି ଅନୁମତି ଦେବେ? ଏହାଦ୍ୱାରା ତଦନ୍ତମୂଳକ ସାମ୍ବାଦିକତାର ଉଦ୍ଦେଶ୍ୟ ବିଫଳ ହୋଇପାରେ । ଏପରି ବ୍ୟବସ୍ଥା ଦୁର୍ନୀତିଗ୍ରସ୍ତ ଓ କ୍ଷମତାଶାଳୀ ବ୍ୟକ୍ତିଙ୍କୁ ଅଧିକ ସୁରକ୍ଷା ଦେଇପାରେ । ଏହା ସତ୍ୟ ଜାଣିବାରୁ ସାଧାରଣ ଲୋକଙ୍କୁ ମଧ୍ୟ ବଞ୍ଚିତ କରିପାରେ ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ) ନାଗରିକଙ୍କୁ ବାକ୍‌ ସ୍ୱାଧୀନତା ଓ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରଦାନ କରେ । ଗଣମାଧ୍ୟମର ସ୍ୱାଧୀନତା ଏହି ସାମ୍ବିଧାନିକ ଅଧିକାର ସହ ଗଭୀର ଭାବରେ ଜଡ଼ିତ । ତେଣୁ ଏହି ଦୁଇ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଆଇନ ନିର୍ମାତା ଓ ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ●

ଆତ୍ମବିଶ୍ୱାସ ଓ ସଂଘର୍ଷର ସଫଳ ଯାତ୍ରା

ରଞ୍ଜନ କୁମାର ରାୟ

କ୍ରୀଡ଼ା ଇତିହାସରେ କେତେକ ସଫଳତା କେବଳ ପଦକ ତାଲିକାରେ ସୀମିତ ରହେ ନାହିଁ । ସେଗୁଡ଼ିକ ଏକ ସମାଜର ଚିନ୍ତାଧାରା, ଆତ୍ମବିଶ୍ୱାସ ଓ ଭବିଷ୍ୟତର ଦିଗ ବଦଳାଇଦିଏ । ଜାପାନର ଆଇଚି-ନାଗୋୟାରେ ଆୟୋଜିତ ୨୦୨୬ ଏସୀୟ ପାରା କ୍ରୀଡ଼ାରେ ଭାରତର ଐତିହାସିକ ପ୍ରଦର୍ଶନ ସେହିଭଳି ଏକ ଉଲ୍ଲେଖନୀୟ ଅଧ୍ୟାୟ । ୧୬ ବର୍ଷ ପୂର୍ବେ ମାତ୍ର ୧୪ଟି ପଦକ ଜିତିଥିବା ଭାରତ ଏଥର ୧୧୪ଟି ପଦକ ହାସଲ କରି ଚତୁର୍ଥ ସ୍ଥାନରେ ରହିଛି । ୩୦ଟି ସ୍ୱର୍ଣ୍ଣ, ୩୫ଟି ରୌପ୍ୟ ଓ ୪୯ଟି କାଂସ୍ୟ ପଦକ ସହ ଭାରତ କ୍ରୀଡ଼ା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି । ଏହି ସଫଳତାର ମହତ୍ତ୍ୱ ଆହୁରି ବଢ଼ିଯାଏ ଯେତେବେଳେ ଖେଳାଳିଙ୍କ ସଂଖ୍ୟାକୁ ଦେଖାଯାଏ । ୨୦୨୩ ମସିହାରେ ଚୀନର ହାଙ୍ଗଝୋଉରେ ଭାରତ ୩୦୯ ଜଣ ଖେଳାଳିଙ୍କୁ ପଠାଇଥିବା ବେଳେ ଏଥର ମାତ୍ର ୧୬୭ ଜଣ ଖେଳାଳିଙ୍କୁ ନେଇ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲା । ତଥାପି ପୂର୍ବ ପଦକ ସଂଖ୍ୟାକୁ ଅତିକ୍ରମ କରିବା ସହ ନିଜର ସର୍ବଶ୍ରେଷ୍ଠ ସ୍ଥାନ ହାସଲ କରିଛି । ଏହା ପ୍ରମାଣ କରୁଛି ଯେ କ୍ରୀଡ଼ାରେ କେବଳ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ନୁହେଁ, ବରଂ ପ୍ରସ୍ତୁତିର ଗୁଣବତ୍ତା, ପ୍ରଶିକ୍ଷଣ, ଆତ୍ମବିଶ୍ୱାସ ଓ ପ୍ରତିଯୋଗିତାମୂଳକ ଦକ୍ଷତା ହିଁ ନିର୍ଣ୍ଣାୟକ ହୋଇଥାଏ ।

ଭାରତର ଏହି ଉତ୍ଥାନକୁ ବୁଝିବା ପାଇଁ ଅତୀତର ପୃଷ୍ଠା ଓଲଟାଇବାକୁ ପଡ଼ିବ । ୨୦୧୦ରେ ଚୀନର ଗୁଆଙ୍ଗଝୋଉରେ ଅନୁଷ୍ଠିତ ପ୍ରଥମ ଏସୀୟ ପାରା କ୍ରୀଡ଼ାରେ ଭାରତ ମାତ୍ର ୧୪ଟି ପଦକ ଜିତି ୧୫ତମ ସ୍ଥାନରେ ରହିଥିଲା । ୨୦୧୪ରେ ପଦକ ସଂଖ୍ୟା ୩୩କୁ ବଢ଼ିଲା । ୨୦୧୮ରେ ଜାକର୍ତ୍ତାରେ ଭାରତ ୭୨ଟି ପଦକ ସହ ନବମ ସ୍ଥାନକୁ ଉନ୍ନୀତ ହେଲା । ୨୦୨୩ରେ ହାଙ୍ଗଝୋଉରେ ପଦକ ସଂଖ୍ୟା ୧୦୮ରେ ପହଞ୍ଚିବା ପରେ ୨୦୨୬ରେ ଏହା ୧୧୪କୁ ବୃଦ୍ଧି ପାଇଛି । ଏହି ପରିସଂଖ୍ୟାନ ଭାରତୀୟ ପାରା କ୍ରୀଡ଼ାର ବଦଳୁଥିବା ଚେହେରାର ପ୍ରତିଫଳନ । ଦିନେ ଯେଉଁଠି ଭିନ୍ନକ୍ଷମ କ୍ରୀଡ଼ାବିତ୍‌ଙ୍କ ପାଇଁ ସୁଯୋଗ, ସାଧନ ଓ ସ୍ୱୀକୃତି ସୀମିତ ଥିଲା, ସେଠାରେ ଆଜି ସେମାନେ ଏସିଆର ଶ୍ରେଷ୍ଠ କ୍ରୀଡ଼ାଶକ୍ତିଙ୍କ ସହ ସମକକ୍ଷ ହେବାର ଦୃଢ଼ ବାର୍ତ୍ତା ଦେଉଛନ୍ତି । ପ୍ରତ୍ୟେକ ପଦକ ପଛରେ ରହିଛି ଅନେକ ଦିନର କଠୋର ଅଭ୍ୟାସ, ଶାରୀରିକ ସୀମାବଦ୍ଧତାକୁ ଅତିକ୍ରମ କରିବାର ଚେଷ୍ଟା, ମାନସିକ ଦୃଢ଼ତା ଓ ପରିବାରର ତ୍ୟାଗ । ତେଣୁ ଏହି ସଫଳତାକୁ କେବଳ କ୍ରୀଡ଼ା ମନ୍ତ୍ରଣାଳୟ କିମ୍ବା ପଦକବିଜେତାଙ୍କ ଉପଲବ୍ଧି ଭାବେ ଦେଖିବା ଠିକ୍‌ ହେବ ନାହିଁ । ଏହା ଏକ ସାମୂହିକ ଯାତ୍ରା, ଯେଉଁଥିରେ ପ୍ରଶିକ୍ଷକ, ଫିଜିଓଥେରାପିଷ୍ଟ, ପରିବାର, କ୍ରୀଡ଼ା ସଂଗଠନ ଓ ସମର୍ଥନ ବ୍ୟବସ୍ଥାର ଭୂମିକା ରହିଛି ।

ଏଥର ଭାରତର ସଫଳତାର ମୁଖ୍ୟ ଆଧାର ଥିଲା ପାରା ଦୌଡ଼କୁଦ । ଏହି ବିଭାଗରୁ ଭାରତ ୬୫ଟି ପଦକ ଜିତିଛି, ଯେଉଁଥିରେ ୨୨ଟି ସ୍ୱର୍ଣ୍ଣ, ୧୯ଟି ରୌପ୍ୟ ଓ ୨୪ଟି କାଂସ୍ୟ ରହିଛି । ମୋଟ ପଦକର ପ୍ରାୟ ୫୭ ପ୍ରତିଶତ ଏହି ବିଭାଗରୁ ଆସିଛି । ପାରା ବ୍ୟାଡମିଣ୍ଟନରୁ ୧୬ଟି, ସନ୍ତରଣରୁ ୧୧ଟି, ତୀରନ୍ଦାଜୀରୁ ୬ଟି ଓ ଶୁଟିଂରୁ ୫ଟି ପଦକ ମିଳିଛି । ଶୀତଳ ଦେବୀ, ଦିଲୀପ ଗାଭିତ, ନିଶାଦ କୁମାର, ପ୍ରଣବ ସୋରମା, ସିମରନ ଶର୍ମା ଓ ମୋନା ଅଗ୍ରୱାଲଙ୍କ ଭଳି ଖେଳାଳି ଏକାଧିକ ସ୍ୱର୍ଣ୍ଣ ପଦକ ଜିତି ଭାରତର ପଦକଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଶୀତଳ ଦେବୀଙ୍କ ଭଳି କ୍ରୀଡ଼ାବିତ୍‌ଙ୍କ ସଫଳତା ଦକ୍ଷତା ଓ ଦୃଢ଼ ଇଚ୍ଛାଶକ୍ତିର ଏକ ପ୍ରେରଣାଦାୟକ ଉଦାହରଣ । ଏହି ସଫଳତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଲୁଚି ରହିଛି । ଭାରତର ପଦକ ସଂଖ୍ୟା ଏବେ ବି କେତେକ ବିଭାଗ ଉପରେ ଅଧିକ ନିର୍ଭରଶୀଳ । ଦୌଡ଼କୁଦ ଓ ବ୍ୟାଡମିଣ୍ଟନ ମିଶି ୮୧ଟି ପଦକ ଦେଇଥିବା ବେଳେ ଅନ୍ୟ ବିଭାଗଗୁଡ଼ିକରେ ସମାନ ସଫଳତା ଆବଶ୍ୟକ । ବ୍ୟାଡମିଣ୍ଟନରେ ୨୦୨୩ ତୁଳନାରେ ପଦକ ସଂଖ୍ୟା ହ୍ରାସ ପାଇଥିବା ମଧ୍ୟ ଭବିଷ୍ୟତ ପାଇଁ ଆତ୍ମସମୀକ୍ଷାର ସୁଯୋଗ ସୃଷ୍ଟି କରିଛି ।

କୌଣସି କ୍ରୀଡ଼ା ବିପ୍ଳବ ଗୋଟିଏ ଦିନରେ ଘଟେ ନାହିଁ । ଖେଳାଳିଙ୍କୁ ଆବିଷ୍କାର କରିବା, ସେମାନଙ୍କୁ ନିୟମିତ ପ୍ରଶିକ୍ଷଣ ଦେବା, ଉପଯୁକ୍ତ କ୍ରୀଡ଼ା ଉପକରଣ ଯୋଗାଇବା ଓ ଅନ୍ତର୍ଜାତୀୟ ମାନର ପ୍ରତିଯୋଗିତାର ଅଭିଜ୍ଞତା ଦେବା ଏହାର ମୂଳ ଭିତ୍ତି । ଭାରତର ପାରା କ୍ରୀଡ଼ାରେ ଦେଖାଯାଉଥିବା ଉନ୍ନତି ଏପରି ଏକ ବ୍ୟବସ୍ଥା ଗଢ଼ିବାର ଗୁରୁତ୍ୱକୁ ସାମ୍ନାକୁ ଆଣିଛି । ଏହାସହିତ ପାରା କ୍ରୀଡ଼ା ପ୍ରତି ସମାଜର ଦୃଷ୍ଟିକୋଣ ବଦଳିବା ମଧ୍ୟ ଆବଶ୍ୟକ । ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କୁ କେବଳ ସହାନୁଭୂତିର ପାତ୍ର ଭାବେ ନୁହେଁ, ବରଂ ଦକ୍ଷତା, ପରିଶ୍ରମ ଓ ପ୍ରତିଯୋଗିତାର ଆଧାରରେ ସମ୍ମାନ ଦେବା ଉଚିତ । ସମାନ ସୁଯୋଗ, ସୁଗମ କ୍ରୀଡ଼ା ଭିତ୍ତିଭୂମି, ଯାତାୟାତ ବ୍ୟବସ୍ଥା, ଶିକ୍ଷା ଓ ନିଯୁକ୍ତିରେ ସହାୟତା ଏହି ଖେଳାଳିମାନଙ୍କୁ ଦୀର୍ଘକାଳୀନ ଭାବେ ସଶକ୍ତ କରିପାରିବ । ଏବେ ଭାରତ ସମ୍ମୁଖରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଏହି ସଫଳତାକୁ ଦୀର୍ଘସ୍ଥାୟୀ କରିବା । ଚୀନ ୪୩୫ଟି, ଜାପାନ ୧୮୬ଟି ଓ ଉଜବେକିସ୍ତାନ ୧୪୫ଟି ପଦକ ଜିତିଥିବା ବେଳେ ଭାରତର ପଦକ ସଂଖ୍ୟା ୧୧୪ । ଏହି ଦୂରତାକୁ କମାଇବା ପାଇଁ ଦୀର୍ଘମିଆଦୀ ଯୋଜନା ଓ ବୈଜ୍ଞାନିକ ପ୍ରଶିକ୍ଷଣ ଆବଶ୍ୟକ ।

ପ୍ରଥମତଃ, ପ୍ରତ୍ୟେକ ରାଜ୍ୟର ପ୍ରତିଟି ସ୍ତରରେ ପାରା କ୍ରୀଡ଼ା ପ୍ରତିଭା ଚିହ୍ନଟ ପାଇଁ ସୁସଂଗଠିତ ବ୍ୟବସ୍ଥା ଗଢ଼ାଯିବା ଦରକାର । ଦ୍ୱିତୀୟତଃ, ଖେଳାଳିଙ୍କ ପାଇଁ ଉନ୍ନତ କୃତ୍ରିମ ଅଙ୍ଗ, ଆବଶ୍ୟକ ସହାୟକ ଉପକରଣ, ପୁନର୍ବାସ ସେବା, ପୁଷ୍ଟିକର ଖାଦ୍ୟ, କ୍ରୀଡ଼ା ମନୋବିଜ୍ଞାନ ଓ ଆଘାତ ପରିଚାଳନାକୁ ପ୍ରଶିକ୍ଷଣର ଅଂଶ କରିବା ଆବଶ୍ୟକ । ପ୍ରତ୍ୟେକ ଖେଳାଳିଙ୍କ ଆବଶ୍ୟକତା ଭିନ୍ନ । ତେଣୁ ଗୋଟିଏ ମାତ୍ର ପ୍ରଶିକ୍ଷଣ ପଦ୍ଧତି ସମସ୍ତଙ୍କ ପାଇଁ ସମାନ ଫଳ ଦେଇପାରିବ ନାହିଁ । ତୃତୀୟତଃ, ପଦକ ଜିତିବା ପରେ ପୁରସ୍କାର ସହିତ ଖେଳାଳିଙ୍କ ଭବିଷ୍ୟତ ସୁରକ୍ଷାକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ । ସ୍ଥାୟୀ ଆର୍ଥିକ ସହାୟତା, ଶିକ୍ଷା ଓ ନିଯୁକ୍ତିରେ ସୁଯୋଗ, ବୀମା ଏବଂ ଅବସର ପରବର୍ତ୍ତୀ ଜୀବନ ପାଇଁ ଯୋଜନା ରହିଲେ ଅଧିକ ଯୁବକଯୁବତୀ ପାରା କ୍ରୀଡ଼ାକୁ ପେସା ଭାବେ ଗ୍ରହଣ କରିବାକୁ ଆଗେଇ ଆସିବେ । ଚତୁର୍ଥତଃ, ଭାରତକୁ ଦୌଡ଼କୁଦ ଓ ବ୍ୟାଡମିଣ୍ଟନର ସଫଳତାକୁ ଅନ୍ୟ ବିଭାଗକୁ ବିସ୍ତାର କରିବାକୁ ହେବ । ସନ୍ତରଣ, ତୀରନ୍ଦାଜୀ, ଶୁଟିଂ ଓ ଅନ୍ୟ ପାରା କ୍ରୀଡ଼ାରେ ଅଧିକ ପ୍ରଶିକ୍ଷକ, ଉନ୍ନତ ଉପକରଣ ଓ ଅନ୍ତର୍ଜାତୀୟ ଅଭିଜ୍ଞତାର ସୁଯୋଗ ସୃଷ୍ଟି କରିବା ଜରୁରୀ । ଏଥିସହ ଖେଳାଳିଙ୍କ ପ୍ରଦର୍ଶନକୁ ନିୟମିତ ବିଶ୍ଳେଷଣ କରି ପ୍ରତିଯୋଗୀ ଦେଶମାନଙ୍କ ଶକ୍ତି ଓ ଦୁର୍ବଳତାରୁ ଶିଖିବାକୁ ପଡ଼ିବ । ପଞ୍ଚମତଃ, ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ଓ ପାରାଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଚାରିବର୍ଷିଆ ଲକ୍ଷ୍ୟଭିତ୍ତିକ ପ୍ରସ୍ତୁତି ଯୋଜନା କରାଯିବା ଉଚିତ । ଏହି ଯୋଜନାରେ ପଦକ ଲକ୍ଷ୍ୟ ସହିତ ଖେଳାଳିଙ୍କ ବ୍ୟକ୍ତିଗତ ଉନ୍ନତି, ନୂଆ ପ୍ରତିଭାଙ୍କ ଅନ୍ତର୍ଭୁକ୍ତି ଓ ଅନ୍ତର୍ଜାତୀୟ ମାନର ପ୍ରଦର୍ଶନକୁ ମାପିବାର ସ୍ପଷ୍ଟ ମାନଦଣ୍ଡ ରହିବା ଦରକାର ।

କ୍ରୀଡ଼ା ଭିତ୍ତିଭୂମି ଓ ଉଚ୍ଚସ୍ତରୀୟ ପ୍ରତିଯୋଗିତା ଆୟୋଜନରେ ନିଜର ପରିଚୟ ଗଢ଼ୁଥିବା ଓଡ଼ିଶା ମଧ୍ୟ ଏହି ସଫଳତାରୁ ଶିକ୍ଷା ନେଇପାରେ । ଜିଲ୍ଲାସ୍ତରୀୟ ପାରା କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ର, ସୁଗମ ଷ୍ଟାଡିୟମ, ବିଶେଷଜ୍ଞ ପ୍ରଶିକ୍ଷକ ଓ ଖେଳାଳିଙ୍କ ପାଇଁ ଉପଯୁକ୍ତ ଉପକରଣର ବ୍ୟବସ୍ଥା କରାଗଲେ ଗ୍ରାମାଞ୍ଚଳରୁ ମଧ୍ୟ ଅନେକ ପ୍ରତିଭା ସାମ୍ନାକୁ ଆସିପାରିବେ । ଏଥିପାଇଁ କେବଳ ସରକାରୀ ପ୍ରୟାସ ଯଥେଷ୍ଟ ନୁହେଁ । କର୍ପୋରେଟ୍‌ ସଂସ୍ଥା, କ୍ରୀଡ଼ା ସଂଗଠନ, ଶିକ୍ଷାନୁଷ୍ଠାନ ଓ ସାମାଜିକ ସଂସ୍ଥାମାନେ ମିଳିତ ଭାବେ ପାରା କ୍ରୀଡ଼ାକୁ ସମର୍ଥନ କରିବା ଦରକାର । ଖେଳାଳିଙ୍କୁ କେବଳ ପଦକ ଜିତିବା ସମୟରେ ମନେ ପକାଇବା ନୁହେଁ, ସେମାନଙ୍କ ପ୍ରସ୍ତୁତିର ପ୍ରତ୍ୟେକ ପର୍ଯ୍ୟାୟରେ ସାଥୀ ହେବା ଆବଶ୍ୟକ ।

ଏସୀୟ ପାରା କ୍ରୀଡ଼ାରେ ଭାରତର ଚତୁର୍ଥ ସ୍ଥାନ ନିଶ୍ଚିତ ଭାବେ ଗର୍ବର ବିଷୟ । କିନ୍ତୁ ଏହାକୁ ଶେଷ ଗନ୍ତବ୍ୟ ଭାବେ ଦେଖିବା ଅନୁଚିତ । ପଦକ ସଂଖ୍ୟା ବଢ଼ିବା ସହ ଅଧିକ ଖେଳାଳିଙ୍କୁ ସୁଯୋଗ ମିଳିବା ଦରକାର । ଜଣେ ପାରା କ୍ରୀଡ଼ାବିତ୍‌ ଯେତେବେଳେ ପଦକ ଜିତନ୍ତି, ସେ କେବଳ ନିଜ ପାଇଁ ନୁହେଁ, ଅନେକଙ୍କ ମନରେ ନୂଆ ଆଶା ସୃଷ୍ଟି କରନ୍ତି । ତାଙ୍କ ସଫଳତା ଏହି ବାର୍ତ୍ତା ଦିଏ ଯେ ମଣିଷର ସାମର୍ଥ୍ୟକୁ ତା'ର ଶାରୀରିକ ସୀମାବଦ୍ଧତା ଆଧାରରେ ମାପିହେବ ନାହିଁ । ସୁଯୋଗ, ସମ୍ମାନ ଓ ସଠିକ୍‌ ସହଯୋଗ ମିଳିଲେ ଅସମ୍ଭବ ମନେ ହେଉଥିବା ଲକ୍ଷ୍ୟ ମଧ୍ୟ ସମ୍ଭବ ହୋଇପାରେ । ୨୦୧୦ର ୧୪ ପଦକରୁ ୨୦୨୬ର ୧୧୪ ପଦକ ପର୍ଯ୍ୟନ୍ତ ଭାରତର ଯାତ୍ରା ଏହି ଅଦମ୍ୟ ବିଶ୍ୱାସର ପ୍ରମାଣ । ଏବେ ଆବଶ୍ୟକ ହେଉଛି ଏହି ସଫଳତାକୁ ଏକ ସ୍ଥାୟୀ କ୍ରୀଡ଼ା ଆନ୍ଦୋଳନରେ ପରିଣତ କରିବା । ଆଜିର ଚତୁର୍ଥ ସ୍ଥାନ ଆସନ୍ତାକାଲି ତୃତୀୟ, ଦ୍ୱିତୀୟ କିମ୍ବା ପ୍ରଥମ ସ୍ଥାନର ସ୍ୱପ୍ନ ଦେଖାଉଛି । କିନ୍ତୁ ସେହି ସ୍ୱପ୍ନ ପୂରଣ ହେବ କେବଳ ଯୋଜନାବଦ୍ଧ ପରିଶ୍ରମ, ସମାନ ସୁଯୋଗ ଓ ନିରନ୍ତର ସମର୍ଥନ ମାଧ୍ୟମରେ । ଭାରତର ପାରା କ୍ରୀଡ଼ାବିତ୍‌ମାନେ ଆଜି କେବଳ ପଦକ ଜିତୁନାହାନ୍ତି, ସେମାନେ ସୀମାବଦ୍ଧତାର ପରିଭାଷା ଓ ସମାଜର ଦୃଷ୍ଟିକୋଣ ବଦଳାଉଛନ୍ତି ଏବଂ ଏକ ଅଧିକ ସମାବେଶୀ ଭାରତର ଭବିଷ୍ୟତ ଗଢ଼ୁଛନ୍ତି । ସର୍ବଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏସୀୟ ପାରା କ୍ରୀଡ଼ାରେ ଭାରତର ସଫଳତା କେବଳ ପଦକର କାହାଣୀ ନୁହେଁ, ଏହା ବଦଳୁଥିବା ରାଷ୍ଟ୍ରର ସ୍ୱପ୍ନ, ସଂକଳ୍ପ ଓ ସାମର୍ଥ୍ୟର ପ୍ରତୀକ ତଥା ସଂଘର୍ଷରୁ ସଫଳତାର ଯାତ୍ରା । ●

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

ନିଶାସକ୍ତ ଶିକ୍ଷକ: ଶିକ୍ଷାବ୍ୟବସ୍ଥାର କଳଙ୍କ

ଅର୍ଜୁନ ଘଡ଼େଇ

ସମାଜର ସାମଗ୍ରିକ ପ୍ରଗତି, ସାମାଜିକ ଜୀବନରେ ଶୃଙ୍ଖଳା ସ୍ଥାପନ କରିବା ପାଇଁ ଆମେ 'ନିଶାମୁକ୍ତ ସମାଜ' ଗଠନର ଆହ୍ୱାନ ଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ୍‌ ହେଉଥିବା ବେଳେ ନିଶାସକ୍ତ କିଛି ଶିକ୍ଷକମାନଙ୍କର ଆଚରଣ, ବ୍ୟବହାର ଆଦି ଯାହା ବିଭିନ୍ନ ଗଣମାଧ୍ୟମର ଶିରୋନାମା ହୁଏ, ତାହା ପଢ଼ିବା ଶୁଣିବା ବେଳେ ମନେ ହୁଏ, ଏପରି ବ୍ୟକ୍ତିବିଶେଷ କେବଳ ସମାଜର କଳଙ୍କ ନୁହନ୍ତି, ସମଗ୍ର ଶିକ୍ଷକ ସମାଜ ଓ ବ୍ୟବସ୍ଥା ପାଇଁ କଳଙ୍କ । କେଉଁ ପୂର୍ବ ସୁକୃତିରୁ ଏମାନେ ଶିକ୍ଷା ବ୍ୟବସ୍ଥା ଭିତରକୁ ଟାଣି ହୋଇଆସିଲେ, କିଏ ଏମାନଙ୍କ ନିଯୁକ୍ତିଦାତା ଥିଲେ, କେଉଁ ଜ୍ଞାନର ପରିମାପକରେ ଏମାନଙ୍କୁ ନିଯୁକ୍ତି ଦିଆଗଲା - ଏମିତି ଅନେକ ପ୍ରଶ୍ନ ମନକୁ ଉଦ୍‌ବେଳିତ କରେ । ଏପରି ନଷ୍ଟ ଚରିତ୍ରମାନେ ଶିକ୍ଷା ବ୍ୟବସ୍ଥାକୁ କେତେ ନଷ୍ଟ ଭ୍ରଷ୍ଟ କରି ଦେବେ ଏବଂ ଏମାନଙ୍କ ପ୍ରଭାବରେ ଅଗଣିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କେତେ ଅନ୍ଧକାରଚ୍ଛନ୍ନ ହେଇଯିବ, ଏହା ହିଁ ଚିନ୍ତାର କାରଣ ।

ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ କିଛି କୁଶିକ୍ଷକ ନିଶାପାନ କରି ଶିକ୍ଷାୟତନରେ ପ୍ରବେଶ କରିବା, ଉନ୍ମତ୍ତ କାଣ୍ଡ ଭିଆଇବା କେତେ ଅସୌଜନ୍ୟ, ଅମାନବିକତାକୁ ପ୍ରକଟ କରୁଛି ତାହା ସେମାନେ ବୋଧେ ବୁଝିବାରେ ସକ୍ଷମ ନୁହନ୍ତି କିମ୍ବା ସହଜରେ ଗ୍ରହଣ କରି ନେଉଛନ୍ତି । ନିଶାସକ୍ତ ଶିକ୍ଷକଟିଏ ବୁଦ୍ଧିବିବେକଶୂନ୍ୟ ହୋଇ କୋମଳମତି ଶିଶୁଟିକୁ ଆଘାତ କରି କେତେବେଳେ ରକ୍ତାକ୍ତ କରୁଛି ତ କେତେବେଳେ ଉନ୍ମତ୍ତ ହୋଇ ଶ୍ରେଣୀକକ୍ଷରେ ନୃତ୍ୟ କରୁଛି । ପୁଣି କେତେବେଳେ କାହାପ୍ରତି ଅସଦାଚରଣ କରିବାକୁ ମଧ୍ୟ ପଶ୍ଚାତ୍‌ପଦ ହେଉ ନାହିଁ । ସେହିପରି ଉଚ୍ଚଶିକ୍ଷା କ୍ଷେତ୍ରରେ କେତେକ ଶିକ୍ଷକ ମଦ୍ୟପାନ ନ କରି ଶିକ୍ଷାଦାନ କରିବାରେ ଅସମର୍ଥ ହେଉଥିବା ଶୁଣିବାକୁ ମଧ୍ୟ ମିଳୁଛି । ଅନେକ କ୍ଷେତ୍ରରେ ଛାତ୍ରମାନଙ୍କ ପ୍ରତି ଅସହନଶୀଳ, ଅସୌଜନ୍ୟ ଆଚରଣ କରିବା ଆମ ଦୃଷ୍ଟିକୁ ଆସୁଛି । ଏପରି କୁକର୍ମ, ଜଣେ ଶିକ୍ଷକଙ୍କ ଠାରୁ କ'ଣ ଏ ସମାଜ ଆଶା କରେ? ଏହା କ'ଣ ଶିକ୍ଷକତାର ଧର୍ମ? ନିଜ ଜୀବନକୁ ନିଶା ସେବନ କରି ବିଶୃଙ୍ଖଳିତ କରାଉଥିବା ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଜୀବନକୁ ଶୃଙ୍ଖଳ କରିବାରେ ସମର୍ଥ ହେବେ କିପରି?

କେଉଁଠି ନିଶାସକ୍ତ ଶିକ୍ଷକଟିଏ ଗଛରେ ବନ୍ଧା ହେଲାଣି ତ କେଉଁଠି ଗାଁ ଦାଣ୍ଡରେ ଲଣ୍ଡାହୋଇ ବୁଲିଲେଣି । ଏପରି ଲଜ୍ୟାଜନକ ଦୃଶ୍ୟ ଦେଖିବା, ସହିବା ଜଣେ ସ୍ୱାଭିମାନୀ ଶିକ୍ଷକ ପକ୍ଷରେ ଆଦୌ ସମ୍ଭବ ନୁହେଁ । ନିଜର ଅପକର୍ମ ଯୋଗୁଁ ସେମାନେ ଯେତେବେଳେ ସାଧାରଣ ଜନତାଙ୍କ ଦ୍ୱାରା ବିଭିନ୍ନ ଅମାନୁଷିକ, ଅଶୋଭନୀୟ ଦଣ୍ଡର ଶିକାର ହେଉଛନ୍ତି ସେତେବେଳେ ଆମେ କହୁଛୁ ଆଇନ୍‌କୁ ହାତକୁ ନେବା ଉଚିତ୍‌ ନୁହେଁ । ବିଧି ବ୍ୟବସ୍ଥାରେ ଥିବା ଦଣ୍ଡ ସେମାନଙ୍କ ଚରିତ୍ର ବଦଳାଇବାରେ ଯଥେଷ୍ଟ ସହାୟକ ହୋଇପାରିବ ନାହିଁ । କିନ୍ତୁ ଶିକ୍ଷକ ସମାଜକୁ କଳଙ୍କିତ, ସମ୍ମାନ, ମର୍ଯ୍ୟାଦାହାନି କରୁଥିବା ନଷ୍ଟଚରିତ୍ରମାନେ କୌଣସି ପ୍ରକାରେ କ୍ଷମାଯୋଗ୍ୟ ନୁହନ୍ତି । ବିଡ଼ମ୍ବନାର ବିଷୟ ରାଜନୈତିକ ବ୍ୟକ୍ତିବିଶେଷଙ୍କ ହସ୍ତକ୍ଷେପ ଓ ବିଭାଗୀୟ ଅଧିକାରୀଙ୍କ ସମର୍ଥନ ଯୋଗୁଁ କିଛି ପ୍ରତିପତ୍ତିଶୀଳ ଶିକ୍ଷକଙ୍କ ପାଇଁ କୌଣସି ଦଣ୍ଡ ଯଥେଷ୍ଟ ହେଉନାହିଁ ।

ବିଦ୍ୟାଳୟ ପରି ପବିତ୍ର କର୍ମକ୍ଷେତ୍ରରେ ଏମାନଙ୍କର ଅନୁପ୍ରବେଶକୁ ପ୍ରତ୍ୟେକ ସ୍ତରରେ ପ୍ରତିବାଦ ନକଲେ ଏହାର ଭୟାବହ ପରିସ୍ଥିତିକୁ କେବଳ ଅନୁଷ୍ଠାନ ସହ ସଂପୃକ୍ତ ବ୍ୟକ୍ତିବିଶେଷ ଅନୁଭବ କରିବେ ନାହିଁ, ବରଂ ଏହା ସାମାଜରେ ଏକ ବିଷମୟ ବଳୟ ସୃଷ୍ଟି କରି ସମସ୍ତଙ୍କୁ ଯନ୍ତ୍ରଣାଗ୍ରସ୍ତ କରିବ । କାରଣ ଖୋଜିବା, ନିରାକରଣ ବ୍ୟବସ୍ଥା କରିବା ଦାୟିତ୍ୱ ଯେଉଁ ବିଭାଗୀୟ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି ସେମାନେ ଯେତେ ଯତ୍ନବାନ ହେବେ ସେତେ ସୁଫଳ ମିଳିବା ସମ୍ଭବ ହେବ । ଶିକ୍ଷାଦାନ, ସମାଜ ଗଠନ ପାଇଁ ଶିକ୍ଷକଟିଏ ନିଯୁକ୍ତି ଦେବା ପୂର୍ବରୁ ତା'ର ଚରିତ୍ରର ସବିଶେଷ ଅନୁଶୀଳନ, ବିଶ୍ଳେଷଣ କରି ନିଯୁକ୍ତି ଦେଲେ ବୋଧହୁଏ ଆଜିର ସମୟରେ ଏପରି ବିନଷ୍ଟକାରୀ ତତ୍ତ୍ୱମାନଙ୍କର ଅନୁପ୍ରବେଶ ଶିକ୍ଷା ବ୍ୟବସ୍ଥାରେ ହୁଅନ୍ତା ନାହିଁ, ଏପରି ଆଶା କରିବା ଅଯୁକ୍ତିକର ନୁହେଁ । ପ୍ରମାଣପତ୍ରରେ 'ଭଲଚରିତ୍ର' ଉଲ୍ଲେଖ ଥିବା ଅନେକ 'ନଷ୍ଟଚରିତ୍ର' ଆମ ସାମାଜିକ ଜୀବନ ସହ ଶିକ୍ଷାକ୍ଷେତ୍ରକୁ ଯେପରି ନର୍କଗାମୀ କରିଦେଉଛନ୍ତି, ତା'ର ମୂଳୋତ୍ପାଟନ ପାଇଁ ଆବଶ୍ୟକ ବିଧିବ୍ୟବସ୍ଥା ରହିବା ଜରୁରୀ ।

ନଷ୍ଟ ଚରିତ୍ର ଶିକ୍ଷକ ସମାଜରେ ଆଦୌ ଗ୍ରହଣୀୟ ନୁହେଁ । ଚରିତ୍ରବାନ୍‌ ହେବା ପ୍ରତ୍ୟେକ ଶିକ୍ଷକଙ୍କର ଶ୍ରେଷ୍ଠ ଚିନ୍ତନ ହେଉ । ଏହାହିଁ ସମାଜ ଓ ଶିକ୍ଷା ବ୍ୟବସ୍ଥାରେ ନୂତନ ଦିଗ ସୃଷ୍ଟି କରିବ । ଜଣେ ଉତ୍ତମ ଶିକ୍ଷକ ଜ୍ଞାନ, ଗରିମା ସହ ଅସଂଖ୍ୟ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଢ଼ିବାର ମାନସିକତା ରଖି ନିଜର ନିଶାମୁକ୍ତ ଜୀବନ ପ୍ରତି ଆକର୍ଷିତ, ଭାବନାରେ ସମର୍ପିତ ହେବା ସର୍ବାଦୌ ଗ୍ରହଣୀୟ । ●

(ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

ମାନବାତ୍ମାର ଦିବ୍ୟସଂକେତ: ସାହିତ୍ୟ-ତପସ୍ୱୀ ମନୋଜ ଦାସ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍‌

ଋଷିକଳ୍ପ ମନୋଜ ଦାସଙ୍କ ଧରାବତରଣ ଭାରତୀୟ ସାରସ୍ୱତ ଜଗତରେ ଏକ ବିସ୍ମୟକର ଘଟଣା । ମାତ୍ର ୧୪ବର୍ଷ ବୟସରେ 'ସମୁଦ୍ରର କ୍ଷୁଧା' ଗଳ୍ପ ରଚନା କରି ସେ ନିଜ ପ୍ରଚଣ୍ଡ ପ୍ରତିଭାର ପରିଚୟ ଦେଇଥିଲେ - ଏହି ସତ୍ୟ ଦେଖାଯାଏ ସୁସ୍ପଷ୍ଟ ଭାବରେ । କିନ୍ତୁ ଯାହା ପ୍ରତ୍ୟକ୍ଷ ରୂପରେ ଦେଖି ପାରିବାରେ ଆମେ ଅସମର୍ଥ, ତାହା ହେଲା ବାତ୍ୟା-ବିପନ୍ନ, ଦୁର୍ଭିକ୍ଷ ପ୍ରପୀଡ଼ିତ, ଦାରିଦ୍ର୍ୟ-ନିପୀଡ଼ିତ, ଜରାକ୍ଲିଷ୍ଟ, ବ୍ୟାଧି-ଜର୍ଜରିତ ମଣିଷର ଦୁର୍ଦ୍ଦଶା ଦର୍ଶନ- ଭାରାକ୍ରାନ୍ତ ବ୍ୟଥାତୁର 'ମନୋଜ-ମାନସ' । ତାଙ୍କ ସହାନୁଭୂତି-ବିଗଳିତ ବକ୍ଷକୁ ଯେଉଁ ପ୍ରଶ୍ନ ଅଧୀର-ଅସ୍ଥିର-ବ୍ୟାକୁଳ କରି ରଖିଥିଲା ତାହା ହେଉଛି 'ମଣିଷ ଦୁଃଖ ଭୋଗ କରେ କାହିଁକି?' ଏହି ଅଶ୍ରୁଳ ଜିଜ୍ଞାସା ତାଙ୍କୁ ଦିନେ ଆକର୍ଷିତ କରି ଆଣିଲା ମାର୍କ୍ସୀୟ ଦର୍ଶନ ପ୍ରତି । କବିତାରେ ବିପ୍ଳବର ବାଣୀ ଭରି ଦେଇପାରୁଥିବା ମନୋଜ ଗଳ୍ପରେ ଚିତ୍ରଣ କଲେ ଅସହାୟ, ଉପେକ୍ଷିତ, କ୍ଷୁଧାର୍ତ୍ତ, ବିଷାଦିତ ମାନବ-ଜୀବନର ଅନ୍ତର୍ଭେଦୀ ହାହାକାର । 'ଆବିଷ୍କାର', 'ଏକ ଚୋରିର ବୃତ୍ତାନ୍ତ', 'ବିଷକନ୍ୟାର କାହାଣୀ' ଆଦି ଗଳ୍ପର ଭାଷବିନ୍ୟାସ ପଶ୍ଚାତରେ ସ୍ରଷ୍ଟା ହୃଦୟର କାରୁଣ୍ୟ କେତେ ଗଭୀର ତାହାକୁ କଳ୍ପନା କରିବା କ'ଣ ସହଜ! ଅନେକଙ୍କ ଦୃଷ୍ଟିରେ ତାଙ୍କ 'ଆରଣ୍ୟକ' ଏକ ଶ୍ରେଷ୍ଠ ଗଳ୍ପ । ସେଥିରେ ପ୍ରତିବିମ୍ବିତ ମଣିଷର ବର୍ବରତା ଓ ପୈଶାଚିକତା କି ପୀଡ଼ାଦାୟକ ନୁହେଁ!

ହତାଶା-ଜର୍ଜରିତ ଅନେକ ବିପଜ୍ଜନକ ଘାଟିକୁ ଅତିକ୍ରମ କରି ମନୋଜ ମାବାବାତ୍ମା ମଧ୍ୟକୁ ତାଙ୍କର ଅନ୍ତର୍ଯାତ୍ରା ରଖିଛନ୍ତି ଅବ୍ୟାହତ । ଅନେକେ ପ୍ରଶ୍ନ କରନ୍ତି ସେ ଶ୍ରୀଅରବିନ୍ଦ ଦର୍ଶନ ପ୍ରତି ହଠାତ ଅନୁରକ୍ତ ହୋଇଗଲେ କିପରି? ଥରେ ନୁହେଁ, ବହୁବାର ସେ ବୁଝାଇ ଦେଇଛନ୍ତି ଯେ, ହଠାତ କିଛି ଘଟିନାହିଁ । ଅନ୍ତର ଭିତରେ ଯେଉଁ ତୁମୁଳ ତୋଫାନ ଧ୍ୱସ୍ତବିଧ୍ୱସ୍ତ କରି ଦେଉଥିଲା ମଣିଷ ପ୍ରତି ତାଙ୍କର ବିଶ୍ୱାସକୁ ସେତିକିବେଳେ ମହାକବି ମହଯୋଗୀ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗ ତାଙ୍କ ଅଶାନ୍ତ ଆତ୍ମାରେ ଦେଇଥିଲା ଶାନ୍ତିର ସୁଶୀତଳ ସ୍ପର୍ଶ । ବାହ୍ୟ ପରିବର୍ତ୍ତନ ନୁହେଁ, ଅନ୍ତଃଚେତନାର ବିକାଶ ହିଁ ଦେଇପାରିବ ଶୁଭଙ୍କର ଜୀବନର ବାର୍ତ୍ତା - ଏହି ସତ୍ୟ ତାଙ୍କ ଭିତରେ ଉନ୍ମୀଳିତ ହୋଇଯାଇଥିଲା । ୧୯୬୩ ମସିହାରୁ ସେ ସସ୍ତ୍ରୀକ ଦିବ୍ୟଜନନୀ ଶ୍ରୀମାଆଙ୍କ ଚରଣରେ ହୋଇଯାଇଥିଲେ ସମର୍ପିତ । ପଣ୍ଡିଚେରୀ ଆଶ୍ରମ ବାତାବରଣରେ ସେ ପରିଣତ ହୋଇଯାଇଥିଲେ ଅନନ୍ୟ ସାହିତ୍ୟ-ତପସ୍ୱୀ ଭାବରେ ।

କବିତା, ଗଳ୍ପ, ପ୍ରବନ୍ଧ, ଜୀବନୀ, ସ୍ମୃତିକଥା, ଭ୍ରମଣକାହାଣୀ, ଉପନ୍ୟାସ, ସ୍ତମ୍ଭ ରଚନାଦିରେ ଓଡ଼ିଆ ସାହିତ୍ୟକୁ ସେ ଏପରି ଏକ ଉଚ୍ଚତର ସୀମାକୁ ପହଞ୍ଚାଇ ଦେଇଛନ୍ତି, ଯାହା ପୃଥିବୀର କ୍ୱଚିତ ସ୍ରଷ୍ଟାଙ୍କ କ୍ଷେତ୍ରରେ ସମ୍ଭବ ହୋଇପାରିଛି । 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଲକ୍ଷ୍ମୀର ଅଭିସାର', 'ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ ', 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ', 'କବିତା ଉତ୍କଳ', 'ଅମୃତ ଫଳ', 'ଆକାଶର ଇସାରା', 'ଶେଷ ତାନ୍ତ୍ରିକର ସନ୍ଧାନରେ ', 'ଦୂରଦୂରାନ୍ତର', 'ଅନ୍ତରଙ୍ଗ ଭାରତ', 'କେତେ ଦିଗନ୍ତ' ଆଦି ପୁସ୍ତକ ଲୋକପ୍ରିୟତାର ଶୀର୍ଷରେ ଉପନୀତ । ତାଙ୍କ ଶ୍ରେଷ୍ଠ ଗଳ୍ପ 'ଲକ୍ଷ୍ମୀର ଅଭିସାର'ର କଥାବସ୍ତୁ କେଉଁ ସଚେତନ ପାଠକଙ୍କ ଅବା ଅଗୋଚର! ନିଷ୍ପାପ ଶିଶୁ ଲକ୍ଷ୍ମୀ ପ୍ରତି ନିର୍ଦ୍ଦୟ ବ୍ୟବହାର କରିଥିବା ପୂଜାରୀ ପଣ୍ଡିତ ଅନୁତାପ-ଦଗ୍ଧ ଚିତ୍ତରେ ନିଜକୁ ନିଜେ ଯେତେବେଳେ ଅଭିଶାପ ଦିଅନ୍ତି ସେତେବେଳେ ତାଙ୍କ ଆତ୍ମାର ପବିତ୍ରତା ପ୍ରତିପାଦିତ ହୋଇଯାଇଛି ପ୍ରଭାବଶାଳୀ ଭାବରେ!

ମନୋଜ ମଣିଷକୁ ବ୍ୟଙ୍ଗ କରନ୍ତି । ମାତ୍ର ସେଇ ବ୍ୟଙ୍ଗ ଏତେ ବିନମ୍ରତା ଯୁକ୍ତ, ସହାନୁଭୂତିସିକ୍ତ ଓ ଆତ୍ମସତ୍ୟ ଉନ୍ମୋଚକ, ଯାହାର ଉଦାହରଣ ଏକାନ୍ତ ବିରଳ । ବିଦେଶୀ ପତ୍ରିକାରେ ପ୍ରକାଶିତ ଇଂରାଜୀ ଗଳ୍ପ ଭାରତୀୟ ଜୀବନର ପ୍ରକୃତ ପ୍ରତିନିଧିତ୍ୱ କରିବାରେ ଅସମର୍ଥ ବୋଲି ହୃଦୟଙ୍ଗମ କରିବା ପରେ ସେ ନିଜେ ଇଂରାଜୀରେ ଗଳ୍ପ ରଚନା ପାଇଁ ନେଇଛନ୍ତି ଚୂଡ଼ାନ୍ତ ନିଷ୍ପତ୍ତି । ଅନ୍ତର୍ଜାତୀୟ ସ୍ତରରେ ତାହା ଆଦୃତ ହେବା ଦ୍ୱାରା ଇଂରାଜୀରେ ତାଙ୍କ ଲେଖନୀ ଚାଳନା ଅଧିକ ସମ୍ପ୍ରସାରିତ ରୂପ ପରିଗ୍ରହ କରିଛି କ୍ରମଶଃ । ଭୟଙ୍କର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜୀବନ ଓ ମଣିଷ ଜାତିର ଭବିଷ୍ୟତ ପ୍ରତି ତାଙ୍କ ଆସ୍ଥାଶୀଳତା ହୋଇଛି ଅତ୍ୟନ୍ତ ଶକ୍ତିଶାଳୀ । ତାଙ୍କ ଗଳ୍ପ ଉପନ୍ୟାସରେ ଚିତ୍ରିତ ଚରିତ୍ରମାନେ ଉଚ୍ଚାଭିଳାଷ-ପୀଡ଼ିତ ହୋଇ କ'ଣ କମ ଯନ୍ତ୍ରଣା ଭୋଗ କରିଛନ୍ତି! ତାହା ହିଁ କ'ଣ ଜୀବନର ଲକ୍ଷ୍ୟ ନା ଅନ୍ତରାତ୍ମାର ଅଭୀପ୍ସା? ନୂତନ ଅବୋଲକରା କାହାଣୀରେ ସେ କହନ୍ତି : 'ଜୀବନର ଆଭିମୁଖ୍ୟ ଅନ୍ଧକାର ଭିତରୁ ଆଲୋକ ଅଭିମୁଖରେ, ଅଜ୍ଞାନ ଭିତରୁ ଜ୍ଞାନଲାଭ ଦିଗରେ ଗତି -ଅର୍ଥାତ ପ୍ରଗତି ।' ଜୀବନର ଏହି ମହତ ଆଭିମୁଖ୍ୟକୁ ସେ ଦର୍ଶାଇ ଦେଇଛନ୍ତି ସୁସ୍ପଷ୍ଟ ଭାବରେ । ସେହି ଉଚ୍ଚତର ଚେତନା ଉଦ୍ଦେଶ୍ୟରେ ଉନ୍ମୁଖ ରହିବା ସକାଶେ ତାଙ୍କର ସୁବିଶାଳ ସାହିତ୍ୟ ସମ୍ଭାରର ପ୍ରତିଟି ପୃଷ୍ଠାରେ ଭରି ରହିଛି ଦିବ୍ୟସଂକେତ । ଇଂରାଜୀରେ ଲିଖିତ ଶ୍ରୀଅରବିନ୍ଦଙ୍କ ଶ୍ରେଷ୍ଠ କାବ୍ୟ 'ସାବିତ୍ରୀ'ର ଓଡ଼ିଆ ଭାଷାନ୍ତର ତାଙ୍କର ଅନ୍ତିମ ଜୀବନର ସର୍ବଶ୍ରେଷ୍ଠ ଶ୍ରଦ୍ଧାର୍ଘ୍ୟ । 'ଅମୃତଫଳ' ଉପନ୍ୟାସରେ ବଳଦେବ ଅମରନାଥଙ୍କୁ ଲକ୍ଷ୍ୟ କରି କହିଛନ୍ତି: 'ତମ ନିଜ ଭିତରର ବଣିକ-ସତ୍ତା କହୁଛି ଅମର! ତୁମକୁ ମନେ ପକାଇ ଦେଉଛି, ସେଇଟା ତୁମ ସତ୍ତାର ଏକାଂଶ ମାତ୍ର । ତାକୁ ସାରାଂଶ ହେବାକୁ ଦିଅନା । ଦିନେ ତମେ ଚମତ୍କାର ସାହିତ୍ୟ ଲେଖୁଥିଲ । ପୂରାପୂରି ଭୁଲିଗଲ! ସାହିତ୍ୟ ଭୁଲିଲ ତ ଭୁଲିଲ, ଜୀବନର ଲକ୍ଷ୍ୟ ସମ୍ପର୍କରେ ମଝେ ମଝେ ନିଜକୁ ପ୍ରଶ୍ନ କରିବାକୁ ଯେପରି ଭୁଲି ନ ଯାଅ ।' କହିବା ନିଷ୍ପ୍ରୟୋଜନ, ଏହା ଆମ ପ୍ରତ୍ୟେକଙ୍କ ପ୍ରତି ହିଁ ପ୍ରଯୁଜ୍ୟ । ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ସିବିଆଇ ଜାଲରେ ଜିଏସ୍‌ଟି ହାବିଲଦାର

ଭୁବନେଶ୍ୱର, ୨୮।୧୦ (ସମିସ): ଜିଏସ୍‌ଟି ସାର୍ଟିଫିକେଟ ପାଇଁ ଲାଞ୍ଚ ମାଗିବା ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ ହାବିଲଦାରଙ୍କୁ କାବୁ କରିଛି ସିବିଆଇ। ଗିରଫ ଅଭିଯୁକ୍ତ ହେଉଛନ୍ତି ରାଧାକାନ୍ତ ବେହେରା।

ସିବିଆଇ ସୂଚନାନୁସାରେ, ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ନାରଗୋଦା ଗ୍ରାମର କରୁଣାକର ଦାସ ଅନଲାଇନ୍ ବ୍ୟବସାୟ କରିବା ଲାଗି ଜିଏସ୍‌ଟି ପାଇଁ ଆବେଦନ କରିଥିଲେ। ଆବେଦନ କରିବା ପରେ ବାଲେଶ୍ୱର ସେଣ୍ଟ୍ରାଲ ଜିଏସ୍‌ଟି କାର୍ଯ୍ୟାଳୟରୁ ଇନ୍ସପେକ୍ଟର ଅନିର୍ବାଣ ମଣ୍ଡଳ ତାଙ୍କୁ ଫୋନ୍ କରି ଅଫିସକୁ ଆସିବାକୁ କହିଥିଲେ। କରୁଣାକର ଅଫିସକୁ ଯାଇ ଶ୍ରୀ ମଣ୍ଡଳଙ୍କୁ ଭେଟିଥିଲେ। ଶ୍ରୀ ମଣ୍ଡଳ ମଧ୍ୟ ଜିଏସ୍‌ଟି ସାର୍ଟିଫିକେଟ ପ୍ରକ୍ରିୟାକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କରୁଣାକର ଅଫିସରୁ ବାହାରିବା ବେଳକୁ ଜିଏସ୍‌ଟି ଅଫିସର ହାବିଲଦାର ରାଧାକାନ୍ତ ବେହେରା ତାଙ୍କୁ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଟଙ୍କା ନଦେଲେ ଜିଏସ୍‌ଟି ସାର୍ଟିଫିକେଟ କରାଇଦେବେ ନାହିଁ ବୋଲି ଧମକ ଦେଇଥିଲେ। ଏନେଇ କରୁଣାକର ଦାସ ଅଭିଯୋଗ କରିବା ପରେ ଭୁବନେଶ୍ୱର ସିବିଆଇ ମାମଲା ରୁଜୁ କରିଥିଲା। ସେପଟେ କରୁଣାକର ମୂଲଚାଲ କରି ଲାଞ୍ଚ ବାବଦକୁ ୧୫୦୦ ଟଙ୍କା ଦେବେ ବୋଲି କହିଥିଲେ। ମଙ୍ଗଳବାର ଦ୍ୱିପ୍ରହରରେ କରୁଣାକର ୧୫୦୦ ଟଙ୍କା ନେଇ ରାଧାକାନ୍ତଙ୍କୁ ଦେଇଥିଲେ। ସେହି ସମୟରେ ପୂର୍ବ ଯୋଜନା ମୁତାବକ ଛକି ରହିଥିବା ସିବିଆଇ ଟିମ୍ ରାଧାନାଥଙ୍କୁ କାବୁ କରି ନେଇଥିଲା। ସିବିଆଇକୁ ଦେଖି ରାଧାକାନ୍ତ ଲାଞ୍ଚ ଟଙ୍କାକୁ ୩ ମହଲା ଉପରୁ ଝରକା ପଟରେ ତଳକୁ ଫୋପାଡ଼ି ଦେଇଥିଲେ। ସିବିଆଇ ଖୋଜାଖୋଜି କରି ଉକ୍ତ ଟଙ୍କାକୁ ଜବତ କରିଥିଲା।

ଅବଶିଷ୍ଟାଂଶ...

ଦକ୍ଷିଣରେ ବର୍ଷାର...

ରାଜ୍ୟରେ କୋହଲା ପାଗ ଓ ବର୍ଷା ଲାଗି ରହିଛି। ଏହି ସ୍ଥିତି ଗୁରୁବାର ମଧ୍ୟ ଅନେକ ସ୍ଥାନରେ ଜାରି ରହିବ ଓ ରାଜ୍ୟର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି । ବାତ୍ୟାର ଗତି ଧୀର ରହିଥିବା ହେତୁ ବଙ୍ଗୋପସାଗରରୁ ପ୍ରଚୁର ଜଳୀୟବାଷ୍ପ ଅର୍ଣ୍ଣବର କେନ୍ଦ୍ରକୁ ମିଳୁଛି। ଏହା ପ୍ରଭାବରେ ଉତ୍ତର ଦିଗ ଅର୍ଥାତ ଓଡ଼ିଶାରେ ପାଗ ମେଘୁଆ ରହିବା ସହ ବର୍ଷା ପାଇଁ ଅନୁକୂଳ ରହୁଛି। ଏହି କ୍ରମରେ ଗୁରୁବାର ରାଜ୍ୟର ଅଧିକାଂଶ ସ୍ଥାନରେ କୋହଲା ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ଗୁରୁବାର ବର୍ଷାର ପ୍ରଭାବ ଅଧିକ ରହିବା ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାର ମଧ୍ୟ କେତେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି।

ବାତ୍ୟା ସ୍ଥଳଭାଗ ସ୍ପର୍ଶ ବେଳକୁ ଆନ୍ଧ୍ର ଉପକୂଳରେ ପବନର ବେଗ ଘଣ୍ଟା ପ୍ରତି ୧୨୫-୧୩୫ କିଲୋମିଟର ରହିଥିଲା। ମାତ୍ର ଓଡ଼ିଶାରେ ପବନ ବିଶେଷ ଅନୁଭୂତ ହୋଇ ନ ଥିଲା। ତେବେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାତ୍ୟା ଯୋଗୁଁ ପ୍ରବଳ ବର୍ଷା ହୋଇଥିଲଶ। ବାତ୍ୟା ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୩ ସ୍ଥାନରେ ପ୍ରବଳ ବର୍ଷା , ୧୧ଟିରେ ଅତି ପ୍ରବଳ ଓ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଦାରିଙ୍ଗବାଡ଼ିରେ ସର୍ବାଧିକ ୧୯୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଛତ୍ରପୁରରେ ୧୮୦, ପାରଳାଖେମୁଣ୍ଡିରେ ୧୭୦, ଗୋପାଳପୁରରେ ୧୬୦, ଭଦ୍ରକ ୧୩୮ , ଜଗତସିଂହପୁର ୭୦, ଭୁବନେଶ୍ୱର ୬୫ ଓ କଟକରେ ୫୫ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ଭଲ ବର୍ଷା ରେକର୍ଡ ହୋଇଛି।

'ଜେଟିଡବ୍ଲୁସି' ତଥ୍ୟକୁ ଆଧାର କରି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୮ ଅକ୍ଟୋବର ପ୍ରତ୍ୟୁଷ ସମୟରେ ବାତ୍ୟାର କେନ୍ଦ୍ର ଉପକୂଳ ନିକଟରେ ପହଞ୍ଚିଥିଲା। ସେହି ସମୟରେ ବାତ୍ୟାର ସର୍ବାଧିକ ନିରନ୍ତର ପବନ ବେଗ ଘଣ୍ଟା ପ୍ରତି ୧୨୦ କିଲୋମିଟର, ଝଟକା ପବନ ବେଗ ୧୪୮ କିଲୋମିଟର ରହିଥିଲା। ତେବେ ୨୭ ଅକ୍ଟୋବରରେ ଘଣ୍ଟା ପ୍ରତି ପ୍ରାୟ ୧୫-୨୦ କିଲୋମିଟର ବେଗରେ ଅଗ୍ରସର ହେଉଥିବା ବାତ୍ୟାର ଗତି ୨୮ ଅକ୍ଟୋବର ସକାଳେ ମାତ୍ର ୪ କିଲୋମିଟରକୁ ହ୍ରାସ ପାଇଥିଲା। ବାତ୍ୟାକୁ ଚଳାଉଥିବା ବାୟୁମଣ୍ଡଳର ମଧ୍ୟ ଓ ଉପର ସ୍ତରର ବୃହତ୍ ବାୟୁପ୍ରବାହ ଦୁର୍ବଳ ହେବା ବା ଉପକ୍ରାନ୍ତୀୟ ଉଚ୍ଚଚାପ ବଳୟର ପରିବର୍ତ୍ତନ ଫଳରେ ବାତ୍ୟାର ପଶ୍ଚିମମୁଖୀ ଗତି କମି ଉତ୍ତରମୁଖୀ ଗତିପଥ ସୃଷ୍ଟି ଯୋଗୁଁ ଏପରି ପରିବର୍ତ୍ତନ ଆସିଥାଇପାରେ। ସେହିପରି ଅନ୍ୟ ଏକ ନିମ୍ନଚାପ ଘୂର୍ଣ୍ଣିବଳୟ ସହ ପାରସ୍ପରିକ ପ୍ରଭାବ ମଧ୍ୟ ବାତ୍ୟାର ଗତିକୁ ପ୍ରଭାବିତ କରିଥାଇପାରେ; କିନ୍ତୁ ଏହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ବାତ୍ୟାର ମୁଖ୍ୟ ଗତିପଥ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ହେବ କିନ୍ତୁ ବାତ୍ୟା ସହ ସଂଯୁକ୍ତ ଆର୍ଦ୍ର ବାୟୁପ୍ରବାହ ଓ ବର୍ଷାବଳୟ ଯୋଗୁଁ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ବର୍ଷା ହୋଇପାରେ। ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ବର୍ଷାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

ମହାପ୍ରଭୁଙ୍କ ଆଶୀର୍ବାଦରୁ...

ବାତ୍ୟା 'ଅର୍ଣ୍ଣବ'ର ସ୍ଥିତି ଓ ଓଡ଼ିଶା ଉପରେ ଏହାର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏସ୍‌ଆରସି, ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବାତ୍ୟା ପରିଚାଳନା ଓ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ଏବଂ ବିଭିନ୍ନ ଜିଲ୍ଲାରେ ତଦାରଖ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କ ସହିତ ସେଠାକାର ପରିସ୍ଥିତି ଓ ପରିଚାଳନା ବିଷୟରେ ପଚାରି ବୁଝିଥିଲେ। ସମୀକ୍ଷା ପରେ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ୧୭ଟି ବ୍ଲକ୍‌ରେ ୧୦୫ ମିଲିମିଟରରୁ ଅଧିକ ବର୍ଷା ହୋଇଛି। କୋରାପୁଟର ପଟାଙ୍ଗୀରେ ସର୍ବାଧିକ ୧୮୮ ମିଲିମିଟର ଓ ଗଜପତିର ମୋହନାରେ ୧୮୨.୪ ମିଲିମିଟର ବର୍ଷା ହୋଇଛି। ତେବେ ଜିଲ୍ଲା ମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ବର୍ଷା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିପର୍ଯ୍ୟୟ ପରିଚାଳନାରେ ଆମର ଯଥେଷ୍ଟ ଦକ୍ଷତା ରହିଛି ଏବଂ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିଲା। ତେଣୁ ପରିସ୍ଥିତିର ମୁକାବିଲାରେ ଆମେ ସଫଳ ହୋଇଥିଲୁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ବାତ୍ୟା ମୁକାବିଲା ପାଇଁ ସମୁଦାୟ ୩୧୩ଟି ରେସ୍‌ପନ୍ସ ଟିମ୍ ନିୟୋଜିତ ରହିଛି ଏଥିରେ ୬୦ଟି ଓଡ୍ରାଫ୍, ୯ଟି ଏନ୍.ଡି.ଆର୍.ଏଫ୍ ଏବଂ ୨୪୪ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରଭାବିତ ୮ଟି ଜିଲ୍ଲାର ୬୩୪ଟି ଆଶ୍ରୟ ସ୍ଥଳୀରେ ୪୩, ୮୨୭ ଲୋକଙ୍କୁ ସୁରକ୍ଷିତ ରଖାଯାଇଛି। ଏହି ଜିଲ୍ଲା ଗୁଡିକ ହେଲା- ମାଲାକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ଗଞ୍ଜାମ, ଗଜପତି ଓ ନୂଆପଡା। ରିଲିଫ କ୍ୟାମ୍ପ ଗୁଡ଼ିକରେ ଲୋକମାନଙ୍କୁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ପାନୀୟ ଜଳ, ଔଷଧ ଓ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ମହଜୁଦ ରଖାଯାଇଛି। ଏହି ସମୟରେ ୨,୨୪୫ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଛି ଏବଂ ୯୩୧ ଜଣ ଶିଶୁ ସୁରକ୍ଷିତ ଭାବେ ଜନ୍ମ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ସମୁଦ୍ର ତଟରୁ ମତ୍ସ୍ୟଜୀବୀ ମାନେ ୧୯,୧୪୩ଟି ବୋଟ୍‌ରେ ସମୁଦ୍ରକୁ ଯାଇଥିଲେ, ସେମାନେ ସମସ୍ତେ କୂଳକୁ ଆସିଛନ୍ତି। ସେମାନଙ୍କୁ ଫେରାଇ ଆଣିବାରେ ଆମେ ଶତ-ପ୍ରତିଶତ ସଫଳ ହୋଇଛୁ ବୋଲି ସେ କହିଥିଲେ। ବର୍ତ୍ତମାନ ମଧ୍ୟ ଆମେ ପରିସ୍ଥିତି ଉପରେ ନଜର ରଖିଛୁ। ବର୍ଷା ଯୋଗୁ ବିଭିନ୍ନ ଜିଲ୍ଲାରେ ତଳିଆ ଅଞ୍ଚଳରେ ପାଣିଘେର ସମସ୍ୟା ଦେଖା ଯିବାର ସମ୍ଭାବନା ରହିଛି। ସେଥିପାଇଁ ବ୍ୟାପକ ପମ୍ପ୍ ବନ୍ଦୋବସ୍ତ କରି ଜଳ ନିଷ୍କାସନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହି ସମୀକ୍ଷାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ଏବଂ ଏସ୍‌ଆରସିଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପରିବର୍ତ୍ତନ ହୋଇପାରିବନି...

ନେଇ ପୁଣି ଥରେ ପ୍ରଶ୍ନ ଉଠିଲାଣି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ବେଞ୍ଚ ଆଜି ଏହି ମାମଲାର ଶୁଣାଣି କରୁଥିବା ବେଳେ ନିର୍ବାଚନ କମିସନଙ୍କ କାର୍ଯ୍ୟଶୈଳୀ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ।।ଯେ ଫର୍ମ-୬,୭ ଏବଂ ୮ର ନିର୍ଦ୍ଧାରିତ ଫର୍ମାଟ ରହିଛି। ଏହି ଢାଞ୍ଚାରେ କମିସନ କୌଣସି ପ୍ରକାର ପରିବର୍ତ୍ତନ କରିପାରିବେ ନାହିଁ। ପୂର୍ବରୁ ଭୋଟର ତାଲିକାରେ ନାମ ଥିବା ବ୍ୟକ୍ତିଙ୍କୁ ପୁନର୍ବାର ନାମ ପଞ୍ଜୀକରଣ ପାଇଁ ନୂଆ ଭୋଟରଙ୍କ ଉଦ୍ଦିଷ୍ଟ ଫର୍ମ ୬ ଦାଖଲ କରିବାକୁ କାହିଁକି କୁହାଯାଉଛି, ତାହା ନେଇ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଖଣ୍ଡପୀଠ ଅକ୍ଟୋବର ୩୦କୁ ଆବେଦନ ଦାଖଲର ଶେଷ ତାରିଖ ଭାବେ ଧାର୍ଯ୍ୟ କରିବା ନେଇ ମଧ୍ୟ ପ୍ରଶ୍ନ କରିଛନ୍ତି। ନିକଟ ଭବିଷ୍ୟତରେ ଦିଲ୍ଲୀରେ ନିର୍ବାଚନ ହେବାକୁ ଯାଉନଥିବାରୁ ପୁନଃପଞ୍ଜୀକରଣ ପାଇଁ ଏଭଳି ସମୟସୀମା କାହିଁକି ଧାର୍ଯ୍ୟ କରାଯାଇଛି? ଏହାର ଉଦ୍ଦେଶ୍ୟ କଣ ବୋଲି କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନ ବିଚାରପତିଙ୍କ ଏହି ପୀଠରେ ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନା ଅଛନ୍ତି। ଶୁଣାଣି ବେଳେ କମିସନଙ୍କ ଓକିଲ କହିଥିଲେ ଯେ ପଞ୍ଜୀକରଣ ସମୟସୀମା ବୃଦ୍ଧି କରାଯିବ।

ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ, ଦିଲ୍ଲୀରେ ପ୍ରାୟ ୧୪୫ କୋଟି ଭୋଟରଙ୍କ ମଧ୍ୟରୁ ୯୭ ଲକ୍ଷ ଗଣନା ଫର୍ମ ଦାଖଲ କରିଥିବା ବେଳେ ପ୍ରାୟ ୪୭ ଲକ୍ଷଙ୍କୁ ଫର୍ମ ମିଳିନାହିଁ। ଏମାନଙ୍କ ମଧ୍ୟରୁ ଅନେକଙ୍କୁ ଫର୍ମ ମିଳିନଥାଇପାରେ କିମ୍ବା ଅନ୍ୟ କାରଣରୁ ଦାଖଲ କରିନଥାଇପାରନ୍ତି। କୋର୍ଟ କହିଲେ ଯେ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରାଯିବା ଆବଶ୍ୟକ। ନିର୍ବାଚନ କମିସନ କେବଳ ଆବେଦନକୁ ଅପେକ୍ଷା ନକରି ଭୋଟରଙ୍କ ନିକଟରେ ପହଞ୍ଚିବା ଉଚିତ। ଭୋଟରମାନଙ୍କୁ ପଞ୍ଜୀକରଣରେ ସହାୟତା କରିବା ଉଚିତ। ସୂଚନାଯୋଗ୍ୟ ଯେ ଭୋଟରଙ୍କ ଠିକଣା ପରିବର୍ତ୍ତନ ପାଇଁ ଫର୍ମ ୮ ଏବଂ ନୂଆ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ ୬ ବ୍ୟବହାର କରାଯାଏ। ସେହିଭଳି ଭୋଟରଙ୍କ ନାମ କାଟିବା ଲାଗି ଫର୍ମ୭ର ବ୍ୟବହାର କରାଯାଉଛି। ତେବେ ଏସଆଇଆର ବେଳେ ଏହି ତିନିଟି ଫର୍ମର ବ୍ୟାପକ ଦୁରୁପଯୋଗ କରାଯାଇ କୋଟି କୋଟି ଭୋଟରଙ୍କ ନାମ ତାଲିକାରୁ କାଟି ଦିଆଯାଇଥିବା ଅଭିଯୋଗ କରିଛନ୍ତି ବିରୋଧୀ ଦଳ। ଏହି କାରଣରୁ ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ଉଲ୍ଲେଖଯୋଗ୍ୟ ଯେ ଫର୍ମ-୬ରେ ପରିବର୍ତ୍ତନକୁ ନେଇ କମିସନ ମଧ୍ୟରେ ମଧ୍ୟ ତୀବ୍ର ମତଭେଦ ରହିଛି।

ରିଲାଏନ୍ସ ଗ୍ରୁପ୍...

ସମୂହ ଦ୍ୱିତୀୟ ଏବଂ ୧୬.୬ ଲକ୍ଷ କୋଟି ଟଙ୍କା ସହ ଆଦାନୀ ସମୂହ ତୃତୀୟ ସ୍ଥାନରେ ରହିଛି। ଶେୟାର ବଜାରରେ ଜିଓର ପ୍ରବେଶ ରିଲାଏନ୍ସ ସମୂହର ବଜାର ମୂଲ୍ୟରେ ବଡ଼ ବୃଦ୍ଧି ଆଣିଛି। ୧,୧୧୯ ଟଙ୍କା ଇସ୍ୟୁ ମୂଲ୍ୟ ତୁଳନାରେ ଜିଓର ସେୟାର ୧,୩୫୮ ଟଙ୍କାରେ ଲିଷ୍ଟିଂ ହୋଇଛି, ଅର୍ଥାତ୍ ୨୧.୪ ପ୍ରତିଶତ ପ୍ରିମିୟମରେ କାରବାର ଆରମ୍ଭ କରିଛି। ଏହି ମୂଲ୍ୟ ଅନୁସାରେ ଜିଓର ମାର୍କେଟ୍ କ୍ୟାପ୍ ବା ବଜାର ପୁଞ୍ଜି ୧୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓ ପ୍ଲାଟଫର୍ମସ୍‌ର ମିଳିତ ବଜାର ମୂଲ୍ୟ ୨୮.୭ ଲକ୍ଷ କୋଟି ଟଙ୍କା ହୋଇଛି। ଜିଓ ପ୍ଲାଟଫର୍ମସର ଅଂଶୀଦାରଙ୍କ ସଂଖ୍ୟା ଦେଶରେ ସର୍ବାଧିକ ଅର୍ଥାତ୍ ୭୯.୮ ଲକ୍ଷ ରହିଛି। ମୁମ୍ବାଇସ୍ଥିତ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ (ଏନଏସଇ) ରେ ଜିଓର ଲିଷ୍ଟିଂ ଅବସରରେ ପାରମ୍ପରିକ ବେଲ୍-ରିଙ୍ଗିଂ ସମାରୋହ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ, ନୀତା ଅମ୍ବାନୀ, ଆକାଶ ଅମ୍ବାନୀ, ଈଶା ଅମ୍ବାନୀ ଏବଂ ଅନନ୍ତ ଅମ୍ବାନୀ ଯୋଗ ଦେଇଥିଲେ। ଲିଷ୍ଟିଂ ପୂର୍ବରୁ ଆକାଶ, ଈଶା ଏବଂ ଅନନ୍ତ ଅମ୍ବାନୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଜିଓ ପ୍ଲାଟଫର୍ମସ୍‌ର ପରିଚାଳନା ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଥିଲେ ଯେ ଆଜିର ଲିଷ୍ଟିଂ ଆମର ଲକ୍ଷ୍ୟସ୍ଥଳ ନୁହେଁ, ବରଂ ଏକ ନୂଆ ଆରମ୍ଭ। ଆମେ ମୁକ୍ତ ଭାବେ ଆଲୋଚନା କରିବୁ, ନିଜ ପ୍ରତିଶ୍ରୁତି ପାଳନ କରିବୁ ଏବଂ ନିଜ କାର୍ଯ୍ୟ ମାଧ୍ୟମରେ ଆପଣଙ୍କ ବିଶ୍ୱାସ ଜିତିବୁ। ଏହି ଲିଷ୍ଟିଂର ଅନ୍ୟ ଏକ ବିଶେଷ ଦିଗ ହେଉଛି, ମାର୍କେଟ୍ କ୍ୟାପ୍ ଦୃଷ୍ଟିରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ଜିଓ ପ୍ଲାଟଫର୍ମସ୍ ଦେଶର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସର୍ବାଧିକ ମୂଲ୍ୟବାନ ତାଲିକାଭୁକ୍ତ କମ୍ପାନି ହୋଇପାରିଛନ୍ତି। ଏହି ଦୁଇଟି କମ୍ପାନିର ମିଳିତ ବଜାର ମୂଲ୍ୟ ଟାଟା ସମୂହର ସମସ୍ତ ତାଲିକାଭୁକ୍ତ କମ୍ପାନିର ମୋଟ ମାର୍କେଟ୍ କ୍ୟାପ୍ ଠାରୁ ମଧ୍ୟ ୩.୧ ଲକ୍ଷ କୋଟି ଟଙ୍କା ଅଧିକ ରହିଛି।

ନଭେମ୍ବର ୧୮ ରୁ...

ଏହାପରେ ୨୫, ୨୬ ଓ ୨୭ ତାରିଖରେ ଗୃହରେ ବିଭିନ୍ନ ବିଭାଗ ପାଇଁ ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ହେବ। ୨୮ ଓ ୨୯ ତାରିଖ ଦୁଇଦିନ ଛୁଟିଦିନ ଥିବାବେଳେ ୩୦ ତାରିଖରେ ଅତିରିକ୍ତ ଖର୍ଚ୍ଚ ବିବରଣୀ ଉପରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ। ଏହାପରେ ଡିସେମ୍ବର ୩୧ ତାରିଖ ଯାଏଁ ଗୃହକାର୍ଯ୍ୟ ଚାଲିବାକୁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଅଧିବେଶନର ଅବଧି ସମୁଦାୟ ୪୪ ଦିନ ଥିବାବେଳେ ତନ୍ମଧ୍ୟରେ ୧୧ ଦିନ ଛୁଟିଦିବସ ରହିଛି।

ଜେନେରେଟର ଧୂଆଁରେ...

ହୋଇଥିବାବେଳେ ଅନ୍ୟମାନଙ୍କ ଘର ସୁଡଙ୍ଗ ଗ୍ରାମରେ ବୋଲି ଜଣାପଡିଛି। ନିରଦାସ ଦେହୁରୀ ଲକ୍ଷ୍ମୀପୂଜାରେ ଭିଶୋଇ ବିରଞ୍ଚି ଦେହୁରୀଙ୍କ ଘରକୁ ବୁଲି ଆସିଥିବାବେଳେ ଏଭଳି ଅଘଟଣ ଘଟିଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସୁଡଙ୍ଗ ଗାଁରେ ଧୂମଧାମରେ ଲକ୍ଷ୍ମୀପୂଜା ଚାଲିଥିଲା। ମଙ୍ଗଳବାର ରାତିରେ ୫ ଜଣ ପିଲା ପୂଜା ନିକଟ କୁଳମି ସାଉନ୍ତଙ୍କ ଘରେ କବାଟ ଓ ଝରକା ବନ୍ଦ କରି ଶୋଇ ପଡିଥିଲେ। ବିଳମ୍ବିତ ରାତିରେ ଲାଇନ ଚାଲିଯିବାରୁ କେହି ଜେନେରେଟରକୁ ଚଳାଇଥିଲେ। ବୁଧବାର ସକାଳୁ ଗ୍ରାମର ଅନ୍ୟ ଯୁବକମାନେ କୋଠରୀର କବାଟ ଖୋଲି ଦେଖିବା ବେଳକୁ ୫ ଜଣ ଯାକ ଅଣନିଶ୍ୱାସୀ ହୋଇ ଗୁରୁତର ହୋଇ ପଡିଥିଲେ। ତୁରନ୍ତ ୫ ଜଣଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଏକ ପିକଅପ୍ ଗାଡିରେ ପ୍ରଥମେ ବାଂଶପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଅନ୍ୟ ୩ ଜଣଙ୍କୁ ଧରଣୀଧର ମେଡିକାଲ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଶାନ୍ତ ଦେହୁରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନୟାକୋଟ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ତଦନ୍ତ କରାଯାଉଛି ବୋଲି ନୟାକୋଟ ଥାନାଧିକାରୀ ଆଲୋକ ରଞ୍ଜନ ପରିଡା ସୂଚନା ଦେଇଛନ୍ତି।

ପେଟ୍ରୋଲ ପମ୍ପରେ...

ନିକଟରେ ଶବରଖି ଦୀର୍ଘ ୪ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପରେ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ପରେ ରାସ୍ତାରୋକ୍ ହଟିଥିଲା।

ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀ ଏକ ଠିକାସଂସ୍ଥାକୁ ଉକ୍ତ ସତ୍ୟସାଇ ପେଟ୍ରୋଲ ପମ୍ପରେ ପୁରୁଣାଟାଙ୍କି ବଦଳାଇ ନୂଆ ଟାଙ୍କି ବସାଇବା ପାଇଁ କାର୍ଯ୍ୟାଦେଶ ଦେଇଥିଲା। ଉକ୍ତ ଠିକା ସଂସ୍ଥାର କର୍ମଚାରୀ ନୂଆଟାଙ୍କି ବସାଇବା ପରେ ପୁରୁଣାଟାଙ୍କି ଦୁଇଟିରୁ ଗୋଟିଏ ଟାଙ୍କିକୁ ୩ ଜଣ କର୍ମଚାରୀ ଏକ ଗ୍ୟାସ୍ କଟରରେ କାଟୁଥିବା ସମୟରେ ପେଟ୍ରୋଲ ସଂସ୍ପର୍ଶରେ ଆସି ହଠାତ୍ ବିସ୍ଫୋରଣ ହୋଇଥିଲା। ଏହି ଭୟଙ୍କର ବିସ୍ଫୋରଣରେ ଉକ୍ତ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ବିରେନ୍ଦ୍ର ସିଂହ(ହୁଆ)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ବୀରେନ୍ଦ୍ରଙ୍କ ମୁଣ୍ଡ, ହାତ ଓ ଗୋଡ଼ର ଖଣ୍ଡବିଖଣ୍ଡିତ ଦେହାବଶେଷ ୧୦୦ମିଟର ଦୂରକୁ ଛିଟିକି ପଡ଼ିଥିଲା। ବିରେନ୍ଦ୍ରଙ୍କୁ ନୀଳଗିରି ଡ଼ାକ୍ତରଖାନା ନିଆଯାଇଥିଲେ ହେଁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଠିକାସଂସ୍ଥାର ଆହତ ଦୁଇ କର୍ମଚାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଯୋଗୁ ପେଟ୍ରୋଲ ପମ୍ପକୁ ଲାଗି ରହିଥିବା ଏକ ବିଲ୍ଡିଙ୍ଗର କବାଟ, ଝରକା କାଚ ଭାଙ୍ଗି ପଡ଼ିଥିଲା। ଅନ୍ୟପଟେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ଶେରଗଡ଼ ନୀଳଗିରି ୧୯ ନଂ ରାଜ୍ୟ ରାଜପଥ ରାସ୍ତାକୁ ଅବରୋଧ କରିଥିଲେ। ରାସ୍ତାର ଦୁଇ ପାଖରେ ଶହ ଶହ ଗାଡି ଅଟକି ରହିଥିବା ବେଳେ ପାଖାପାଖି ୪ ଘଣ୍ଟା ଯାନବାହାନ ପ୍ରଭାବିତ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ନୀଳଗିରି ଅଗ୍ନିଶମ କର୍ମଚାରୀ ଓ ନୀଳଗିରି ପୁଲିସ ପହଞ୍ଚି ଟାଙ୍କି ମାଲିକ ଦୀପ୍ତିକାନ୍ତ ମହାପାତ୍ର, ମ୍ୟାନେଜର କମଳଲୋଚନ ନାୟକ ଏବଂ ଗ୍ୟାସ୍ କଟର୍ କାମରେ ନିୟୋଜିତ ଦୁଇ ଜଣ କର୍ମଚାରୀଙ୍କୁ ପଚରାଉଚୁରା ପାଇଁ ଥାନାକୁ ନେଇଯାଇଥିଲେ। ପରେ ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ନୀଳଗିରି ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା, ବାଲେଶ୍ୱର ଅତିରିକ୍ତ ଏସ୍.ପି ଦିବ୍ୟଜ୍ୟୋତି ଦାଶ, ନୀଳଗିରି ଏସ୍‌ଡିପିଓ ନିର୍ମଳା ଗୋଛାୟତ, ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ, ବରହମପୁର ଆଇଆଇସି ଜନ ପଟ୍ଟନାୟକ, ଖନ୍ତାପଡା ଆଇଆଇସି ଆଲୋକ କୁମାର ବେହେରା, ସଦର ଥାନା ଆଇଆଇସି ଅଜୟ ମୁର୍ମୁ ଏବଂ ୧ ପ୍ଲାଟୁନ ଫୋର୍ସ ପହଞ୍ଚି ଉତ୍ତେଜନାକୁ ଆୟତ୍ତ କରିଥିଲେ। ପରେ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ମକର୍ତ୍ତା, ସତ୍ୟ ସାଇ ଫିଲିଙ୍ଗ ଷ୍ଟେସନ ମାଲିକ ଦୀପିକାନ୍ତ ମହାପାତ୍ର, ମୃତ ବୀରେନ୍ଦ୍ରଙ୍କ ସାନଭାଇ ଯୋଗେନ୍ଦ୍ର ନାଥ ସିଂହ, ବାଲେଶ୍ୱର ଶ୍ରମ ଅଧିକାରୀ ହରି ସାମଲ, ସମାଜସେବୀ ଶିଶିର କୁମାର ରାଉତ ପ୍ରମୁଖ ଆଲୋଚନା କରି ହିନ୍ଦୁସ୍ତାନ ପେଟ୍ରୋଲିୟମ କମ୍ପାନୀ ପକ୍ଷରୁ ୧୦ଲକ୍ଷ ଓ ଟାଙ୍କି ମାଲିକ ଦୀପ୍ତିକାନ୍ତ ମହାପାତ୍ର ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

AFFIDAVIT

I, Nasiba Khatoon, aged about 55 years, W/o- SK Abdul Kalim, resident of At-Upparbaruan, PO-Kabirpur, PS- Jajpur Sadar, Dist- Jajpur, Odisha declared by this affidavit No. 11977, dtd-08/09/2026 that now onwards I shall be known as **NASIBA BIBI** for all future purposes.

ଡକ୍ୟୁମେଣ୍ଟ ହଜିଛି

ମୁଁ, ଅନ୍ତର୍ଯ୍ୟାମୀ ଭରସାଗର, ବୟସ -୩୩ ବର୍ଷ, ପିତା - ମଧୁ ଭରସାଗର, ସା- ଦାନିପାଲି, ଶାନ୍ତି ବିହାର, ଡାକଘର - ଖେତରାଜପୁର, ଥାନା - ଆଇଁଠାପାଲି, ଜିଲ୍ଲା - ସମ୍ବଲପୁର, ଓଡ଼ିଶା - ୭୬୮୦୦୩, ଆଧାର ନଂ - ୭୫୮୩ ୯୪୨୯ ୧୪୨୯, ଏତଦ୍ୱାରା ନିମ୍ନଲିଖିତ ବିଷୟଗୁଡ଼ିକ ଦୃଢ଼ ଭାବରେ ଘୋଷଣା କରୁଅଛି ଯେ:- ୧. ମୌଜା - ସମ୍ବଲପୁର (ୟୁ ଏନ. ନଂ. ୧୪), ଦାନିପାଲି, ଥାନା - ଆଇଁଠାପାଲି, ତହସିଲ/ଜିଲ୍ଲା - ସମ୍ବଲପୁର ଅନ୍ତର୍ଗତ ଭାସ୍କର ଚାର୍ଡିଆ (ପିତା - କୃଷ୍ଣ ଚନ୍ଦ୍ର ଚାର୍ଡିଆ) ଙ୍କର ଏକ ଆର.ଓ.ଆର୍ (ROR) ଏବଂ ମୂଳ ବିକ୍ରୟ ଦଲିଲ (Sale Deed) ମୋ ପାଖରେ ଥିଲା; ଯେଉଁଥିରେ ଖାତା ନଂ ୭୩୩/୩୩୭୪ ଏବଂ ବିକ୍ରୟ ଦଲିଲ ନଂ ୧୧୬୨୧୧୦୩୮୨୩ ରହିଅଛି । ୨. ଉକ୍ତ ଆର.ଓ.ଆର୍ (ROR) ଏବଂ ମୂଳ ବିକ୍ରୟ ଦଲିଲଟି, ତା. ୨୨.୧୦.୨୦୨୬ ରିଖ ଅପରାହ୍ନ ପ୍ରାୟ ୦୧:୫୫ ସମୟରେ ଦାନିପାଲି, ଶାନ୍ତି ବିହାର ଅଞ୍ଚଳରେ ଯାତାୟାତ କରିବା ସମୟରେ କେଉଁଠାରେ ହଜିଯାଇଛି ଏବଂ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ମଧ୍ୟ ତାହା ମିଳିନାହିଁ। ଯେ କୌଣସି ପକ୍ଷଙ୍କୁ ଏହି ନୋଟିସ ପ୍ରକାଶନ ର 15 ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରିତ ଭାବରେ ତାଙ୍କର ଦାବି ଦାଖଲ କରିବାକୁ ପଡିବ। ଏପରି ନ ହେଲେ ଏହା ଧରି ନିଆଯିବ ଯେ ଉକ୍ତ ଡକୁମେଣ୍ଟ ଗୁଡିକ ସହିତ ଜଡିତ ସମ୍ପତି ଭାରାମୁକ୍ତ ଏବଂ ଆବେଦନ କାରୀ ଏବଂ ବନ୍ଧକ ଭାବରେ କମ୍ପାନୀ ବିରୁଦ୍ଧରେ ଏହି ନୋଟିସ ପ୍ରକାଶନ ର **15ଦିନ** ବିତିବା ପରେ ଏହା ସମ୍ପର୍କର ଯେ କୌଣସି ଦାବି ଗ୍ରହଣ କରାଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ହଜି ଯାଇଥିବା ଡକୁମେଣ୍ଟ (କାଗଜ ପତ୍ର) ପାଆନ୍ତି ତେବେ ଦୟାକରି ଏହି ମୋବାଇଲ ନମ୍ବର ରେ ଯୋଗାଯୋଗ କରନ୍ତୁ।

ଅନ୍ତର୍ଯ୍ୟାମୀ ଭରସାଗର
ମୋ: ୭୭୪୦୮୪୮୮୭୫

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
RAURKELA IRRIGATION DIVISION, RAURKELA
email Id :- seridrkl@gmail.com
'e' Procurement Notice

32001/1149/2627

e-PROCUREMENT NOTICE NO. - SERID-RKL-09/2026-27 (ONLINE) DT. 21.10.2026

The Superintending Engineer, Raurkela Irrigation Division, Raurkela on behalf of Governor of Odisha invites **Percentage Rate Bid in double cover system** to be received in **online mode** from the eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD work as detailed below:

1.	Name of Work	:	CIVIL WORKS
2.	Total Number of works	:	03 (three) nos
3.	Bid Identification No.	:	SERID-RKL-09/2026-27 (ONLINE)
4.	Estimated Cost	:	Rs.8.47 lakh to Rs.21.25 lakh
5.	Class of Contractor	:	'D', 'C' & 'B' class Contractor
6.	Cost of Tender Paper	:	Rs 6,000.00
7.	Earnest Money Deposit	:	Rs 9000.00 to Rs 21300.00
8.	Period of completion	:	02-04 calendar months
9.	Date & Time of Availability of Bid documents in the portal	:	From dt 29.10.2026 at 10.00 A.M. to dt.07.11.2026 up to 05.30 P.M.
10.	Last Date/ time for receipt of bids in the portal	:	Dt.07.11.2026 up to 05.30 P.M.
11.	Date and time of opening of Bid	:	dt.09.11.2026 at 11.00 A.M.
12.	Last date & time of seeking of clarification	:	Dt. 06.11.2026 at 05.30 P.M.
13.	Place of Opening	:	Office of the Superintending Engineer, Raurkela Irrigation Division, Raurkela
14.	Name and Address of the Officer Inviting Bid	:	Superintending Engineer, Raurkela Irrigation Division, Raurkela

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website **http://tendersodisha.gov.in**

OIPR-32001/32018/1/26-27/0005

Superintending Engineer
Raurkela Irrigation Division
Raurkela

OFFICE OF THE MUNICIPAL COUNCIL KENDUJHARGADA
Email: keonjhgarh.hud@rediffmail.com
13001/2277/2627

Invitation for Bids (if B) • e-Procurement NOTICE

Bid Identification No. ODULB_KGM-03/2026-27

Letter No. 12150 / KGM Date: 27.10.2026

On behalf of the Municipal Council, Kendujhargada, Executive Officer, Kendujhargada Municipality invites online Bid in Single cover system, through e-Procurement for the following:

1.	Nature of work	:	Civil Work.
2.	No. of Work	:	54 Nos
3.	Value of work	:	Rs. 5,00,000/- to 35,00,000/-
4.	Date & Time of availability of Bid document in the portal	:	From 29.10.2026 at 11.00 A.M. up to 09.11.2026 at 5.00 P.M.
5.	Date of Opening of bid in portal	:	10.11.2026 at 11.00 A.M.
6.	Name & address of the officer inviting Bid	:	Executive Officer, Kendujhargada Municipality

Further details can be seen from Website: **www.tendersodisha.gov.in**

Sd/-
Executive Officer
Kendujhargarh Municipality

OIPR-13001/13115/1/26-27/0017

OFFICE OF THE NOTIFIED AREA COUNCIL KASHINAGAR, GAJAPATI
(Near Kantabanji CHC, At/Po - Kantabanji, Dist - Balangir (Odisha), Pin-767039)
Ph. & Fax No.: 06815-284215 | E-mail: kasinagarn.hud@nic.in
13001/2265/2627

Letter No.: 2157/NAC Dated: 27.10.2026

CORRIGENDUM NOTICE

Remaining unaltered of all other terms and conditions, the following changes are hereby made to the bids invited by the **Executive Officer, NAC, Kashinagar** by virtue of this.

Bid Reference No.	Name of the Work	Estimated Cost (in Rs.)	Sanctioned Fund (in Rs.)
KNGR/NAC/ 02/2026-27	Construction of Model Crematorium in KASHINAGAR NAC.	Rs. 230.20 Lakhs	Rs. 69.16 Lakhs
	Construction of Smart Park in KASHINAGAR NAC.	Rs. 232.55 Lakhs	Rs. 74.05 Lakhs

All other terms and conditions shall remain unaltered.

Sd/-
Executive Officer
N.A.C., Kashinagar, Gajapati

OIPR-13001/13116/1/26-27/0005

OFFICE OF THE DIVISIONAL FOREST OFFICER, NABARANGPUR
E-mail: dfo.nabarangpur@odisha.gov.in
8001/413/2627

Office Order No. 293 /1F(Acct.), Date: 22 th Oct, 2026

Tender Notice No. DFO-NGP/04/2026-27.
Tender Notice for Construction of Civil Works

01	The Divisional Forest Officer, Nabarangpur Forest Division on behalf of the Governor of Odisha inviting percentage rate bid in double cover system on **OFFLINE MODE.**	
02	Nature of Works	Construction of Civil Work (VSS Buildings)
03	Type of Works	Construction of 19Nos. of VSS Buildings at Nabarangpur Range – 16Nos. and Dabugam Range – 3Nos. under Nabarangpur Forest Division.
04	Tender Cost	Rs. 6000/- Per Each VSS Building
05	Class of Contractor	"D" & "C" Class Contractor.
06	Availability of bid document in the Nabarangpur District Portal (https://nabarangpur.odisha.gov.in)	From 10.00 A.M of Dt. 26.10.2026 to 5.00 P.M of Dt. 07.11.2026
07	Date of opening of Technical & Financial Bid	Dt. 09.11.2026 & 10.11.2026 At 11.00 A.M
08	Mode of Bidding	The Bidders have to participate in OFFLINE bidding only

Sri Udayan Subuddhi, IFS
Divisional Forest Officer,
Nabarangpur Forest Division.

OIPR-8001/8158/1/26-27/0005

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAYAPUR
email- eerwdjeypore@gmail.com
25001/1397/2627

Letter No.5306 Date:23.10.2026

NATIONAL COMPETITIVE BIDDING THROUGH GePNICe Procurement Notice

1.	Name of the work	:	Construction of Buildings Works - 05 Nos.
2.	Class of contractor	:	"D","C","B" Class &"A" Class of (Odisha PWD) or relevant class of other licensing authority.
3.	Estimated Cost	:	Various from Rs.8.47 Lakhs to Rs.1.27 Lakhs (Approximately).
4.	Details of projects	:	As per Annexure attached.

Procurement Officer	Bid Identification No.	Availability of Tender online for bidding From	To	Last Date & Time of seeking tender clarification	Date & Time of opening of tender
1	2	3	4	5	6
Superintending Engineer, Rural Works Division, Jayapur	EERWDJYP - Online - 13/2026-27	30.10.2026 at 10.00 A.M.	09.11.2026 up to 5.00 P.M.	07.11.2026 up to 2.00 P.M.	10.11.2026 at 10.00 A.M.

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

Executive Engineer,
Rural Works Division, Jayapur.

OIPR-25001/25160/1/26-27/0012

ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି
NOTIFIED AREA COUNCIL, KANTABANJI
(Near Kantabanji CHC, At/Po -Kantabanji, Dist -Balangir (Odisha), Pin-767039)
(e-Mail ID : nackantabanji@gmail.com)
13001/2262/2627

Letter No. 1757 Date : 27/10/2026

QUOTATION CALL NOTICE

Quotations in sealed covers are invited from the intending Supplier/Manufacturers/Business Entity having work experience for Sale/Supply of Computer System. The quotation will start from Dt. 29.10.2026, 11:00AM. The last date and time for submission of quotation is Dt. 09.11.2026 up to 12.00 PM and the received quotations will be opened on same date i.e. 09.11.2026 at 04.00 P.M onwards, in presence of the quotationers or their authorized person. They are required to submit the quotation along with valid PAN & GST Registration through registered post / speed post addressed to the office of the undersigned with superscripting the title "Quotation for Supply of Computer System for Kantabanji NAC" on the Sealed Envelope. Quotation received after due date and time shall not be entertained. The authority reserves the rights to reject any or all quotation without assigning any reason thereof and shall not bound to issue any work order in favour of the lowest bidder. The quoted rate should be inclusive of all taxes, charges, transportation, installation, fittings & Commissioning.

Sl. No.	Item Description	Unit	Quoted Rate (Inclusive of All Taxes & Charges)
1	**HP Desktop Tower PC With Specification:-** (Brand – HP, Processor – Intel Core 3 (i3 14th Gen), RAM – 8 GB DDR 5, Storage – 512 GB SSD, OS – Windows 11, Application – Microsoft Office & Other, I/O Device – Keyboard, Mouse, Speaker, Display – 24 Inch, Ports – 8 USB, 1 RJ45 Ethernet, 1 HDMI, 1 Audio I/O Port, Warranty – 1 Year.)	Per Unit	
2	**HP Desktop Tower PC With Specification:-** (Brand – HP, Processor – Intel Core 5 (i5 14th Gen), RAM – 16 GB DDR 5, Storage – 1 TB SSD, OS – Windows 11, Application – Microsoft Office & Other, I/O Device – Keyboard, Mouse, Speaker, Display – 24 Inch, Ports – 8 USB, 1 RJ45 Ethernet, 1 HDMI, 1 Audio I/O Port, Warranty – 1 Year.)	Per Unit	
3	**HP Monochrome Laser Printer With Specification:-** (Brand – HP, Technology – Laser, Paper – A4/Letter/Legal, Color – Black & White, Printing Mode – Auto Duplex, Speed – 30 - 35 PPM, Function – Print, Prefered Catridge (if Available) – 88A, Warranty – 1 Year)	Per Unit	
4	**HP Monochrome Multi Function Laser Printer With Specification:-** (Brand – HP, Technology – Laser, Paper – A4/Letter/Legal, Color – Black & White, Printing Mode – Duplex, Print Speed – 20 PPM, Function – Print, Scan, Copy, Scan technology- Contact Image Sensor, Scan Size – A4, Color scanning – Yes, Bit Depth –24 Bit, scanning resolution – 600 DPI, Prefered Catridge (if Available) – 88A, Warranty – 1 Year)	Per Unit	
5	**HP Flatbed Scanners with ADF of Specification:-** (Brand – HP, Scan Type – Flatbed and ADF, ADF Capacity – 50-60 Sheets, Scan Speed : 25 ppm, Color scanning – Yes, Resolution: 600 dpi – 1200 dpi, Warranty – 1 Year)	Per Unit	
6	**Line-Interactive UPS With Specification:-** (UPS Brand – Microtek, Load Capacity: 1000VA / 600W, Warranty – 1 Year)	Per Unit	

OIPR-13001/13111/1/26-27/0005

Executive Officer
Kantabanji NAC

କବଲା ହଜିଛି

ମୁଁ, ଚୈତନ୍ୟ ଆଚାର୍ଯ୍ୟ, ପିତା - ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ, ଗ୍ରାମ - ଇଚ୍ଛାପଡା, ଥାନା - ମୁରିବାହାଲ, ବଲାଙ୍ଗୀର | ଗତ 20.10.2026 ଦିନ ମୁରିବାହାଲ ରାସ୍ତାରେ ଗଲା ସମୟରେ ବନ ବୁଢ଼େଇ ଠାରୁ କ୍ରୟ କରିଥିବା ମୋର କବଲା ନମ୍ବର 1912/2004 କୌଣସି ସ୍ଥାନରେ ହଜିଯାଇଛି | ଯେଉଁ ସହୃଦୟ ବ୍ୟକ୍ତି ଏହା ପାଇଲେ ଦୟା କରି (ବାହାଦୁର ବେହେରା - ମୋ ନମ୍ବର- 7749841888, ଚୈତନ୍ୟ ଆଚାର୍ଯ୍ୟ - ମୋ ନମ୍ବର- 9337906059) ରେ ଯୋଗାଯୋଗ କରନ୍ତୁ |

AFFIDAVIT

I, Ramesh Chandra Rout, S/o Prafulla Rout, resident of Village: Katarkela, PO: Katarkela, PS: Kuchinda, Dist: Sambalpur (Odisha), do hereby declare that Ramesh Chandra Rout and Ramesh Rout are the one and same person, vide an affidavit dated 17-03-2026 sworn before the Executive Magistrate, Jamankira, Dist: Sambalpur.

AFFIDAVIT

I, Anjan Mohanty age about 53 years S/o- Nishakar Mohanty, At - Plot No - 3456/9288/9694, Khandagiribari, Near Petal Play School, Bhubaneswar, Khurdha, Odisha-751030, Declare this affidavit No-1042/2026 Dated- 28.10.2026 That onwards I shall be known as **ANJAN KUMAR MOHANTY** for all future purposes .

AFFIDAVIT

By virtue of an affidavit no 3629 sworn before Notary Public Swampatna on dtd 27/10/2026. I Bikram Naik, S/o-Purusottam Naik, permanent resident of At-Kalapat, P.o- Jirang, P.s-Harichandanpur, Dist- Keonjhar, Odisha, Pin-758028, declared that I have changed my minor daughter's name from URBASHI NAIK(Old Name) to UTKALIKA NAIK (New Name). Henceforth she shall be known as **UTKALIKA NAIK** for all future purposes.
Sd/-Bikram Naik

AFFIDAVIT

By virtue of an affidavit no.689 before the Notary Public, Sunabeda, dtd.26.10.2026. I, Danesh Khillo, At-Ratulput, P.O.-Andraguda, P.S.-Padwa, Dist.-Koraput, declare that my correct name is Danesh Khillo. But in my Aadhaar Card it has been wrongly recorded as Danesh Matam. That **Danesh Matam and Danesh Khillo** are one and the same person. Henceforth I shall be known as **Danesh Khillo** for all purposes.
Sd/- Danesh Khillo

AFFIDAVIT

By virtue of an affidavit sworn before the Executive Magistrate, Jharsuguda, dt.27.10.26, I, ALAUDDIN ANSARI, R/o. at Qrt.No. MIG-11-20, Housing Board Colony Jharsuguda, Po- Ekatali, PS- Sadar, District- Jharsuguda, Odisha-768202, declare that The Odisha State Housing Board, Bhubaneswar, Odisha has been allotted to me Qrt. No. MIG-11-20, but in the aforesaid documents my name has been recorded as "Allauddin Khan" in place of Alauddin Ansari". Henceforth I shall be known as **Alauddin Ansari** for all purposes.

AFFIDAVIT

I, GANGADHAR BEHERA, S/o Late Arakhita Behera, At: Mukundaprasad, Utkal Spinning Mill Colony, PO: P.N. College, PS: Industrial Estate, Dist: Khordha, State: Odisha, Pin: 752057 declare by this affidavit No. 3328, dtd. 23/10/2026 that now onwards I shall known as **ABDUL SALAM, S/o Late Arakhita Behera** for all purposes.

AFFIDAVIT

I, **Sabnam Parbin Begum**, W/o Sumar Kadir Khan, At./Po./P.S. Bhograi, Dist. Balasore-756038, Odisha declare by affidavit no.8222 on dt. 22.10.2026, that now onwards I shall be known as **Sabnam Parbin Begum** for all purposes.

AFFIDAVIT

By virtue of an affidavit on dtd-16.10.2026 sworn before The Executive Magistrate, Titilagarh. I, **Nalini Prabha Nag** (new name), W/o Hemanta Kumar Bagarty, Address: At-Khairkhunta, PO- Ghantabahili, PS- Titilagarh, Dist- Bolangir, State- Odisha, PIN-767033 declare that I have changed my name from **Nalini Prabha Bagarty** (old name) to **Nalini Prabha Nag** (new name). Henceforth, I shall be known as **Nalini Prabha Nag** (new name) for all purposes.
Nalini Prabha Nag

ସକାଳ
THE SAKALA

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଅଶାନ୍ତ ହୋଇପଡ଼ିଛି ସମୁଦ୍ର

ଧାମରା ମୁହାଣରୁ ମାଡ଼ିଆସୁଛି ଉଚ୍ଚ ଜୁଆର ଓ ଢେଉ

ଭଦ୍ରକ/ଆରଡ଼ି,୨୮।୧୦(ସମିସ)

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଧାମରା ନିକଟରେ ଅଶାନ୍ତ ହୋଇପଡ଼ିଛି ସମୁଦ୍ର। ଏପରିକି ଧାମରା ମୁହାଣରୁ ବୈତରଣୀ ଓ ସାଳନ୍ଦୀ ନଦୀ ଦେଇ ମାଡ଼ିଆସୁଛି ଉଚ୍ଚ ଜୁଆର ଓ ଢେଉ। ଏହି ଜୁଆର ଢେଉ ମାଡ଼ରେ ଆରଡ଼ିପୀଠ ମୁଆଁ ଘାଟରେ ଜେଟି ସହ କୂଳକୁ ଲାଗିଥିବା ମା' ଗଙ୍ଗାମାତାଙ୍କ ମନ୍ଦିର ବୈତରଣୀ ନଦୀ ଗର୍ଭକୁ ସମ୍ପୂର୍ଣ୍ଣ ଭାବେ ଭାସିଯାଇଛି। ଏଥିସହ ଚଳିତଥର ଆସିଥିବା ବାରମ୍ବାର ବନ୍ୟାରେ ବୈତରଣୀ କୂଳ ଲଂଘିବାରୁ ଗଙ୍ଗାମାତାଙ୍କ ମନ୍ଦିରର ଅଧିକାଂଶ ଭାଗହୋଇଯାଇଥିବା ବେଳେ କୂଳକୁ ଲାଗିକରି ଥିବା ବଡ଼ବଡ଼ ଗଛ ସହ ମଟର ଲଞ୍ଚ ଓ ଡଙ୍ଗା ଲଙ୍ଗର ପକାଇବା ପାଇଁ ଥିବା କଂକ୍ରିଟରେ ନିର୍ମିତ ଜେଟି ଧୋଇଯାଇଥିଲା। ହେଲେ ଗତ ମଙ୍ଗଳବାରଠାରୁ ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଥିବାରୁ ନଦୀ ଉଚ୍ଛୁଳିବା ସହ କୂଳ ଖାଉଥିବା ସ୍ଥାନୀୟ ଲୋକ କହିଛନ୍ତି। ବିଶେଷକରି ଭଦ୍ରକ ଜିଲ୍ଲାର ସାଧାରଣ ଲୋକଙ୍କ ସହ ଆରଡ଼ି ପୀଠର ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସୁଥିବା ବହୁ ଶ୍ରଦ୍ଧାଳୁ ଭକ୍ତ ଏହି ବୈତରଣୀ ନଦୀର ମୁଆଁ ଘାଟ ପାର୍ ହୋଇ କେନ୍ଦ୍ରାପଡ଼ା ଜିଲ୍ଲାକୁ ଯାଇଥା'ନ୍ତି। ସେହିପରି କେନ୍ଦ୍ରାପଡ଼ା ସହ ଜଗତସିଂହପୁର, ଯାଜପୁର, କଟକ ଜିଲ୍ଲାର ଅଧିକାଂଶ ଅଞ୍ଚଳରୁ ପ୍ରତିଦିନ ଶହଶହ ଭକ୍ତ ଏହି ବୈତରଣୀ ନଦୀ ଘାଟରେ ପାର୍ ହୋଇ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥା'ନ୍ତି। ହେଲେ ଜେଟି ଭାସିଯାଇଥିବାରୁ ଏବେ ମଟର ଚାଳିତ ବୋଟ୍ ବିପଦପୂର୍ଣ୍ଣ ଭାବେ ଲଙ୍ଗର ପକାଇ ଲୋକଙ୍କୁ ପାର୍ କରୁଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଆରଡ଼ି ମୁଆଁ ଘାଟରେ ବୈତରଣୀ ନଦୀଗର୍ଭକୁ ଭାସିଗଲା ଗଙ୍ଗାମାତା ମନ୍ଦିର

ପୂଜା ବଜାରକୁ ଧୋଇନେଲା 'ଅର୍ଣ୍ଣବ'

ବାସୁଦେବପୁର,୨୮।୧୦(ସମିସ): ଅକ୍ଟୋବର ମାସ ଆସିଲେ ବାତ୍ୟାର ଭୟ ଘାରେ। ବାସୁଦେବପୁର ବ୍ଲକ୍‌ର ବେତଡ଼ା ପ୍ରସିଦ୍ଧ ଗଜଲକ୍ଷ୍ମୀ, ବିଦେଇପୁର ଗଜଲକ୍ଷ୍ମୀ ପୂଜା ଓ ଲକ୍ଷ୍ମୀଦାସପୁର ଗ୍ରାମର ଗଜଲକ୍ଷ୍ମୀ ମଣ୍ଡପରେ ଆକର୍ଷଣୀୟ ତୋରଣ ସୁସଜ୍ଜିତ ଆଲୋକମାଳାର ଆକର୍ଷଣକୁ ବାତ୍ୟା 'ଅର୍ଣ୍ଣବ' ଧୋଇନେଲା। ବେତଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଆଖପାଖ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକମାନଙ୍କର ହୋଇଯାଏ ବାର୍ଷିକ ଉତ୍ସବ। ବରଷକେ ଥରେ ଅନାଇ ବସିଥା'ନ୍ତି ବେତଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀଙ୍କ ପୂଜାକୁ। ଯିଏ ଯେଉଁଠି ଥାଉ ନା କାହିଁକି ପୂଜାରେ ସାଙ୍ଗସାଥୀଙ୍କ ଭେଟଘାଟ ହୋଇଥାଏ। ସନ୍ଧ୍ୟାରେ ବିଭିନ୍ନ କିସମର ଖାଦ୍ୟ, ସାଙ୍ଗସାଥୀଙ୍କ ଗହଳିରେ ଖାଇବାର ମଜା ନିଆରା। ଉଠା ଦୋକାନୀମାନେ ବେଶ୍ ଦୁଇ ପଇସା ରୋଜଗାର କରିଥା'ନ୍ତି। ଲୋକମାନଙ୍କ ମନୋରଞ୍ଜନ କରିବାକୁ ୪ଟି ଅପେରା ଶୋ' ରହିଛି। ୨ ଦିନ ତଳେ ଅପେରା ସ୍ୱର୍ଣ୍ଣ ମହଲ ନାଟକ ଆରମ୍ଭ ହୋଇଛି। ବୁଧବାର ବର୍ଷା ଯୋଗୁଁ ଅପେରା ଶୋ' ବନ୍ଦ ରହିଛି। ପୂଜାର ମାତ୍ର ୨ ଦିନ ପରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଧୋଇନେଲା ସବୁରି ହରସ। ଦୋକାନୀ ମଙ୍ଗଳବାରଠାରୁ ହାତ ଟେକି ବସିଛନ୍ତି।

'ଅର୍ଣ୍ଣବ' ଯୋଗୁଁ ଦିନ ତମାମ୍ ବର୍ଷା ଜାରି

ବାରିକପୁର,୨୮।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବ ଯୋଗୁଁ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ବୁଧବାର ଦିନ ତମାମ ବର୍ଷା ଲାଗିରହିଛି। ଲଘୁଚାପ ଜନିତ ବର୍ଷା ଗତ ମଙ୍ଗଳବାର ସନ୍ଧ୍ୟାରେ ଆରମ୍ଭ ହୋଇଥିବାବେଳେ ରାତିରେ ବିରାମ ନେଇଥିଲା। ପୁଣି ବୁଧବାର ସକାଳୁ ସ୍ୱଳ୍ପ ଧରଣର ବର୍ଷା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା। ପୂର୍ବାହ୍ଣ ୧୧ଟା ପରେ ବର୍ଷାର ପରିମାଣ ଅଧିକ ହୋଇଛି। ଦିନ ତମାମ ସନ୍ଧ୍ୟା ଯାଏଁ ମୂଷଳଧାରାରେ ବର୍ଷା ଜାରି ରହିଛି। ବ୍ଲକ୍‌ର ମଞ୍ଜୁରୀରୋଡ୍‌ଠାରୁ ଆରମ୍ଭ କରି ମାଳଦା, ବାରିକପୁର, ଧାମନଗର ଛକ, ସରସଦା, ଆଖୁଆପଦା, ଷୋଳମପୁର, ବିଷ୍ଣୁପୁର ଆଦି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ଗ୍ରାମ୍ୟ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏହାଛଡ଼ା ବଜାର ଘାଟରେ ମଧ୍ୟ ଜନସମାଗମ ହ୍ରାସ ପାଇଛି। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ କର୍ମଚାରୀମାନଙ୍କ ସଂଖ୍ୟା କମ୍ ରହିଥିବା ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ପାଇଁ କିଛି ସ୍ଥାନରେ ବିଦ୍ୟୁତ୍ ସରବରାହ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଅଦିନିଆ ଲଘୁଚାପ ବର୍ଷା ଖରିଫ୍ ଧାନ ଚାଷକୁ ବେଶ୍ ଲାଭଦାୟକ ହେବ ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି। ପାଣି ଅଭାବରୁ ଯେଉଁ କ୍ଷେତରେ ଥୋଡ଼ ବିଳମ୍ବିତ ହେଉଥିଲା, ସେଠାରେ ଧାନ ଏବେ ସଠିକ୍ ଭାବେ ଆହାର ସଂଗ୍ରହ କରିପାରିବ ଏଥିରେ ସନ୍ଦେହ ନାହିଁ।

ଡାକ୍ତରଖାନା ରୋଗୀ ୱାର୍ଡରେ ପଶିଲା ବର୍ଷାପାଣି

ବନ୍ତ/ଆଗରପଡ଼ା,୨୮।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ହେବାରୁ ଆଗରପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ ୱାର୍ଡରେ ପଶିଲା ପାଣି। ଏଥିପାଇଁ ଚିକିତ୍ସାଧୀନ ରୋଗୀମାନଙ୍କୁ ମେଡିକାଲ କର୍ତ୍ତୃପକ୍ଷ ଡିସ୍‌ଚାର୍ଜ ଓ ଅନ୍ୟ ମେଡିକାଲକୁ ରେଫର୍ କରିଥିବା ଜଣାପଡ଼ିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ନିର୍ମିତ ୩ ମହଲା ବିଶିଷ୍ଟ ଗୃହ ଉଦ୍‌ଘାଟନ ହୋଇ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରି ନ ଥିବାବେଳେ ରୋଗୀ ୱାର୍ଡ ଉପର ତାଲା ଗୃହ ନିର୍ମାଣାଧୀନ ରହିଛି। ନିର୍ମାଣାଧୀନ ଗୃହ ପାହାଚ ଦେଇ ରୋଗୀ ୱାର୍ଡକୁ ପାଣି ନିର୍ଗତ ହେବାରୁ ଏହି ୱାର୍ଡ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ସେହିପରି ମୁଖ୍ୟ ଫାଟକ ପ୍ରବେଶ ରାସ୍ତାରେ ଜଳ ନିଷ୍କାସନ ପାଇଁ ସୁବ୍ୟବସ୍ଥା ନ ଥିବାରୁ ଏଠାରେ ଆଣ୍ଠୁଏ ଲେଖାଏଁ ପାଣି ଲହଡ଼ି ଭାଙ୍ଗୁଛି। ଯଦ୍ୱାରା ରୋଗୀ ଓ କର୍ମଚାରୀମାନେ ପାଣିରେ ପଶି ମେଡିକାଲକୁ ଯାତାୟାତ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

ଜଳବନ୍ଦି ଦୁର୍ଦ୍ଦଶାରେ ଚାନ୍ଦବାଲି ଏନ୍‌ଏସିର ୫ ନମ୍ବର ୱାର୍ଡବାସୀ

ଚାନ୍ଦବାଲି,୨୮।୧୦(ସମିସ): ଲଘୁଚାପ ବର୍ଷା ଆଣିଦେଇଛି ଦୁର୍ଦ୍ଦଶା। ବର୍ଷା ହେଲେ ଘରୁ ବାହାରିବା ମୁସ୍କିଲ୍। ଘର ଭିତରେ ପଶୁଛି ବର୍ଷା ପାଣି। ରୋଷେଇ କରିବାଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁକିଛି ହୋଇପଡୁଛି କଷ୍ଟକର। ଏଭଳି ଦୁର୍ଦ୍ଦଶା ଘଟିଛି ଚାନ୍ଦବାଲି ଏନ୍‌ଏସିର ୫ ନମ୍ବର ୱାର୍ଡରେ। ଜଳ ନିଷ୍କାସନ ସମସ୍ୟା ଯୋଗୁଁ ୱାର୍ଡବାସୀ ଦୀର୍ଘଦିନ ଧରି ହଇରାଣ ହେଉଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଲଘୁଚାପ ଜନିତ ବର୍ଷା ହେଲେ ୫ ନମ୍ବର ୱାର୍ଡର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ରାସ୍ତାଘାଟ ଜଳମଗ୍ନ ହେବା ସହ ବର୍ଷା ପାଣି ଘର ଭିତରକୁ ପଶୁଥିବାରୁ ଲୋକଙ୍କ ଦୈନନ୍ଦିନ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଘରେ ରୋଷେଇ କରିବା, ଶୋଇବା ଏବଂ ଅନ୍ୟାନ୍ୟ ନିତ୍ୟକର୍ମ କରିବାରେ ନାନା ସମସ୍ୟା ଦେଖାଦେଉଛି। ଏପରିକି ରାତି ହେଲେ ସାପଙ୍କ ଭୟ ଲୋକଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଉଛି। ଅନ୍ୟପଟେ ରାସ୍ତାରେ ଖାଲଖମା ଏବଂ ଆଲୋକ ବ୍ୟବସ୍ଥାର ଅଭାବ ସମସ୍ୟାକୁ ଦ୍ୱିଗୁଣିତ କରିଛି। ପାଣି ଜମି ରହିବା ଯୋଗୁଁ ରାସ୍ତାର ଖାଲଖମା ଜଣାପଡୁ ନ ଥିବାବେଳେ ଅନ୍ଧାରରେ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇପଡୁଛି। ଖାଲରେ ପଡ଼ି ଲୋକେ ଆହତ ହେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏହି ସମସ୍ୟାରୁ ଛାତ୍ରଛାତ୍ରୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ରାସ୍ତାରେ ପାଣି ଜମି ରହୁଥିବାରୁ ସ୍କୁଲ ଓ ଟ୍ୟୁସନ୍ ଯିବାରେ ଅସୁବିଧା ହେଉଛି। ଫଳରେ ପିଲାମାନଙ୍କ ପାଠପଢ଼ା ଉପରେ ଏହାର ପ୍ରଭାବ ପଡୁଥିବା ୱାର୍ଡବାସୀ କହିଛନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ୍ ନିର୍ମାଣ ହୋଇଥିବା ସତ୍ତ୍ୱେ ଜଳ ନିଷ୍କାସନ କାହିଁକି ଠିକ୍ ଭାବେ ହୋଇପାରୁନାହିଁ ଡ୍ରେନ୍ ନିର୍ମାଣର ଉଦ୍ଦେଶ୍ୟ ଯଦି ଜଳ ନିଷ୍କାସନ, ତେବେ ବର୍ଷା ହେଲେ ଲୋକଙ୍କୁ ଜଳବନ୍ଦି ଜୀବନ ବିତାଇବାକୁ କାହିଁକି ପଡୁଛି? ଡ୍ରେନ୍‌ର ନିର୍ମାଣ କାର୍ଯ୍ୟ ଓ ଜଳ ନିଷ୍କାସନ ବ୍ୟବସ୍ଥାର ଯାଞ୍ଚ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି। ୱାର୍ଡବାସୀଙ୍କ ଅଭିଯୋଗ ଅନୁସାରେ, ଏ ସମ୍ପର୍କରେ ଚାନ୍ଦବାଲି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସହ ଦରଖାସ୍ତ ମଧ୍ୟ ଦିଆଯାଇଛି। ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହୋଇ ନ ଥିବା ସେମାନେ କହିଛନ୍ତି। ତେବେ ଏହି ଜଳବନ୍ଦି ସମସ୍ୟାର ସମାଧାନ କେବେ ହେବ ୱାର୍ଡର ଡ୍ରେନ୍ ବ୍ୟବସ୍ଥାର ଯାଞ୍ଚ କରାଯାଇ ଜଳ ନିଷ୍କାସନ ସୁବ୍ୟବସ୍ଥିତ କରାଯିବ କି ନା ପ୍ରତିବର୍ଷ ବର୍ଷା ଆସିଲେ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ? ଏବେ ଚାନ୍ଦବାଲି ଏନ୍‌ଏସ୍ କର୍ତ୍ତୃପକ୍ଷଙ୍କ ତତ୍ପରତା ଏବଂ ପଦକ୍ଷେପକୁ ଅପେକ୍ଷା କରିଛନ୍ତି ୫ ନମ୍ବର ୱାର୍ଡବାସୀ।

ଧାମନଗରରେ ପ୍ରବଳ ବର୍ଷା; ଜନଜୀବନ ଅସ୍ତବ୍ୟସ୍ତ

ଧାମନଗର,୨୮।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଧାମନଗର ସହରାଞ୍ଚଳରେ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ହେବ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବାବେଳେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଧାମନଗର ସହରରେ ମଙ୍ଗଳବାର ଅପରାହ୍ଣ ୪ଟାରୁ ବୁଧବାର ପର୍ଯ୍ୟନ୍ତ ଅନ୍ଧାର ହୋଇ ଭୟଙ୍କର ଦେଖା ଦେଇଥିବା ବେଳେ ଲଗାତାର ବର୍ଷା ଯୋଗୁଁ ଘରୁ ବାହାରକୁ ବାହାରିବା ପାଇଁ ସମ୍ଭବ ହୋଇ ନ ଥିଲା। ଦୋକାନ ବଜାର ବନ୍ଦ ସାଙ୍ଗକୁ ପୂରା ଅଞ୍ଚଳ ଖାଁ ଖାଁ ଦେଖାଦେଇଥିବା ବେଳେ ବ୍ୟବସାୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା। ବୁଧବାର ହାଲୁକା ପବନ ସାଙ୍ଗକୁ ଅଧିକରୁ ଅଧିକ ବର୍ଷା ହେବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ଓ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏପଟେ ବର୍ଷା ନ ହେବା ଯୋଗୁଁ କେତେକ ଧାନ ଜମି ଶୁଖି ଫାଟି ଧାନ ଚାଷ ନଷ୍ଟ ହେବାର ସମ୍ଭାବନାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଥିଲା। ତେବେ ପ୍ରବଳ ବର୍ଷା ଯୋଗୁଁ ଅଧିକାଂଶ ଶୁଖିଲା ଜମିରେ ପାଣି ହୋଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବାତ୍ୟା "ଅର୍ଣ୍ଣବ' ପ୍ରଭାବରେ ଦୁଇଦିନ ଧରି ଧାମନଗରରେ ପ୍ରବଳ ବର୍ଷା ହୋଇଥିବାବେଳେ ବୁଧବାର ସନ୍ଧ୍ୟା ପରେ ବର୍ଷାର ପ୍ରକୋପ କମିଛି। ତେବେ ସେଭଳି କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ଭାଙ୍ଗିଲା ଗଛ; ଛିଣ୍ଡିଗଲା ତାର

ବାରିକପୁର,୨୮।୧୦(ସମିସ): ସୃଷ୍ଟି ହୋଇଥିବା 'ଅର୍ଣ୍ଣବ' ବାତ୍ୟାର ପ୍ରଭାବ ଭଣ୍ଡାରିପୋଖରୀ ଓ ବାରିକପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ବୁଧବାର ଦିନ ତମାମ ବର୍ଷା ଲାଗି ରହିଥିବାବେଳେ କିଛି ସ୍ଥାନରେ ଗଛ ଭାଙ୍ଗି ବିଦ୍ୟୁତ୍ ତାର ଛିଣ୍ଡିଥିବା ଜଣାପଡ଼ିଛି। ସୂଚନା ମୁତାବକ, ବାରିକପୁର ନିକଟସ୍ଥ ଜଳମଣ୍ଡୁଆ ପଞ୍ଚାୟତ ସରଦପୁର ଗ୍ରାମ୍ୟ ରାସ୍ତା ଉପରେ ଏକ ବୃହତ୍ ଗଛ ଭାଙ୍ଗିପଡ଼ିବା କାରଣରୁ ଗ୍ରାମବାସୀଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଗଛ ଭାଙ୍ଗିବାରୁ ତାର ଛିଣ୍ଡିଯାଇ ବିଦ୍ୟୁତ୍ ଯୋଗାଣରେ ବ୍ୟାଘାତ ଦେଖାଦେଇଥିଲା। ଏନେଇ ଅଗ୍ନିଶମ ବାହିନୀକୁ ତୁରନ୍ତ ଖବର ଦିଆଯାଇଥିଲା। ଖବର ପାଇ ମଧ୍ୟାହ୍ନ ୧୨ଟା ବେଳେ ଦମକଳ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ଗଛକୁ ହଟାଇଥିବା ସୂଚନା ମିଳିଛି। ଏହାପରେ ଜନସାଧାରଣଙ୍କ ଗମନାଗମନ ସ୍ୱାଭାବିକ ହୋଇଛି। ସନ୍ଧ୍ୟା ପରେ ବର୍ଷା ପବନର ବେଗ ବୃଦ୍ଧି ପାଇବାରୁ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଗଛ ଡାଳପତ୍ର ଭାଙ୍ଗିଥିବା ଜଣାପଡ଼ିଛି।

କୂଳସାହିବାସୀଙ୍କୁ ଡରାଉଛି ଲଘୁଚାପ ବର୍ଷା

ବାରିକପୁର,୨୮।୧୦(ସମିସ): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରୁ ଗତ ମଙ୍ଗଳବାର ସନ୍ଧ୍ୟାରୁ ବୁଧବାର ସନ୍ଧ୍ୟା ଯାଏଁ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଅଳ୍ପ ବହୁତ ବର୍ଷା ଲାଗି ରହିଛି। ଯଦିଓ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ଅଦ୍ୟାବଧି ସେଭଳି ଜଳସ୍ତର ବୃଦ୍ଧି ହୋଇନାହିଁ ତଥାପି ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକେ ଆଶଙ୍କା ଭିତରେ ରହିଛନ୍ତି। ବିଶେଷ କରି ପୂର୍ବ ବନ୍ୟାଗୁଡ଼ିକରେ ନଦୀର ବନ୍ଧାଳ ମଢ଼ିଆଳୀ ଓ ଝୁଟଣାଠାରେ ହୋଇଥିବା ପଥର ପ୍ୟାକିଙ୍ଗ୍ କାର୍ଯ୍ୟ ଅନେକ ମାତ୍ରାରେ ଦବିଯାଇଛି। ଏହାଛଡ଼ା ବନସ୍ତାଠାରେ ମଧ୍ୟ ନଦୀବନ୍ଧ ଦବିଯାଇଥିବା ବେଳେ ସେଠାରେ ବାଲିବସ୍ତା ଦ୍ୱାରା ଅସ୍ଥାୟୀ ମରାମତି ହୋଇଛି। ପୁଣି ମାତ୍ରାଧିକ ବର୍ଷା ଯଦି ହୁଏ ତା'ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଅସମ୍ଭବ ନୁହେଁ। ଉକ୍ତ ଅଞ୍ଚଳର ଲୋକମାନେ ଏନେଇ ଏକପ୍ରକାର ଚିନ୍ତିତ ଅବସ୍ଥାରେ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଷୋଳମପୁର ପଞ୍ଚାୟତ ତିଖିଳିଆ ନୂଆ କୂଳସାହି ଜନବସତି ସୁରକ୍ଷା ବ୍ୟବସ୍ଥା ଏଯାଏଁ ହୋଇନାହିଁ। ଯାହାକୁ ନେଇ ସେଠାରେ ବସବାସ କରୁଥିବା ୩୦ ପରିବାର ଏକ ଅଜଣା ଭୟ ଭିତରେ ରହିଛନ୍ତି। ଲଗାତାର ବନ୍ୟା ଯୋଗୁଁ ଜନବସତି ସଂଲଗ୍ନ ଗେଙ୍ଗୁଟି ବନ୍ଧଟି ପ୍ରାୟ ୧୦୦ ଫୁଟ୍ ଭାସିଯାଇଛି। ନଦୀ ବନ୍ଧ ଉପରେ ନିର୍ମିତ ସବୁଦିନିଆ ରାସ୍ତାଟି ମଧ୍ୟ ବନ୍ୟା ସୁଅରେ ନିଶ୍ଚିହ୍ନ ହୋଇଯାଇଛି। ୩ ମାସ ହେବ ଏଠାରେ ଅସ୍ଥାୟୀ ମରାମତି କାର୍ଯ୍ୟ କିଛି ହୋଇନାହିଁ। ସମ୍ପ୍ରତି ବର୍ଷା ଲାଗି ରହିଥିବାରୁ ଲୋକମାନଙ୍କ ଦାଣ୍ଡ ବାଡ଼ି ପୁଣି ଗେଙ୍ଗୁଟି ନଦୀକୁ ଧସିଯିବା ଅନୁମାନ କରାଯାଇଛି। ଯଦି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ, ତା'ହେଲେ ଲୋକଙ୍କ ଅବସ୍ଥା କ'ଣ ଯେ ହେବ କହିହେଉନାହିଁ। ଛୁଆପିଲା ଧରି ବସବାସ କରୁଥିବା ପରିବାର ବର୍ଗ ଏବେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି।

ବନ୍ୟା କ୍ଷୟକ୍ଷତି ରାଶି ମିଳିବା ବିଳମ୍ବ

ବାରିକପୁର,୨୮।୧୦(ସମିସ): ଚଳିତ ବର୍ଷ ଜୁଲାଇ ୨୭ ତାରିଖଠାରୁ ସେପ୍ଟେମ୍ବର ୧୬ ତାରିଖ ଯାଏଁ ବୈତରଣୀ ନଦୀରେ ଛୋଟ ବଡ଼ ୮/୧୦ଟା ବନ୍ୟା ଆସିଛି। ଏହାଦ୍ୱାରା ଭଣ୍ଡାରିପୋଖରୀ ବ୍ଲକ୍‌ର ୭ରୁ ଅଧିକ ପଞ୍ଚାୟତ ପ୍ରଭାବିତ ହୋଇଛି। ଏହାଛଡ଼ା ରେବ କପାଳୀ ବନ୍ୟାରେ ମଧ୍ୟ ୨/୩ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଖରିଫ୍ ଧାନ ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ପ୍ରଥମ ଓ ଦ୍ୱିତୀୟ ବନ୍ୟା ଯିବା ପରେ କୃଷି ଏବଂ ତହସିଲ୍ ବିଭାଗ ପକ୍ଷରୁ ମିଳିତ ଭାବେ କ୍ଷୟକ୍ଷତି ଆକଳନ ହୋଇଥିଲା। ତଦନୁଯାୟୀ ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବ୍ୟବସ୍ଥା ହୋଇଛି। ଦୁଃଖର ବିଷୟ ଏଯାଏଁ ଚାଷୀମାନେ ସହାୟତା ରାଶି ପାଇନାହାନ୍ତି। ସୂଚନା ମୁତାବକ, ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ କିଛି ଚାଷୀଙ୍କ ନାମ ଷ୍ଟେଟ୍ ବ୍ୟାଙ୍କକୁ ପ୍ରଦାନ କରାଯାଇଛି। ବିଳମ୍ବରେ ଦୁର୍ଗା ପୂଜା ଛୁଟି ଗୋଟିଏ ଦିନ ପୂର୍ବରୁ ଯୋଗ୍ୟ ବିବେଚିତ ଚାଷୀଙ୍କ ନାମ ବ୍ୟାଙ୍କ ନିକଟରେ ପହଞ୍ଚିଥିଲା। ପୂଜା ଛୁଟି ପରେ ବ୍ୟାଙ୍କ ଅଡିଟ୍ ଆରମ୍ଭ ହୋଇଥିବାବେଳେ ଏଯାଏଁ ଚାଷୀଙ୍କ ଖାତାକୁ ସହାୟତା ରାଶି ପ୍ରଦାନ କରାଯାଇନାହିଁ। ସରକାର ପୂଜା ପୂର୍ବରୁ କ୍ଷୟକ୍ଷତି ପ୍ରୋତ୍ସାହନ ରାଶି ଯୋଗାଇଦେବାକୁ ଘୋଷଣା କରିଥିଲେ। ପ୍ରଶାସନିକ ସ୍ତରରେ ମନ୍ଥର କାର୍ଯ୍ୟ ଯୋଗୁଁ ଏଯାଏଁ ଚାଷୀମାନେ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବ୍ୟାଙ୍କ ଅଧିକାରୀଙ୍କ ମତାମତ ନେବାରୁ ଦିନେ ଦୁଇ ଦିନ ଭିତରେ ଖାତାକୁ ସହାୟତା ରାଶି ଯିବ ବୋଲି ସୂଚନା ଦେଇଛନ୍ତି। କ୍ଷୟକ୍ଷତି ରାଶି ତୁରନ୍ତ ଯୋଗାଇଦେବାକୁ ବନ୍ୟା ପ୍ରଭାବିତ ରହଣିଆ, ମାଳଦା, ଷୋଳମପୁର, ଝୁଟଣା, ନପଙ୍ଗ, କୋରିଗାଁ, ବିଷ୍ଣୁପୁର, ଜଳମଣ୍ଡୁଆ, ବାଲିପୋଖରୀ ପ୍ରମୁଖ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

ସାଠିବାଙ୍କୁଡ଼ା ନିକଟରେ ବୈତରଣୀକୁ ଧସିଲା ୩୦୦ ଫୁଟ୍‌ର ବନ୍ଧ

ଆରଡ଼ି,୨୮।୧୦(ସମିସ)

ଚଳିତ ବର୍ଷ ଲଗାତାର ଭାବେ ବୈତରଣୀ ଓ ସାଳନ୍ଦୀ ନଦୀରେ ୭ ଥର ବନ୍ୟା ଫଳରେ କୁଆଖିଆ-ଆରଡ଼ି ଜାତୀୟ ରାଜପଥ-୨୦ରେ ସାଠିବାଙ୍କୁଡ଼ାଠାରୁ ବୋଡ଼କ ପର୍ଯ୍ୟନ୍ତ ବୈତରଣୀ ନଦୀ ବନ୍ଧ ବୁଡ଼ି ବନ୍ୟା ଜଳ ପ୍ରାୟତଃ ୨ମାସରୁ ଊର୍ଦ୍ଧ୍ୱ ସମୟଧରି ପ୍ରବାହିତ ହେଲା। ଫଳରେ ନଦୀ ବନ୍ଧ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ପଡ଼ିଛି। ସାମାନ୍ୟ ବର୍ଷା ହେବାରୁ ବହୁ ସ୍ଥାନରେ ନଦୀକୁ ଧସିଯାଉଛି ବନ୍ଧ। 'ଅର୍ଣ୍ଣବ' ବାତ୍ୟା ଯୋଗୁଁ ଆରଡ଼ି ଅଞ୍ଚଳ ସମୁଦ୍ର ଉପକୂଳବର୍ତ୍ତୀ ହୋଇଥିବାରୁ ଦୁଇ ଦିନ ଧରି ଲଗାତାର ବର୍ଷା ହେଉଛି। ନଦୀରେ ବି ଜଳସ୍ତର ବଢୁଛି। ଦୁଇ ଦିନ ପୂର୍ବରୁ ସୁନ୍ଦରପୁର ନିକଟରେ ନଦୀ ବନ୍ଧ ୫୦୦ ଫୁଟ୍ ଧସିଥିବାବେଳେ ବୁଧବାର ସକାଳୁ ସାଠିବାଙ୍କୁଡ଼ା ନିକଟରେ ଏନ୍‌ଏଚ୍-୨୦ ପାର୍ଶ୍ୱରେ ପୁନର୍ବାର ୩୦୦ ଫୁଟ୍‌ର ବନ୍ଧ ଧସିଛି। ବନ୍ଧର ଚଉଡ଼ାର ଅଧା ଭାଗ ନଦୀକୁ ଚାଲିଯାଇଛି। ଆଗକୁ ଆହୁରି ଏକ ଲଘୁଚାପ ଥିବାରୁ ଯଦି ପୁନର୍ବାର ଉପର ମୁଣ୍ଡରେ ବର୍ଷା କାରଣରୁ ବନ୍ୟା ଆସେ, ତା'ହେଲେ ଏ ବନ୍ଧର ବର୍ତ୍ତମାନ ଅବସ୍ଥା ଯାହା ଦେଖାଦେଇଛି ତାହା ଭାଙ୍ଗିଯିବାର ଆଶଙ୍କା ଅଧିକ ଅଛି।

ଜଳସେଚନ ବିଭାଗର ବେପରୁଆ ମନୋଭାବ ଯୋଗୁଁ ଏଭଳି ସ୍ଥିତି ଉପୁଜୁଛି। ବନ୍ୟା ୨ ମାସ ହେଲା ଛାଡ଼ିଲାଣି କିନ୍ତୁ ବିଭାଗ ପକ୍ଷରୁ ବନ୍ୟା ଛାଡ଼ିବା ପରେ ଆଜି ପର୍ଯ୍ୟନ୍ତ ନଦୀ ବନ୍ଧର ବର୍ତ୍ତମାନ ଅବସ୍ଥା ଦେଖାହେଉ ନାହିଁ। କେଉଁଠି କେଉଁଠି ଦୁର୍ବଳ ଅବସ୍ଥାରେ ଅଛି ତାହା ଯାଞ୍ଚ ହେଉନାହିଁ। ସ୍ଥାୟୀ ପ୍ରତିକାର ହେଉ କି ଅସ୍ଥାୟୀ ପ୍ରତିକାର ହେଉ, ସେଥିପ୍ରତି ଯତ୍ନବାନ ହେଉ ନାହିଁ। କେବଳ ଯେଉଁଠି ନଦୀ ବନ୍ଧ ଧସୁଛି ଗଣମାଧ୍ୟମରେ ଖବର ପ୍ରସାରଣ ହେଲା ପରେ ଯାଇ ବାଲିବସ୍ତା ଓ ପଲିଥିନ୍ ପକେଇଦେଇ ପୁଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡୁଛି। ବିଭାଗୀୟ ଯନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭାବେ ଅବହେଳା ହେତୁ ସବୁ ସ୍ଥାନରେ ସ୍ଥିତି ଏଭଳି ସଙ୍ଗୀନ ହେଉଛି। ଯଥାଶୀଘ୍ର ଜଳସେଚନ ବିଭାଗର ବଡ଼ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତ୍ୱରିତ ଢଙ୍ଗରେ ପ୍ରତିକାର କରିବା ସହିତ ସ୍ଥାୟୀ ପ୍ରତିକାର ନିମନ୍ତେ ନକ୍ସା ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

- **କୁମ୍ଭକର୍ଣ୍ଣ ନିଦ୍ରାରେ ଜଳସେଚନ ବିଭାଗ**
- **ଚଳିତ ବର୍ଷ ଲଗାତାର ବନ୍ୟା ପ୍ରଭାବରେ ଦୁର୍ବଳ ହୋଇଛି ନଦୀ ବନ୍ଧ**
- **ପୁନର୍ବାର ବନ୍ୟା ହେଲେ ବନ୍ଧ ଭାଙ୍ଗିବାର ବଡ଼ ଆଶଙ୍କା**

ଅଚକ ପଞ୍ଚାୟତରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

ଦୋଳସାହି,୨୮।୧୦(ସମିସ): ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶରେ ହେଉଥିବା ବିକାଶମୂଳକ ଯୋଜନାର ସଫଳ ରୂପାୟଣ ପାଇଁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ବିଜେପି ପକ୍ଷରୁ ବୁଥ୍‌ସ୍ତରୀୟ ପ୍ରତି ମାସର ଶେଷ ରବିବାର ଅନୁଷ୍ଠିତ ହେଉଛି। ତିହିଡ଼ି ବ୍ଲକ୍ ଅଧୀନ ଅଚକ ପଞ୍ଚାୟତରେ କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକଙ୍କ ଅଧ୍ୟକ୍ଷତାରେ ଏହି 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଭାଗ ନେଇଥିବା ଜଣାଯାଇଥିଲା ବେଳେ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୌଶଲ୍ୟା ସାହୁ, ମାନସ ସାହୁ, ପ୍ରଫୁଲ୍ଲ ସାହୁ, ସତ୍ୟଭାମା ସାହୁ ପ୍ରମୁଖ ଯୋଗଦେଇଥିବା ଜଣାଯାଇଛି।

ଲକ୍ଷ୍ମୀପୂଜା ମଣ୍ଡପ ବୁଲିଲେ ବିଧାୟକ ସଞ୍ଜୀବ ମଲ୍ଲିକ

ବନ୍ତ/ଆଗରପଡ଼ା,୨୮।୧୦(ସମିସ): ଆଗରପଡ଼ା ଓ ତା' ଆଖପାଖ ଅଞ୍ଚଳରେ ପ୍ରତିବର୍ଷ ପରି ଚଳିତ ବର୍ଷ ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ ମହାଆଡ଼ମ୍ବରରେ ପାଳିତ ହେଉଛି। କୁଆଁଶମଢ଼ିଆ ଛକ, ଗଡ଼ଗଡ଼ି ଛକ, ମହତାବ ଛକ ସମେତ ରାଉତରାପୁର, ପାଟକନା ଆଦି ଗ୍ରାମରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳା ପ୍ରତି ମଣ୍ଡପରେ ଶୋଭାପାଉଛି। ଭଜନ, କୀର୍ତ୍ତନରେ ଏହି ପୂଜା ମଣ୍ଡପମାନଙ୍କରେ ଅପୂର୍ବ ଧାର୍ମିକ ପରିବେଶ ସୃଷ୍ଟି ହୋଇଛି। ଏହି ଅବସରରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ମା' ଲକ୍ଷ୍ମୀଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ଦାଶ, ସମ୍ପାଦକ ଅଶୋକ ପାଣିଗ୍ରାହୀ, ରାଜ୍ୟ ଛାତ୍ର ସମ୍ପାଦକ ଚିନ୍ମୟ ଦାସ, ବ୍ଲକ୍ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ନେତା ଜୟଦେବ ସିଂହ, ପୁରୁଷଣ୍ଡ ପଞ୍ଚାୟତ ବିଜେଡି ସଭାପତି ବିଷ୍ଣୁଚରଣ ସାହୁ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ। ଅନୁରୂପ ଭାବେ ବିଧାୟକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ନିମଗଡ଼ିଆ, ଭରସିଂହପୁର, ସୁଆଁପଦା ଆଦି ଗ୍ରାମରେ ପାଳିତ ହେଉଥିବା ଲକ୍ଷ୍ମୀ ପୂଜା ମଣ୍ଡପକୁ ପରିଦର୍ଶନ କରି ମା' ଲକ୍ଷ୍ମୀଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। କାଦବରାଙ୍ଗ ପଞ୍ଚାୟତ ଯୁବ ବିଜେଡି ସଭାପତି କିଶୋର ରାଉତ, ଶୁବଳକାନ୍ତ ପଣ୍ଡା, ସନା ସାହୁ, ରବୀନ୍ଦ୍ର ରାଉତ, ଦାମୋଦର ପଣ୍ଡା, ଅମିତ୍ ପାଲ୍, ବିଷ୍ଣୁ ଦାସ, ଆଦିତ୍ୟ ଯେନା, ବାବୁ ପାତ୍ର, ଖଗେଶ୍ୱର ଯେନା, ହରିହର ଯେନା, ସୁରେନ୍ଦ୍ର ମଣ୍ଡଳ, ଗୁକୁଳି ମଣ୍ଡଳ, କାଳନ୍ଦୀ ବେହେରା, ମହେନ୍ଦ୍ର ରାଉତଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

ମା' ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ ବୁଲିଲେ ପୂର୍ବତନ ବିଧାୟକ

ବାସୁଦେବପୁର,୨୮।୧୦(ସମିସ): ଜଗତ ଜନନୀ ମା' ଅନ୍ନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜାରେ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ବାସୁଦେବପୁର ବ୍ଲକ୍ ବରଣ୍ଡୁଆ ପଞ୍ଚାୟତର ବେତଡ଼ା ଓ ଲକ୍ଷ୍ମୀଦାସପୁର ଆଦି ଅଞ୍ଚଳରେ ଗଜଲକ୍ଷ୍ମୀଙ୍କ ପୂଜା ମଣ୍ଡପ ବୁଲି ବୁଲି ମା'ଙ୍କୁ ଦର୍ଶନ କରିଛନ୍ତି ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ। ବାସୁଦେବପୁର ବ୍ଲକ୍‌ର ଲକ୍ଷ୍ମୀଦାସପୁର ଗ୍ରାମରେ ମା'ଙ୍କ ପୂଜା ସହିତ ନୂତନ ପୂଜା ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ସୁସଜ୍ଜିତ ଆକର୍ଷଣ ତୋରଣ ଓ ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜାଇ ହୋଇଛି ରାସ୍ତାଘାଟ। ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କର ଚାଲିଛି ପୂଜାର୍ଚ୍ଚନା। ହୋମଯଜ୍ଞ ଓ ମନ୍ତ୍ରପାଠରେ କମ୍ପୁଛି ପୂଜା ମଣ୍ଡପ। କମିଟି ପକ୍ଷରୁ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପୂର୍ବତନ ବିଧାୟକ ଶ୍ରୀ ରାଉତରାୟ, ବିଜେଡିର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ବେତଡ଼ାର କଚେରୀ ବଜାର, ଗୋରୁହାଟ, ସାର୍ବଜନୀନ ଲକ୍ଷ୍ମୀପୂଜା କମିଟି, କେନାଲ ଆଡ଼ି ପୂଜା କମିଟି, ହାଇସ୍କୁଲ ଛକ ପୂଜା ମଣ୍ଡପ ବୁଲି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

ଶିଶୁ ସଚେତନତା ରଥ ପରିକ୍ରମା

ବାରିକପୁର,୨୮।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପରିସରରେ ଶିଶୁ ଶ୍ରମିକ ମୁକ୍ତ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଏବିଡିଓ ନିଶିକାନ୍ତ ଖୁଣ୍ଟିଆ ଉପସ୍ଥିତ ଥିଲେ। ସହକାରୀ ଶ୍ରମ ଅଧିକାରିଣୀ ତେଜସ୍ୱୀ ନାୟକଙ୍କ ସଂଯୋଜନାରେ ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ସଙ୍କଳ୍ପ ପତ୍ର ପାଠ ହୋଇଥିଲା। ବ୍ଲକ୍‌କୁ ଆସିଥିବା ଜନସାଧାରଣ ଏଥିରେ ଯୋଗଦେଇ ସଙ୍କଳ୍ପ ପତ୍ର ପାଠ କରିଥିଲେ। ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ କୌଣସି ବୃତ୍ତିରେ ନିୟୋଜିତ କରିବା ଆଇନତଃ ଅପରାଧ ବୋଲି ସୂଚନା ଦିଆଯାଇଥିଲା। ଏ ସମ୍ପର୍କରେ ଶ୍ରମ କାର୍ଯ୍ୟାଳୟ, ସ୍ଥାନୀୟ ଥାନା, ଶିଶୁ ସୁରକ୍ଷା ଅଧିକାରୀଙ୍କୁ ତୁରନ୍ତ ଜଣାଇବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଶିଶୁ ଶ୍ରମିକ ମୁକ୍ତ ଓଡ଼ିଶା ଗଠନର ନୀତି ନିୟମକୁ ନେଇ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଥିବା ଜଣାପଡ଼ିଛି। ରଥ ପରିକ୍ରମା ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବ ବୋଲି ମତପ୍ରକାଶ ପାଇଛି।

ବନ୍ତଳା ନୋଡାଲ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ବିଇଓଙ୍କ ଦ୍ୱାରସ୍ଥ ହେଲେ ପରିଚାଳନା କମିଟି ସଭାପତି

ବନ୍ତ/ଆଗରପଡ଼ା,୨୮।୧୦(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା କାଦବରାଙ୍ଗ କ୍ଲଷ୍ଟର ଅନ୍ତର୍ଗତ ବନ୍ତଳା ନୋଡାଲ ସ୍କୁଲରେ ଶିକ୍ଷକ ସମସ୍ୟା ଏବେ ଚରମ ସୀମାରେ ପହଞ୍ଚିଛି। ୧୯୭୨ ମସିହାରୁ ପ୍ରତିଷ୍ଠିତ ହୋଇ ଦୀର୍ଘ ୫୩ ବର୍ଷରୁ ଅଧିକ ସମୟ ଧରି ଅଞ୍ଚଳରେ ଶିକ୍ଷାର ଆଲୋକ ବାଣ୍ଟୁଥିବା ଏହି ପୁରାତନ ବିଦ୍ୟାଳୟରେ ଏବେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ

- ପ୍ରହସନ ପାଲଟିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା
- ଗୋଟିଏ କୋଠରିରେ ୫ ଶ୍ରେଣୀର ପାଠପଢ଼ା
- ୩ କୋଠରିରେ ୯ ଶ୍ରେଣୀର ପାଠପଢ଼ା

ସୁବିଧାସୁଯୋଗ ଓ ପର୍ଯ୍ୟାପ୍ତ କୋଠାବାଡ଼ି ଥିବା ସତ୍ତ୍ୱେ କେବଳ ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡ଼କୁ ଗତି କରୁଛି।

ମିଳିଥିବା ସୂଚନା ମୁତାବକ, ଏହି ସରକାରୀ ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୯ଟି ଶ୍ରେଣୀ ରହିଥିବାବେଳେ ମୋଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହେଉଛି ୮୪। ପୂର୍ବରୁ ଏହି ସ୍କୁଲରେ ୫ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବାବେଳେ ଗତ ସେପ୍ଟେମ୍ବର ମାସ ଶେଷରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ଏହା ସହିତ ଅନ୍ୟ ଜଣେ ଶିକ୍ଷକ ପଦୋନ୍ନତି ପାଇ ସେପ୍ଟେମ୍ବର ୧୦ ତାରିଖରୁ ଅନ୍ୟତ୍ର ବଦଳି ହୋଇ ଚାଲିଯାଇଛନ୍ତି। ଫଳରେ ୫ ଜଣ ଶିକ୍ଷକ ଜାଗାରେ ବର୍ତ୍ତମାନ ମାତ୍ର ୩ ଜଣ ଶିକ୍ଷକ ରହି ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ଶ୍ରେଣୀ ଗୃହର କୌଣସି ଅଭାବ ନାହିଁ, ମାତ୍ର ପିଲାଙ୍କୁ ସମ୍ଭାଳିବା ଓ ପାଠ ପଢ଼ାଇବା ପାଇଁ ଶିକ୍ଷକ ନ ଥିବାରୁ ବାଧ ହୋଇ ମାତ୍ର ୩ଟି ଶ୍ରେଣୀଗୃହରେ ୯ଟି ଶ୍ରେଣୀର ପିଲାଙ୍କୁ ଏକାଠି ବସାଇ ପାଠ ପଢ଼ାଯାଉଛି। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ, ଗୋଟିଏ ଶ୍ରେଣୀଗୃହରେ ଶିଶୁବାଟିକାରେ ୨ ଜଣ, ୧ମରେ ୫ ଜଣ, ୨ୟରେ ୩ ଜଣ, ୩ୟରେ ୪ ଜଣ ଓ ୪ର୍ଥରେ ୧୧ ଜଣ ଏହିପରି ୫ଟି ଶ୍ରେଣୀରେ ୨୫ଜଣ ଛାତ୍ରଛାତ୍ରୀ ଏକାସାଙ୍ଗରେ ଗୋଟିଏ ଗୃହରେ ବର୍ତ୍ତମାନ ଶିକ୍ଷାଲାଭ କରୁଛନ୍ତି। ସେହିପରି ଆଉ ଏକ ଗୃହରେ ୫ମ ଶ୍ରେଣୀର ୮ ଜଣ ଓ ୬ଷ୍ଠ ଶ୍ରେଣୀର ୧୯ ଜଣ ଏହିପରି ୨୭ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବାବେଳେ ଅନ୍ୟ ଏକ ଗୃହରେ ୭ମ ଶ୍ରେଣୀର ୧୪ ଜଣ ଓ ୮ମ ଶ୍ରେଣୀର ୧୮ଜଣ ଏହିପରି ୩୨ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି। ଗୋଟିଏ ଶ୍ରେଣୀଗୃହରେ ବିଭିନ୍ନ ବୟସର ଓ ବିଭିନ୍ନ ଶ୍ରେଣୀର ପିଲା ଏକାଠି ବସି କୋଳାହଳ କରୁଥିବାରୁ ଶିକ୍ଷକମାନେ କେଉଁ ଶ୍ରେଣୀକୁ ପଢ଼ାଇବେ ତାହା ଜାଣିପାରୁ ନାହାନ୍ତି। ଫଳରେ ସ୍କୁଲରେ ସମସ୍ତ ସୁବିଧା ଥାଇ ମଧ୍ୟ ପାଠପଢ଼ାର ମାନ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହି ଗୁରୁତର ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜା ମଞ୍ଜରୀ ଓଝା ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟରେ ଗତ ୧୫ ତାରିଖରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

ସଭାପତି ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ସେପ୍ଟେମ୍ବର ମାସରୁ ଦୁଇ ଜଣ ଶିକ୍ଷକ କମିଯିବା ପରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ୮୪ ଜଣ କୋମଳମତି ଶିଶୁଙ୍କ ଭବିଷ୍ୟତ ନଷ୍ଟ ହେବାକୁ ବସିଲାଣି। ଗୋଟିଏ ଶ୍ରେଣୀଗୃହରେ ୫ଟି କ୍ଲାସ୍ ଚାଲିବା ଦ୍ୱାରା ପିଲାମାନେ କିଛି ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ତେଣୁ ବିଦ୍ୟାଳୟକୁ ତୁରନ୍ତ ଆବଶ୍ୟକୀୟ ସଂଖ୍ୟକ ଶିକ୍ଷକ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ତଥା ବିଆର୍‌ସିସି ହରେକୃଷ୍ଣ ଆପଟ କହିଛନ୍ତି, ବନ୍ତଳା ନୋଡାଲ ସ୍କୁଲର ପରିଚାଳନା କମିଟି ସଭାପତିଙ୍କଠାରୁ ଆମେ ଅଭିଯୋଗ ପତ୍ର ପାଇଛୁ। ପ୍ରଧାନଶିକ୍ଷକଙ୍କ ଅବସର ଓ ଅନ୍ୟ ଜଣଙ୍କ ବଦଳି ଯୋଗୁଁ ସେଠାରେ ସମସ୍ୟା ଉପୁଜିଛି। ପିଲାଙ୍କ ପାଠପଢ଼ାରେ ଯେଭଳି ବ୍ୟାଘାତ ନ ହେବ ସେଥିପାଇଁ ଶିକ୍ଷକ ସମସ୍ୟାର ସମାଧାନ ଦିଗରେ ବ୍ୟବସ୍ଥା କରାଯାଉଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ।

କମାରଗାଁ-ବାଲିମେଦ ରାସ୍ତା ପାଇଁ ୫୧.୭୧ କୋଟି ମଞ୍ଜୁର

ଭଦ୍ରକ, ୨୮।୧୦ (ସମିସ): ଭଦ୍ରକ ଜିଲ୍ଲା କମାରଗାଁ-ବାଲିମେଦ ରାସ୍ତାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୫୧ କୋଟି ୭୧ ଲକ୍ଷ ୨୦ ହଜାର ଟଙ୍କାର ପ୍ରଶାସନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। କାର୍ଯ୍ୟ ବିଭାଗର ଆଦେଶ ନମ୍ବର ୧୮୦୭୮/୮.୧୦.୨୦୨୬ ଅନୁଯାୟୀ, ଏହି ରାସ୍ତାର ୧୫ କିଲୋମିଟର ପର୍ଯ୍ୟନ୍ତ ଚଉଡ଼ାକରଣ ଓ ମଜଭୁତୀକରଣ କରାଯିବ। ପ୍ରକଳ୍ପରେ ରାସ୍ତା ନିର୍ମାଣ ଓ ଟ୍ରାଫିକ୍ ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରାୟ ୨୮.୭୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ୩୬ଟି କଲ୍‌ଭର୍ଟ ନିର୍ମାଣ, ଚଉଡ଼ାକରଣ ଓ ପୁନଃନିର୍ମାଣ ପାଇଁ ୮.୬୫ କୋଟି ଟଙ୍କା ରଖାଯାଇଛି। ସେହିପରି ଜନବହୁଳ ଅଞ୍ଚଳରେ ୧୯୦୦ ମିଟର ଡ୍ରେନ୍ ସହ ଫୁଟ୍‌ପାଥ୍, ୧୧୦୦ ମିଟର ଟୋ ୱାଲ୍ ଓ ୩୪୦ ମିଟର ରିଟେନିଂ ୱାଲ୍ ନିର୍ମାଣ କରାଯିବ। ତେବେ ପ୍ରଶାସନିକ ମଞ୍ଜୁରୀ ମିଳିଥିଲେ ମଧ୍ୟ ପାଣ୍ଠି ଉପଲବ୍ଧ ନ ହେଲେ କାମ ଆରମ୍ଭ ହେବ ନାହିଁ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ କରିବା ସହ ବ୍ୟୟବୃଦ୍ଧି ରୋକିବାକୁ ଗୁରୁତ୍ୱ ଦିଆଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷର ଆଉଟ୍‌କମ୍ ବଜେଟ୍‌ରେ ଆବଶ୍ୟକ ଅର୍ଥ ବରାଦ କରିବାକୁ ମଧ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଏହି ରାସ୍ତାର ଉନ୍ନତୀକରଣ ହେଲେ ଅଞ୍ଚଳବାସୀଙ୍କ ଯାତାୟାତ ସୁଗମ ହେବା ସହ ସଡ଼କ ସୁରକ୍ଷା ଓ ଜଳ ନିଷ୍କାସନ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଛି।

୧୫ କିମି ରାସ୍ତାର ହେବ ଉନ୍ନତୀକରଣ; ନିର୍ମାଣ ହେବ ୩୬ଟି କଲ୍‌ଭର୍ଟ

୨ ମଦ୍ୟପ ଚାଳକ ଗିରଫ; ୨ ଗାଡ଼ି ଜବତ

ବନ୍ତ/ଆଗରପଡ଼ା,୨୮।୧୦(ସମିସ): ସଡ଼କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଲକ୍ଷ୍ୟରେ ବନ୍ତ ଥାନା ପୁଲିସ ପକ୍ଷରୁ ଷେଣ୍ଢତିରା ବଜାର ଏବଂ ବନ୍ତ ବଜାରଠାରେ ଗତ ମଙ୍ଗଳବାର ଏମ୍‌ଭି ଚେକିଂ କରାଯାଇଛି। ଯାଞ୍ଚବେଳେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ପୁଲିସ ୨ ଜଣ ଚାଳକଙ୍କୁ ଅଟକ ରଖି ଗାଡ଼ିକୁ ଜବତ କରିଛି। ସୂଚନା ଯେ, ପ୍ରଥମ ମାମଲାରେ ଢେଙ୍କାନାଳ ଜିଲ୍ଲା ପିଙ୍ଗୁଆ ଅଞ୍ଚଳର ପ୍ରହଲ୍ଲାଦ ସାହୁ (୩୬) ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି ୦୪ ୱାଇ ୯୦୩୨) ଚଲାଇ ଯାଉଥିବାବେଳେ ପୁଲିସ ହାତରେ ଧରାପଡ଼ିଥିଲେ। ବ୍ରେଥ୍ ଆନାଲାଇଜର ଦ୍ୱାରା ଯାଞ୍ଚ କରିବା ପରେ ତାଙ୍କ ରକ୍ତରେ ଆଲ୍‌କହଲର ପରିମାଣ ୬୯ ମି.ଗ୍ରା/୧୦୦ ମିଲି ରହିଥିବା ଜଣାପଡ଼ିଥିଲା। ସେହିପରି ଦ୍ୱିତୀୟ ମାମଲାରେ ବାଲେଶ୍ୱର ଜିଲ୍ଲା ବରଦା ଅଞ୍ଚଳର କାହ୍ନୁ ଦାସ (୨୧) ନାମକ ଜଣେ ଯୁବକ ଏକ ମୋଟର ସାଇକଲ (ଓଡି ୨୨ ଏଏଫ୍ ୭୦୭୭) ଯୋଗେ ଯାଉଥିବାବେଳେ ପୁଲିସ ତାଙ୍କୁ ଅଟକାଇଥିଲା। ଯାଞ୍ଚ ସମୟରେ ତାଙ୍କ ଶରୀରରେ ଆଲ୍‌କହଲର ସ୍ତର ବହୁତ ଅଧିକ ଅର୍ଥାତ୍ ୧୮୫ ମି.ଗ୍ରା/୧୦୦ ମିଲି ରେକର୍ଡ କରାଯାଇଥିଲା। ପୁଲିସ ଉଭୟ ଗାଡ଼ିକୁ ଜବତ କରିବା ସହ ଭାରତୀୟ ନ୍ୟାୟ ସଂହିତା ଧାରା ୨୮୧ ଏବଂ ମୋଟର ଯାନ ଆକ୍ଟର ଧାରା ୧୮୫ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।

ମୁନ୍‌ସିପାଟଣା ଗ୍ରାମରେ ଘର ନିର୍ମାଣକୁ କେନ୍ଦ୍ର କରି ଆକ୍ରମଣ

୩ ଗୁରୁତର; ୨୬ ଜଣଙ୍କ ନାଁରେ ମାମଲା

ଧାମନଗର,୨୮।୧୦(ସମିସ):ଧାମନଗର ଏନଏସି ଅନ୍ତର୍ଗତ ମୁନ୍‌ସିପାଟଣା ଗ୍ରାମରେ ଘର ନିର୍ମାଣକୁ କେନ୍ଦ୍ର କରି ରକ୍ତାକ୍ତ ସଂଘର୍ଷ ଘଟିଛି। ଭୁଜାଲି,ଲୁହାରଡ୍ ଓ ବାଡ଼ିରେ ଆକ୍ରମଣରେ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ଧାମନଗର ଡାକ୍ତରଖାନା ଓ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଧାମନଗର ଥାନାରେ ମାମଲା(ନଂ ୪୬୧/୨୬)ରେ ମାମଲା ରୁଜୁ ହୋଇଛି। ପ୍ରକାଶଯେ, ଏସ୍‌କେ ସଲ୍‌ମି ନିଜ ଜମିରେ ନୂତନ ଘର ନିର୍ମାଣ କରୁଥିଲେ। ଗତ ୧୭ତାରିଖ ଅପରାହ୍ନ ପ୍ରାୟ ୪ଟା ୩୦ରେ ଆସ୍ମା ଖାତୁନ୍‌ଙ୍କ ଭାଇ ଏସ୍‌କେ ଟିକିବାବୁ, ଭଉଣୀ ସଲମା ଖାତୁନ୍ ଓ ସ୍ୱାମୀ ଏସ୍‌କେ ମେନୁଦ୍ଦିନ୍ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବାବେଳେ ଏସ୍‌କେ ଉନୁ, ଏସ୍‌କେ ଗାଫର, ଏସ୍‌କେ ଅବଦୁଲ ରଜାକଙ୍କ ସମେତ ଅନ୍ୟମାନେ ସେଠାରେ ପହଂଚିଥିଲେ। ଏହାକୁ ନେଇ ସଂଘର୍ଷ ଘଟିଥିଲା।ଏହି ସଂଘର୍ଷରେ ଏସ୍‌କେ ଟିକିବାବୁଙ୍କ ମୁଣ୍ଡରେ ଭୁଜାଲି ଆଘାତ ଲାଗିଥିବାବେଳେ ସଲମା ଖାତୁନ୍ ଲୁହାରଡ୍ ଓ ଏସ୍‌କେ ମେନୁଦ୍ଦିନ୍ ବାଡ଼ି ମାଡ଼ରେ ଆହତ ହୋଇଥିବା ମାମଲାରେ ଦର୍ଶାଯାଇଛି। ଏଥିସହ ଗାଳିଗୁଲଜ ଓ ଜୀବନରେ ମାରିଦେବାକୁ ଧମକ ଦେବା ଘଟଣା ମଧ୍ୟ ଉଲ୍ଲେଖ ରହିଛି। ଅକ୍ଟୋବର ୨୪ ତାରିଖରେ ଆସ୍ମା ଖାତୁନ୍‌ଙ୍କ ଏତଲା ଆଧାରରେ ପୁଲିସ ବିଏନ୍‌ଏସ୍‌ର ଧାରା ୧୦୯, ୧୧୫(୨), ୨୯୬, ୩(୫) ଓ ୩୫୧(୨)ରେ ମାମଲା ରୁଜୁ କରିଛି। ମୋଟ ୨୬ ଜଣଙ୍କ ନାମ ମାମଲାରେ ରହିଥିବାବେଳେ ୧୬ ଜଣ ନାମଧାରୀ ଓ ଅନ୍ୟ ୧୦ ଜଣ ଅଜ୍ଞାତ ବ୍ୟକ୍ତି ଅଛନ୍ତି। ଏଏସ୍‌ଆଇ ନରେନ୍ଦ୍ର ରାଉତ ତଦନ୍ତ ଅଧିକାରୀ ଭାବେ ଘଟଣାର ତଦନ୍ତ କରୁଛନ୍ତି।

୪୦୮ ଲିଟର ମଦ ଜବତ; ୨ ଗିରଫ



ବନ୍ତ/ଆଗରପଡ଼ା,୨୮।୧୦(ସମିସ): ବେଆଇନ ମଦ କାରବାର ବିରୋଧରେ ବନ୍ତ ଓ ଆଗରପଡ଼ା ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ପୁଲିସ ଚଢ଼ଉ କରି ପ୍ରାୟ ୪୦୮ ଲିଟର ଦେଶୀ ବିଦେଶୀ ମଦ ଜବତ କରିବା ସହ ୨ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବନ୍ତ ଥାନା ଅନ୍ତର୍ଗତ କାଟିଆଣା (ସିଜୁଗଡ଼ିଆ) ଗାଁର ରାମଚନ୍ଦ୍ର ନାୟକଙ୍କ ପୁଅ ଦେବାଶିଷ ନାୟକ (୨୭) ଏବଂ ଆଗରପଡ଼ା ଥାନା ବିଟିପୁରସ୍ଥିତ ଧୋବାସାହିର ଦିପୁନ ସେଠୀ। ଗତ ୨୭ ତାରିଖରେ ବନ୍ତ ପୁଲିସ ପକ୍ଷରୁ ବସନ୍ତିଆ, ଆପଣ୍ଡା ଏବଂ ସିଳନ୍ଦୀ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଥିଲା। ଏହି ସମୟରେ କାଟିଆଣା ଗ୍ରାମରେ ଅଭିଯୁକ୍ତଙ୍କ ଘର ପଛପଟେ ବେଆଇନ ଦେଶୀ ମଦ ବିକ୍ରି ହେଉଥିବା ନେଇ ପୁଲିସକୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଖବର ପାଇ ପୁଲିସର ଏକ ଟିମ୍ ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ସେହି ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଅଭିଯୁକ୍ତ ଜଣକ ଗ୍ରାହକଙ୍କୁ ବେଆଇନ ମଦ ବିକ୍ରି କରୁଥିବା ପୁଲିସ ଦେଖିବାକୁ ପାଇଥିଲା। ମଦ ବିକ୍ରି ସମ୍ପର୍କରେ ପୁଲିସ ପଚରାଉଚରା କରିବାରୁ ଅଭିଯୁକ୍ତ କୌଣସି ବୈଧ ଲାଇସେନ୍ସ କିମ୍ବା ଆନୁଷଙ୍ଗିକ କାଗଜପତ୍ର ଦେଖାଇପାରି ନ ଥିଲେ। ଏହାପରେ ପୁଲିସ ସାକ୍ଷୀଙ୍କ ସମ୍ମୁଖରେ ୮ଟି ପ୍ଲାଷ୍ଟିକ୍ ବସ୍ତାରେ ରଖାଯାଇଥିବା ପ୍ରାୟ ୪୦୦ ଲିଟର ବେଆଇନ ଦେଶୀ ମଦ ସହ ୧୫ଟି ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ୍ ଗ୍ଲାସ୍ ଜବତ କରିଛି। ଏହା ସହିତ ଲ୍ୟାବ୍ ପରୀକ୍ଷା ପାଇଁ ମଦର ନମୁନା ମଧ୍ୟ ସଂଗ୍ରହ କରାଯାଇଛି। ସେହିପରି ବୁଧବାର ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଚୋରା ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଏ ସମ୍ପର୍କରେ ସେ ଥାନା କେସ୍ ନଂ୨୩୪/୨୬ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଥାନାଧିକାରୀ ବିଟିପୁରସ୍ଥିତ ଧୋବାସାହିରେ ଅତର୍କିତ ଚଢ଼ଉ କରିଥିଲେ। ୮.୭୩୦ ଲିଟର ବିଦେଶୀ ମଦ ଜବତ ହେବା ସହ ଏଥିରେ ସମ୍ପୃକ୍ତ ଦିପୁନ ସେଠୀଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଶ୍ରୀ ସେଠୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।

ପୋଖରୀରୁ ଚିଙ୍ଗୁଡ଼ି ଚୋରି କରି ୨ ଗିରଫ

ଆରଡ଼ି,୨୮।୧୦(ସମିସ): ଧୂଷୁରୀ ଥାନା ଅଧୀନସ୍ଥ ବାବା ଆଖଣ୍ଡଳମଣି ପୀଠ ନିକଟସ୍ଥ ପହଣା ମୌଜାରେ ଗୁଆଁଳ ଧାମରା ନିବାସୀ ମଙ୍ଗରାଜ ବାରିକ ପୋଖରୀ ଲିଜ୍ ନେଇ ଚିଙ୍ଗୁଡ଼ି ଚାଷ କରି ଆସୁଛନ୍ତି। ଆରଡ଼ି ଫାଣ୍ଡିଠାରୁ ଅନତି ଦୂରରେ ଅବସ୍ଥିତ ଏହି ପୋଖରୀରେ ଶ୍ରୀ ବାରିକ ୬ ବର୍ଷ ଧରି ମାଛ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି। ଆଜକୁ ୧୫ ଦିନ ହେବ ତାଙ୍କ ପୋଖରୀରେ ମାଛ ଚୋରି ହେଉଥିବାର ସେ ଜାଣିବାକୁ ପାଇଲେ। ଗତ ରବିବାର ସକାଳୁ ସେ ପୋଖରୀ ହୁଡ଼ାରେ ବୁଲିବା ବେଳେ ହୁଡ଼ା ଉପରେ ମାଛ ପଡ଼ିଥିବାର ଦେଖିବାକୁ ପାଇବା ପରେ ତାଙ୍କର ସନ୍ଦେହ ବୃଦ୍ଧି ପାଇଲା। ସେ ଓ ତାଙ୍କ କର୍ମଚାରୀ ରବିବାରଠାରୁ ରାତିରେ ଜଗିବା ଆରମ୍ଭ କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧୨ଟା ୪୫ରେ ୩ ଜଣ ବ୍ୟକ୍ତି ଏକ ଜାଲ ନେଇ ପୋଖରୀରେ ପକେଇବା ବେଳେ ସେ ଓ ତାଙ୍କ କର୍ମଚାରୀ ଦୁଇ ଜଣଙ୍କୁ ଧରିବା ପାଇଁ ସକ୍ଷମ ହୋଇଥିବାବେଳେ ଆଉ ଜଣେ ଖସି ପଳେଇଛି। ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତି ଦୁଇ ଜଣଙ୍କୁ ଫାଣ୍ଡିରେ ଜିମା ଦେବା ସହିତ ଲିଖିତ ଏତଲା ଦେଲା ପରେ ଧୂଷୁରୀ ଥାନା ପକ୍ଷରୁ ୩ ଜଣ ଅଭିଯୁକ୍ତଙ୍କ ନାମରେ କେସ୍ ନମ୍ବର ୪୭୩ରେ ଏକ ମୋକଦ୍ଦମା ରୁଜୁ କରି ଅଭିଯୁକ୍ତ ନିର୍ମଳ ସାହୁ ଓ ସନ୍ତୋଷ ବାରିକଙ୍କୁ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୩(୨) ଓ ୩(୫) ଆଧାରରେ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିବାର ସୂଚନା ତଦନ୍ତକାରୀ ଅଧିକାରୀ ବିନୟ ପାତ୍ର ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତଙ୍କ କହିବା ମୁତାବକ ଅନ୍ୟ ଜଣେ ଅଭିଯୁକ୍ତ ମିଳନ ମାଝୀକୁ ପୁଲିସ ଖୋଜୁଛି।

ତିହିଡ଼ିରେ ପ୍ରସ୍ତାବିତ ମଦ ଦୋକାନକୁ ନେଇ ତୀବ୍ର ଜନଅସନ୍ତୋଷ

ବନ୍ୟା ପୀଡ଼ିତଙ୍କୁ ଦେଲେନି ମୁଠେ ଚାଉଳ; ବାର୍ ଖୋଲିବାକୁ ମସୁଧା

ତିହିଡ଼ି,୨୮।୧୦(ସମିସ): ତିହିଡ଼ି ଏନ୍‌ଏସି ଅଧୀନ ମଙ୍ଗରାଜପୁର ଛକ ନିକଟରେ ଏକ ନୂତନ ମଦ ବାର୍ ଖୋଲିବା ପାଇଁ ପ୍ରସ୍ତାବ ଅନୁମୋଦନ ହେବା ପରେ ଅଞ୍ଚଳରେ ତୀବ୍ର ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ପ୍ରସ୍ତାବିତ ମଦ ବାର୍ ଅନୁମୋଦନ ପାଇଁ ସମସ୍ତ ସରକାରୀ ଗାଇଡ୍‌ଲାଇନ୍‌କୁ ଜଳାଞ୍ଜଳି ଦେଇ ଖୋଲାଯିବାକୁ ଉଦ୍ୟମ କରାଯାଉଛି। ତାହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନସାଧାରଣଙ୍କ କହିବା ଅନୁଯାୟୀ, ପ୍ରସ୍ତାବିତ ମଦବାର୍ ଅଳ୍ପ ଦୂରରେ ଏକ ସ୍କୁଲ, ଶନି ମନ୍ଦିର, ଦୁର୍ଗା ମନ୍ଦିର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ବାଲେଶ୍ୱର ସମବାୟ ବ୍ୟାଙ୍କ ରହିଛି। ଏହା ବ୍ୟତୀତ ତିହିଡ଼ି ମହାବିଦ୍ୟାଳୟ ମଧ୍ୟ ଅବସ୍ଥିତ। ଏହି ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ଶହଶହ ଛାତ୍ରଛାତ୍ରୀ କଲେଜ ଓ ସ୍କୁଲକୁ ଯାତାୟାତ କରନ୍ତି। ଏଠାରେ ମଦ ବାର୍ ଖୋଲିଲେ ମଦ୍ୟପଙ୍କ ପ୍ରାଦୁର୍ଭାବ ବୃଦ୍ଧିପାଇବ, ଯାହା ଦ୍ୱାରା କୋମଳମତି ଛାତ୍ରଛାତ୍ରୀମାନେ ଅସଭ୍ୟ ଭାଷା ଶୁଣିବା ସହ ସ୍ଥାନୀୟ ପରିବେଶ ସମ୍ପୂର୍ଣ୍ଣ କଳୁଷିତ ହେବାର ଆଶଙ୍କା ରହିଛି। ଏହି ଗମ୍ଭୀର ସମସ୍ୟାକୁ ନେଇ ତିହିଡ଼ି ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସ ନିଜେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଉଛି ଯେ, ଏନ୍‌ଏସିର ବନ୍ୟା ପୀଡ଼ିତଙ୍କୁ ସରକାରଙ୍କ ପକ୍ଷରୁ ଚାଉଳ ମୁଠେ ଦିଆଯାଇ ନ ଥିବାବେଳେ ସର୍ବସାଧାରଣ ସ୍ଥାନରେ ମଦ ବାର୍ ଖୋଲିବାକୁ କିପରି ଅନୁମତି ମିଳିଲା। ଏହି ହୀନ ଚକ୍ରାନ୍ତ ପଛରେ କାହାର ହାତ ଅଛି? ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଭାବେ ଅସନ୍ତୋଷ ପ୍ରକାଶ ପାଇଛି।

ସେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଭଦ୍ରକ ଜିଲ୍ଲାପାଳ, ଅବକାରୀ କମିଶନର, ସଚିବ ଏବଂ ଭଦ୍ରକ ଅବକାରୀ ଅଧୀକ୍ଷକ, ତିହିଡ଼ି ଆଇଆଇସିଙ୍କୁ ଚିଠି ଲେଖି ଦୃଢ଼ ପ୍ରତିବାଦ ଜଣାଇଛନ୍ତି। ଏହା ସହିତ ରାଜନଗରଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ଏହି ମଦ ବାର୍ ଅନୁମୋଦନକୁ ବାତିଲ୍ ପାଇଁ ମହିଳା ଏସ୍‌ଏଚ୍‌ଜି ପକ୍ଷରୁ ଲିଖିତ ଭାବେ ଦାବି କରାଯାଇଛି। ଏହି ପ୍ରସ୍ତାବିତ ମଦ ବାର୍‌କୁ ଅଞ୍ଚଳର ବହୁ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ଦୃଢ଼ ବିରୋଧ କରିଛନ୍ତି। ବିଶେଷ କରି ତିହିଡ଼ି ଯୁବମଞ୍ଚ, ଜୀବନଜ୍ୟୋତି ସଂଗଠନ, ଉତ୍କଳମଣୀ ସେବା ସଂଘ ଏବଂ ସମାଜସେବୀ କୁମାର ଗଙ୍ଗାଧର, ତ୍ରିଲୋଚନ ମହାଳିକ ପ୍ରମୁଖ ଏହାକୁ ତୀବ୍ର ପ୍ରତିବାଦ ଜଣାଇଛନ୍ତି। ସେମାନଙ୍କ କହିବା କଥା, ଯଦି ମଦ ବାର୍ ଖୋଲିବାର ଅଛି, ତେବେ ସରକାରୀ ଗାଇଡ୍‌ଲାଇନ୍ ଅନୁଯାୟୀ କୌଣସି ଖାଲି କିମ୍ବା ନିର୍ଜନ ଅଞ୍ଚଳରେ ଖୋଲାଯାଉ। ଯାହାଦ୍ୱାରା ସାଧାରଣ ଲୋକଙ୍କ ଶାନ୍ତିପୂର୍ଣ୍ଣ ଜୀବନଯାପନରେ କୌଣସି ଆଞ୍ଚ ଆସିବନାହିଁ। ସାଧାରଣ ଲୋକେ ଆକ୍ରୋଶର ସହ ଅଭିଯୋଗ କରିଛନ୍ତି ଯେ, ବିଗତ ଦିନରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାବେଳେ ତିହିଡ଼ି ଏନ୍‌ଏସି ବାସିନ୍ଦାଙ୍କୁ ମୁଠାଏ ଚାଉଳ ମଧ୍ୟ ଯୋଗାଇ ଦିଆଗଲା ନାହିଁ। ଏନ୍‌ଏସି ଅଧୀନରେ ଥିବା ଲୋକଙ୍କୁ ଚାଉଳ ମିଳିବ ନାହିଁ ବୋଲି ଏନ୍‌ଏସି ଅଧକ୍ଷ ଦାୟିତ୍ୱରେ ଥିବା ତଥା ତିହିଡ଼ି ବିଡିଓଙ୍କ ପକ୍ଷରୁ ରୋକ୍‌ଠୋକ୍ ମନା କରିଦିଆଯାଇଥିଲା। କାହା ଚାପରେ ପ୍ରଶାସନ ଏଠାରେ ମଦ ବାର୍ ଖୋଲିବା ପାଇଁ ଭିନ୍ନ ଭିନ୍ନ ଉପାୟରେ ଚକ୍ରାନ୍ତ ଚଳାଇଛି ବୋଲି ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଯଦି ପ୍ରଶାସନ ଏହି ପ୍ରସ୍ତାବିତ ମଦ ବାର୍‌କୁ ତୁରନ୍ତ ବାତିଲ୍ ନ କରେ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ଏବଂ ବାଧ ହୋଇ ସମସ୍ତ ସାମାଜିକ ସଂଗଠନ, ସମାଜସେବୀ ଓ ବୁଦ୍ଧିଜୀବୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ଦୋଳପଦୀ ଗ୍ରାମରେ ୩୭ ବର୍ଷରେ ଗଜଲକ୍ଷ୍ମୀ ପୂଜା

ବନ୍ତ/ଆଗରପଡ଼ା,୨୮।୧୦(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ଅନ୍ତର୍ଗତ ଦୋଳପଦୀ ଗ୍ରାମରେ ଚଳିତ ବର୍ଷ ୩୭ତମ ବାର୍ଷିକ ଗଜଲକ୍ଷ୍ମୀ ସମେତ ପାର୍ଶ୍ୱଦେବଦେବୀଙ୍କ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମରେ ଭକ୍ତିମୟ ଓ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ପୂଜା ପ୍ରାରମ୍ଭରେ ଗ୍ରାମ୍ୟ ପୁଷ୍କରିଣୀରୁ ୫ଟି କଳସ ଉତ୍ତୋଳନ କରାଯାଇ ଶୋଭାଯାତ୍ରାରେ ପୂଜାମଣ୍ଡପକୁ ଅଣାଯାଇଥିଲା। ପରେ ବିଧିବିଧାନ ଅନୁଯାୟୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପୂଜକ ଶାନ୍ତନୁ ନନ୍ଦ ଓ ସଞ୍ଜୟ କୁମାର ନନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମୂର୍ତ୍ତି କାରିଗର ନୀଳମଣି ବେହେରା ଏ ବର୍ଷର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଛନ୍ତି। ପୂଜା କମିଟି ସଭାପତି ଅଶୋକ କୁମାର ଦାସ ଓ ସମ୍ପାଦକ ଶିବାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ପୂଜାର ସମସ୍ତ ଆୟୋଜନ କରାଯାଇଛି। ଏଥିରେ ପ୍ରତାପ ଦାସ, ନାରାୟଣ ଦାସ, ପ୍ରମୋଦ ଦାସ, ଅକ୍ଷୟ ଗିରି, ସଞ୍ଜୟ ଗିରି, ବିଜୟ ଗିରି, ପ୍ରଶାନ୍ତ ବେହେରା, ଦୀପକ ଦାସ, ଚିତ୍ତରଞ୍ଜନ ଦାସ, ରାଜକିଶୋର ଗିରି, ମୁରଲୀ ଦାସ, ପରମାନନ୍ଦ ଦାସ, ପୁରୁଷୋତ୍ତମ ପାଳ, ସୁରେନ୍ଦ୍ର ପାଳ, ବିଶ୍ୱନାଥ ଦାସ, ପରେଶ ବେହେରା ଓ ମାନସ ଦାସଙ୍କ ସମେତ ଗ୍ରାମର ଅନ୍ୟ ସଦସ୍ୟମାନେ ସହଯୋଗ କରିଛନ୍ତି। ପୂଜା ଅବସରରେ ପ୍ରତିଦିନ ନାମୀଦାମୀ କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଆୟୋଜନ କରାଯାଉଛି। ଏଥିସହ ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ଓ ସେଲ୍ଫି ପଏଣ୍ଟ ଉତ୍ସବର ଆକର୍ଷଣ ବୃଦ୍ଧି କରିଛି। ଦୀର୍ଘ ୩୭ ବର୍ଷ ଧରି ଗ୍ରାମରେ ଏହି ପୂଜା ପାଳିତ ହୋଇଆସୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପରିଲକ୍ଷିତ ହୋଇଛି।

ଧାନରେ ରୋଗ ପୋକ, ଚାଷୀ ମୁଣ୍ଡରେ ଚଡ଼କ

ବଡସାହି,୨୮ ।୧୦(ସମିସ)

ଚଳିତ ବର୍ଷ ବଡସାହି ବ୍ଲକ୍‌ରେ ରୋଗ ପୋକ ଦମନ ପାଇଁ ଚାଷୀ ନାକେଦମ ହେଲେଣି । ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ବ୍ୟାଙ୍କ, ସମବାୟସମିତି ଓ ସାହୁକାରଙ୍କ ଠାରୁ ହାତ ଉଧାରି କରି ବହୁ କଷ୍ଟରେ ଚାଷ କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ଏହି ରୋଗ ପୋକ ଚାଷୀ ମାନଙ୍କର ଅଣ୍ଟା ଭାଙ୍ଗିଦେଇଛି । ଫଳରେ ଚାଷୀ ଧାନ ଅମଳକୁ ନେଇ ହତାଶ ହୋଇପଡ଼ିଛି । ଖଳା ଖାଲି ପଡ଼ିବାର ସମ୍ଭାବନା ସୃଷ୍ଟି ହୋଇଛି । ସେହିପରି ବିଲ ଫାଟିବାକୁ ବସିଥିବାବେଳେ ଲଘୁଚାପ ବର୍ଷା ଚାଷୀଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି । ବ୍ଲକର ଦେଉଳିଆ, ପଟିସାରୀ, ଭୀମଦା, ମାଣତ୍ରୀ, ମାନଗୋବିନ୍ଦପୁର, ଶାଳଗାଁ, ଚନ୍ଦନପୁର ଓ କୋଟିଳାଖୁଂଟା ଆଦି ପଂଚାୟତରେ ଧାନଗଛରେ ମାଟିଆଗୁଣ୍ଡି ଓ ଚକଡ଼ା ପୋକ ଲାଗିବା ଆରମ୍ଭ ହୋଇଛି । ଏହାକୁ ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି ।

ଚଳିତ ବର୍ଷ ଧାନ ଭଲ ହୋଇଥିଲେ ହେଁ ଏହି ରୋଗ ପୋକ ସେମାନଙ୍କର ସବୁ ଆଶାକୁ ଧୂଳିସାତ କରି ଦେବ ବୋଲି ଦେଉଳିଆର ଜଣେ ଚାଷୀ ଅଜିତ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ବଡସାହି ବ୍ଲକ୍ କୃଷି ଅଧିକାର ରଙ୍ଗନାଥ ପାତ୍ର ମଧ୍ୟ କିଛି ଅଂଚଳରେ ଏହି ରୋଗ ଲାଗିବା ରିର୍ପୋଟ ଆସିଥିବାର ପ୍ରକାଶ କରିଛନ୍ତି । ସେଥିପାଇଁ ବିଭାଗ ମଧ୍ୟ ପଦକ୍ଷେପ ନେବା ଆରମ୍ଭ କରିଛି । ଗ୍ରାମ୍ୟ କୃଷି କର୍ମଚାରୀମାନେ ସମ୍ପୃକ୍ତ ଅଞ୍ଚଳକୁ ପରିଦର୍ଶନରେ ଯାଇ ଏହି ରୋଗର ନିରାକରଣ ପାଇଁ ଚାଷୀମାନଙ୍କୁ ସଚେତନ କରିବା ପାଇଁ ପରାମର୍ଶ ଦେଇଥିବାର ସେ କହିଛନ୍ତି । ଗତ କିଛିଦିନ ତଳେ ବାରମ୍ବାର ହୋଇଥିବା ଲଘୁଚାପ ବର୍ଷା, ବନ୍ୟା ଓ ବର୍ଷା ପରେ ବାୟୁ ମଣ୍ଡଳର ଆର୍ଦ୍ରତାକୁ ନେଇ ଏପରି ହେଉଥିବା ଜଣାଯାଇଛି । ଏହି ପୋକ ଲାଗିବା ମାତ୍ରେ ବହୁ ଶୀଘ୍ର ଏକର ଏକର ଜମିକୁ ମାଡି ଯାଉଛି । ଫଳରେ ମୂଳ ପଚିଯାଇ ଗଛ ଗୁଡିକ ନଷ୍ଟ ହୋଇ ଯାଉଥିବାର ଚାଷୀ ମନୋରଂଜନ ଲେଙ୍କା ପ୍ରକାଶ କରିଛନ୍ତି । ଯାହାକୁ ନେଇ ସମସ୍ୟା ଦ୍ୱିଗୁଣିତ ହୋଇଛି । ଏହି ରୋଗ ମଧ୍ୟ ନୂଆ ପ୍ରକାର ଲାଗୁ ଥିବାର କେତେକ ଚାଷୀ ପ୍ରକାଶ କରିଛନ୍ତି । କିଏ ମାଟିଆଗୁଣ୍ଡି ପୋକ କହୁଥିବା ବେଳେ କିଏ ଚକଡା, କାଣ୍ଡବିନ୍ଧା ଓ ଗନ୍ଧିପୋକ ବୋଲି ମଧ୍ୟ କହୁଛନ୍ତି । ଧାନରେ ପତ୍ରମୋଡା ଓ ନଳୀ ପୋକର ପରିଚାଳନା ପାଇଁ ହେକ୍ଟର ପ୍ରତି ୨୦୦ମିଲି କ୍ଲୋରାନଟ୍ରାନିଲିପ୍ରୋଲକୁ ୫୦୦ ଲିଟର ପାଣିରେ ମିଶାଇ ସିଂଚନ କରିବାକୁ ଏବଂ ଚକଡା ପାଇଁ ୩୦ଗ୍ରାମ ବୁପ୍ରୋଫେଜିନ ଓ ଆସେଫେଟ୍ କିମ୍ବା ୫ଗ୍ରାମ ଡାଇନୋଟେଫୁରାନ ପ୍ରତି ୧୫ଲିଟର ପାଣିରେ ମିଶାଇ ସିଂଚନ କରିବାକୁ କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିବାର ଜଣାଯାଇଛି । ଏତଦବାଦ ଏହି ସମୟରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ ନ କରି କ୍ଷେତରେ ପାଣି ନିଷ୍କାସନ ଓ ପାଣି ଭରିବା ଉପରେ ଗୁରୁତ୍ୱ ଦେବା ଓ କ୍ଷେତରେ ଯେପରି ସୂର୍ଯ୍ୟକିରଣ ପଡିବ ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି । ସମସ୍ତ ପ୍ରକାର କୀଟନାଶକ ଓ ସ୍ପ୍ରେ ମେସିନ ସ୍ୱୀକୃତିପ୍ରାପ୍ତ ଦୋକାନ, ଲ୍ୟାମ୍ପ ଓ କୃଷି କାର୍ଯ୍ୟାଳୟରେ ୫୦% ରିହାତିରେ ମିଳୁଥିବାରୁ ଏହା ସଂଗ୍ରହ କରି ତୁରନ୍ତ ସିଂଚନ କରିବାକୁ କହିଛନ୍ତି । କେତେକ ସ୍ଥାନରେ କୀଟନାଶକ ସିଂଚନ ପରେ ମଧ୍ୟ କିଛି ଲାଭ ହେଉ ନ ଥିବାର ଚାଷୀ ମାନେ କହୁଛନ୍ତି । ସେହିପରି ୩ଟି ଲ୍ୟାମ୍ପ ମାଧ୍ୟମରେ ଚାଷୀ ମାନଙ୍କୁ ସାର ବିକ୍ରୟ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ସାରର ଦରବୃଦ୍ଧିକୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେଣୁ ଉଚ୍ଚ ପଦସ୍ଥ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

■ ଅଧ୍ୟାପକଙ୍କ ଉପରେ ଅଧ୍ୟାପିକାଙ୍କ ମଇଳା ପାଣି ଢାଳିବା ଘଟଣା

ଯାନ୍ତ୍ରିକ ବିଦ୍ୟାଳୟର ୩ ଅଧ୍ୟାପକ ନିଲମ୍ବିତ

'ସକାଳ' ପ୍ରଭାବ

ବ୍ୟାସନଗର,୨୮ ।୧୦(ସମିସ): ଦୁଇ ଅଧ୍ୟାପକଙ୍କ ଭିତରେ ବିବାଦ ହେବା ଏବଂ ବରିଷ୍ଠ ଅଧ୍ୟାପକଙ୍କ ଉପରେ ଛାତ୍ରଙ୍କ ସମ୍ମୁଖରେ ଅଧ୍ୟାପିକା ମଇଳା ପାଣି ଢାଳିବା ଘଟଣାରେ ରାଜ୍ୟ ସରକାର କଠୋର ପଦକ୍ଷେପ ନେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ୩ ଅଧ୍ୟାପକ/ ଅଧ୍ୟାପିକାଙ୍କୁ ନିଲମ୍ବନ କରାଯାଇଛି ।

ସୂଚନା ଅନୁଯାୟୀ, ଯାଜପୁର ସରକାରୀ ଯାନ୍ତ୍ରିକ ବିଦ୍ୟାଳୟରେ ଇଲେକ୍ଟ୍ରିକାଲ୍ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ ନୃସିଂହ ବେହେରା ଏବଂ ବିଭାଗୀୟ ଅଧ୍ୟାପକ ସନ୍ଦୀପ ମହାପାତ୍ରଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ ତିକ୍ତତା ରହିଥିବ ଏବଂ ପରେ ମାରପିଟ ଯାଏଁ କଥା ଯାଇଥିଲା । ତେବେ ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ କୋରେଇ ଥାନାରେ ଅଭିଯୋଗ ଦାଖଲ ହୋଇଥିବା ବେଳେ ସେହି କଲେଜର ମେଟାଲୋଜି ବିଭାଗର ଅଧ୍ୟାପିକ ଭାବେ କାର୍ଯ୍ୟରତ ଅଧ୍ୟାପକ ସନ୍ଦୀପ ମହାପାତ୍ରଙ୍କ ପତ୍ନୀ ପି. ଆରାଧନା ଗତ ଅକ୍ଟୋବର ୧୫ ତାରିଖରେ ହଠାତ୍ କଲେଜ ଛାତ୍ରଙ୍କୁ ଏକତ୍ରୀତ କରି ଛାତ୍ରାବାସ ପାଇଖାନାରୁ ମଇଳା ପାଣି ଆଣି କଲେଜ ପରିସରରେ ଯାଉଥିବା ଇଲେକ୍ଟ୍ରିକାଲ୍ ବିଭାଗ ମୁଖ୍ୟ ନୃସିଂହ ବେହେରାଙ୍କ ଉପରେ ଢାଳିଦେଇଥିଲେ । ଯାହାକୁ ଦେଖି ସେଠାରେ ପାଠ ପଢୁଥିବା ପିଲାମାନେ କରତାଳି ଓ କମେଣ୍ଟ ମାରିବା ସହ ଘଟୁଥିବା ଅପ୍ରୀତିକର ପରିସ୍ଥିତିର ମଜା ନେଇଥିଲେ । ଯାହା କଲେଜରେ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏନେଇ ଦୈନିକ 'ସକାଳ'ରେ ଖବର ପ୍ରସାରଣ ପରେ ପରଦିନ ୧୬ ତାରିଖରେ କଲେଜକୁ ଡିଟିଇଟି (ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ଓଡିଶା) ଟିମ୍ ତଦନ୍ତ ପାଇଁ ମଧ୍ୟ ପହଞ୍ଚିଥିଲେ । ତେବେ ଏନେଇ ଖବର ପ୍ରସାରଣ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ସମ୍ପୃକ୍ତ ୩ ଅଧ୍ୟାପକ/ଅଧ୍ୟାପିକାଙ୍କୁ ତୁରନ୍ତ ନିଲମ୍ବନ ନେଇ ଆଦେଶ ଦେଇଥିଲେ । ତେବେ ନିଲମ୍ବନ ପରେ ସମ୍ପୃକ୍ତ ଅଧ୍ୟାପକ/ଅଧ୍ୟାପିକା କେଉଁ ଠାରେ ରିପୋର୍ଟ କରିବେ ସେନେଇ ଖବର ପ୍ରକାଶ ପାଇବା ସୁଦ୍ଧା ଆମକୁ କିଛି ଚିଠି ମିଳିନଥିବା କଲେଜ ଅଧ୍ୟକ୍ଷ ଅଭୟ ମଲିକ ସୂଚନା ଦେଇଛନ୍ତି ।

ଘୋଷଣାରେ ଅଟକିଛି ଇ-ବସ୍ ସେବା

ପିଆର୍‌ଏମ୍ ମେଡିକାଲ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ରୋଗୀ ନିରାଶ

ବାରିପଦା,୨୮ ।୧୦(ସମିସ): ସହରାଞ୍ଚଳରେ ଯାତାୟାତ ସୁବିଧା ଏବଂ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଲକ୍ଷ୍ୟରେ ରାଜ୍ୟ ସରକାର ଇ-ବସ୍ ଚଳାଚଳ ଲାଗି ଘୋଷଣା କରିଥିଲେ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲା ସଦର

ମହକୁମା ବାରିପଦାରେ ତାହା କେବଳ ପ୍ରତିଶ୍ରୁତିରେ ହିଁ ସୀମିତ ରହିଛି । କ୍ୟାବିନେଟ୍ ଅନୁମୋଦନର ବର୍ଷକ ପରେ ମଧ୍ୟ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରି ନ ଥିବାରୁ ଜନସାଧାରଣ ତଥା ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୨୦୦ଟି ଇ-ବସ୍ ଚଳାଚଳ ଲାଗି ନିଷ୍ପତ୍ତି ନିଆଯାଇଥିଲା । ଏଥିସହ ରକ୍ଷଣାବେକ୍ଷଣ ଓ ମିଡି ଇଲେକ୍ଟ୍ରିକ୍ ବସ୍ ପରିଚାଳନା ନିମନ୍ତେ ୮୨୨.୫୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଥିଲା । ଏହି ପର୍ଯ୍ୟାୟରେ କେନ୍ଦୁଝର ଓ ବାରିପଦା ପାଇଁ ୨୫ଟି ଲେଖାଏଁ ଏବଂ ବ୍ରହ୍ମପୁର ପାଇଁ ୪୦ଟି ବସ୍ ଯୋଗାଇ ଦେବାକୁ ସ୍ଥିର ହୋଇଥିଲା । ତେବେ ବର୍ଷେ ବିତିଯାଇଥିଲେ ହେଁ ବାରିପଦାରେ ଏହି ସେବା ଆରମ୍ଭ ହୋଇପାରି ନାହିଁ । ଫଳରେ ସହରର ମୁଖ୍ୟସ୍ଥଳରୁ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ୍) ମେଡିକାଲ କଲେଜ ଓ ହସ୍ପିଟାଲକୁ ଯାଉଥିବା ରୋଗୀ, ତାଙ୍କ ସମ୍ପର୍କୀୟ ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ଦୈନନ୍ଦିନ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସହରଠାରୁ ୮ କିଲୋମିଟର ଦୂର ମେଡିକାଲ ଏବଂ ୪ କିଲୋମିଟର ଦୂର ବିଶ୍ୱବିଦ୍ୟାଳୟ ଯିବାକୁ ଉଚିତ ପରିବହନ ସୁବିଧା ନ ଥିବାରୁ ଲୋକେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ସରକାରଙ୍କ ଏଭଳି ଉଦାସୀନତାକୁ ନେଇ ସ୍ଥାନୀୟ ଛାତ୍ର ସଂଗଠନ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି । ଏହା ସରକାରଙ୍କ 'ବିଜେପିର ମିଛ ପ୍ରତିଶ୍ରୁତି' ବୋଲି ଛାତ୍ରନେତା ଅଭିଯୋଗ ଆଣିଛନ୍ତି । ଅନ୍ୟପକ୍ଷରେ ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ପ୍ରଶାନ୍ତ ପରିଡ଼ାଙ୍କୁ ଯୋଗାଯୋଗ କରାଯିବାରୁ ଇ-ବସ୍ ଚଳାଚଳ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା କହିଛନ୍ତି । ସେହିପରି ବାରିପଦା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରକାଶ କରିଛନ୍ତି ଯେ, ଇ-ବସ୍ ଚଳାଚଳ ପାଇଁ ଅନୁମୋଦନ ମିଳିଥିଲେ ହେଁ ଡିପୋ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ବା ଅନ୍ୟ କୌଣସି ଅଗ୍ରଗତି ହୋଇନାହିଁ । ଏହି ପ୍ରକଳ୍ପ କେବେ ଆରମ୍ଭ ହେବ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ । କେବଳ ଘୋଷଣାରେ ସୀମିତ ନ ରଖି ତୁରନ୍ତ ବାରିପଦାରେ ଇ-ବସ୍ ସେବା ଆରମ୍ଭ କରିବାକୁ ସହରବାସୀ ଦାବି କରିଛନ୍ତି ।

୧୨ ଲକ୍ଷର ଅନୁଦାନ ଥାଇ ବି ଅଟକିଛି ମନ୍ଦିର ନିର୍ମାଣ କାର୍ଯ୍ୟ

ବେତନଟୀ,୨୮ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଆଗ୍ରିଆ ଗ୍ରାପର ବଡଛୁରୁଣୀ ଏକ ପ୍ରଚୀନ ଐତିହ ସଂପନ୍ନ ଗ୍ରାମରେ ମୟୂରଭଞ୍ଜ ଗଡ଼ଜାତ ଭଞ୍ଜ ବଂଶର ରାଜା ମାନଙ୍କ ଶାସନ କାଳରେ ଦୁଇ ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରତିଷ୍ଠିତ ଶ୍ରୀଶ୍ରୀ ନୃସିଂହଜିଉଙ୍କ ମନ୍ଦିର ଓ ଅମରା ମଠ ପ୍ରତିଷ୍ଠା ଲାଭ କରିଥିଲା । ଏଥିସହିତ ରାଜା ଏହି ମନ୍ଦିର ଓ ମଠର ସେବା

ପୂଜାପର୍ବାଣୀ ସହିତ ନୀତିକାନ୍ତି ପାଇଁ ୨୫ ଏକରରୁ ଉର୍ଦ୍ଧ୍ୱ ଚାଷପୋଯୋଗୀ ଜମି ମଧ୍ୟ ଖଞ୍ଜି ଦେଇଥିଲେ । ଯାହା ପରବର୍ତ୍ତୀ ସମୟରେ ରାଜ ଶାସନର ଅବସାନ ପରେ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ପକ୍ଷରୁ ଟ୍ରଷ୍ଟ ଗଠନ କରାଯାଇ ମନ୍ଦିର ଓ ମଠ ର ରକ୍ଷଣାବେକ୍ଷଣ ଦାୟିତ୍ୱ ଟ୍ରଷ୍ଟ ଉପରେ ନ୍ୟସ୍ତ ଥିଲା । ମାତ୍ର ପରବର୍ତ୍ତୀ ସମୟରେ ଏହି ଟ୍ରଷ୍ଟର ଟ୍ରଷ୍ଟି ସଦସ୍ୟଙ୍କର ପର୍ଯ୍ୟାୟ କ୍ରମେ ମୃତ୍ୟୁ ଘଟିବା ପରେ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରୋଜିନାଲ ଟ୍ରଷ୍ଟ ଗଠନ କରାଯାଇ ଏବେ ଏହି ଟ୍ରଷ୍ଟ ଉପରେ ଠାକୁରଙ୍କ ସେବା ପୂଜା ପର୍ବପର୍ବାଣି ପାଳନ ପାଇଁ ନ୍ୟସ୍ତ କରାଯିବା ସହିତ ଟ୍ରଷ୍ଟ ପକ୍ଷରୁ ଏହି ପ୍ରଚୀନ ମନ୍ଦିରର ପୁନରୁଦ୍ଧାର ପାଇଁ ଲିଖିତ ଆବେଦନ କରାଯିବା ପରେ ପାଞ୍ଚଟି ସଚିବଙ୍କ ପକ୍ଷରୁ ଦଶ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯିବା ସହିତ ବେତନଟୀ ବ୍ଲକ୍ ଅଧକ୍ଷା ମଧ୍ୟ ଦୁଇଲକ୍ଷ ଟଙ୍କା ତାଙ୍କ ନିଜ ପକ୍ଷରୁ ପ୍ରଦାନ କରିଛନ୍ତି । ଏହି ପ୍ରାଚୀନ ମନ୍ଦିରଟିର ରକ୍ଷଣାବେକ୍ଷଣ ନ୍ୟସ୍ତ ହୋଇଥିବା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଗିରୀଶ ଚନ୍ଦ୍ର ବିଶ୍ୱାଳ ଏବଂ ଅନ୍ୟ ସଦସ୍ୟମାନଙ୍କ ପକ୍ଷରୁ ବେତନଟୀ ବିଡିଓଙ୍କ ଠାରେ ମନ୍ଦିରର ପୁନରୁଦ୍ଧାର ପାଇଁ ଅନୁଦାନ ଅର୍ଥ ବିନିଯୋଗ କରାଯିବାକୁ ଦାବି ଉପସ୍ଥାପନ କରାଯିବା ପରେ ଯଦିଓ ମନ୍ଦିରଟି ଭଙ୍ଗା ଯାଇ ଗ୍ରେଡ୍ ବିମ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କରାଯାଇଛି । ହେଲେ ଦୁଇ ବର୍ଷ ହେଲାଣି କାମ ସେହି ଠାରେ ଅଟକି ରହିବା ସହିତ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ନ ହେବା ପାଇଁ ବିଡିଓଙ୍କ ପକ୍ଷରୁ ଠାକୁରଙ୍କୁ ବାହାରକୁ କାଢ଼ି ଆଣି ଅସ୍ଥାୟୀ ଭାବେ ସ୍ଥାପନ କରିବାକୁ କୁହାଯାଇଥିଲା । ତଦନୁଯାୟୀ ଟ୍ରଷ୍ଟ ପକ୍ଷରୁ ଠାକୁରଙ୍କୁ ମନ୍ଦିର ସାମନାରେ ଅସ୍ଥାୟୀ ସେଡ ନିର୍ମାଣ କରାଯାଇ ଠାକୁରଙ୍କୁ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ତେବେ ଠାକୁର ଖରା ବର୍ଷାରେ ଅପରିଷ୍କାର ପରିବେଶରେ ପୂଜା ପାଉଥିଲେ ବି ନିର୍ମାଣ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ସରିପାରୁନାହିଁ । ଏହା ମଧ୍ୟରେ ଦୁଇ ରୁ ତିନି ଜଣ ବିଡିଓ ଏଠାରୁ ବିଭିନ୍ନ ସ୍ଥାନରେ ବଦଳି ହୋଇ ଯିବା ସହିତ ପ୍ଲାନ ଏଷ୍ଟିମେଟ ପ୍ରସ୍ତୁତ କରିଥିବା ଏବଂ ଯାହାଙ୍କ ତତ୍ତ୍ୱାବଧାନରେ ବେତନଟୀ ବ୍ଲକର ଡିପାର୍ଟମେଣ୍ଟାଲ କାମ ଭାବେ ଏହା ଆରମ୍ଭ କରାଯାଇଥିଲା ସେହି ନିର୍ଦ୍ଦିଷ୍ଟ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୌମ୍ୟାଶ୍ରୀ ଭୋଇଙ୍କର ଏଠାରୁ ଚାରି ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ବଦଳି ହୋଇ ନାହିଁ କି ଏହି ମନ୍ଦିର କାମର କାମ କିଛି ଅଗ୍ରଗତି ନ ହୋଇ ଗ୍ରେଡ ବିମ ପରେ ଅଟକି ରହିଯାଇଛି । ଅଥଚ ଏହି ଟ୍ରଷ୍ଟର ଗ୍ରାମବାସୀ ନଅ ଜଣ ସଦସ୍ୟ ଥିବା ବେଳେ ବେତନଟୀ ତହସିଲଦାର ଓ ବୈଶିଙ୍ଗା ଥାନା ଆଇଆଇସି ଟ୍ରଷ୍ଟି ସଦସ୍ୟ ମଧ୍ୟ ଅଛନ୍ତି । ଟ୍ରଷ୍ଟ ର ସଦସ୍ୟ ମାନେ ପ୍ରଶ୍ନ କରିଛନ୍ତି କି ଏହି ଦୁଇ ବର୍ଷ ମଧ୍ୟରେ ଏଇଇ ଅନ୍ୟ ଉନ୍ନୟନ ଓ ନିର୍ମାଣ କାର୍ଯ୍ୟ କରିଥିବା ବେଳେ କଣ ପାଇଁ ଏହି ନିର୍ଦ୍ଦିଷ୍ଟ ପ୍ରଚୀନ ମନ୍ଦିରର ନିର୍ମାଣ କାର୍ଯ୍ୟ କୁ ନ କରାଇ ସ୍ଥଗିତ କରି ରଖିଛନ୍ତି ଏହାର ଉତ୍ତର ଜିଲ୍ଲାପାଳ ଉପଜିଲ୍ଲାପାଳ ବାରିପଦା ବେତନଟୀ ବିଡିଓ ବା ଏଇଇ ନିଜେ ସନ୍ତୋଷଜନକ ଭାବେ ଲିଖିତ ଅଭିଯୋଗ ପରେ ଦେଇ ପାରି ନ ଥିବାରୁ ଟ୍ରଷ୍ଟ ପକ୍ଷରୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ଓଡ଼ିଶାର ରାଜ୍ୟପାଳ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଏ ବିଷୟରେ ଅବଗତ କରିଥିବା ଏଠାକାର ସମସ୍ତ ଗଣମାଧ୍ୟମ କୁ ଜଣାଇଛନ୍ତି ।

ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ସଭାପତିଙ୍କ ବିୟୋଗ

ଯୋଡ଼ା, ୨୮।୧୦ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳର ବିଲେଇପଦାଠାରେ ଥିବା ଆଞ୍ଚଳିକ ଟ୍ରକ ମାଲିକ ସଂଘର ସଭାପତି ମନୋଜ ମହାନ୍ତଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଆଜି ତାଙ୍କ ଦେହାନ୍ତ ଖବର ପ୍ରକାଶ ପାଇବା ପରେ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଟ୍ରକ ମାଲିକ ସଂଘର ସଦସ୍ୟଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ମନୋଜ ମହାନ୍ତ ଗତ କିଛି ଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ଥିଲେ । ତାଙ୍କ ଚିକିତ୍ସା ପାଇଁ ହାଇଦ୍ରାବାଦ ଯାଇଥିବା ବେଳେ ସେଠାରେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି । ତାଙ୍କ

ଅସୁସ୍ଥତା ସମ୍ପର୍କରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଜାଣିବା ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ହାଇଦ୍ରାବାଦ ପଠାଇଥିବା ବେଳେ ସାଥିରେ ଯୋଡ଼ା ଟ୍ରକ ମାଲିକ ସଙ୍ଘ ର ସମ୍ପାଦକ ରବି ନାରାୟଣ ଦାସ, ମାଇନିଂ ଏରିୟା ଟିପର ସଙ୍ଘ ର ସଭାପତି ଚତୁର୍ଭୁଜ ପଲେଇ ସାଙ୍ଗରେ ଯାଇଥିବା ଜଣାପଡିଛି । ମନୋଜ ମହାନ୍ତଙ୍କ ଅକାଳ ବିୟୋଗରେ ତାଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି । ଘରେ ତାଙ୍କ ପତ୍ନୀ ଓ ଏକ ଛୋଟ ଝିଅ ଥିବାବେଳେ ଏହି ଦୁଃଖଦ ଘଟଣା ପରିବାରକୁ ଅସହାୟ କରିଦେଇଛି । ତାଙ୍କ ବିୟୋଗରେ ପରିବାରବର୍ଗଙ୍କ ସହ ଅଞ୍ଚଳବାସୀ ମଧ୍ୟ ଗଭୀର ମର୍ମାହତ ହୋଇପଡ଼ିଛନ୍ତି । ଆଞ୍ଚଳିକ ଟ୍ରକ ମାଲିକ ସଂଘର ସଭାପତି ଭାବେ ମନୋଜ ମହାନ୍ତଙ୍କ ବିୟୋଗ ସଂଘ ଓ ଖଣି ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅଞ୍ଚଳରେ ଶୋକ ପ୍ରକାଶ ପାଇଛି ।

ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଓ ଆଗୁଆ କ୍ଷତିପୂରଣ ପ୍ରଦାନ ଉପରେ ଗୁରୁତ୍ୱ

ବାଲେଶ୍ୱର, ୨୮।୧୦ (ସମିସ): ଜଳେଶ୍ୱର ଅଞ୍ଚଳରେ ନାବାଳିକାଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ ସହ ଆଗୁଆ କ୍ଷତିପୂରଣ ଓ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଶୋଭନା ମହାନ୍ତି । ଆଜି ସେ ନିଜ ଟିମ୍ ସହ ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ବର୍ତ୍ତନା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲେ । ଏହା ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ଘଟଣାର ତଦନ୍ତ ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ଅପରାହ୍ନରେ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ମହାନ୍ତି ଘଟଣା ସମ୍ପର୍କରେ ବିଭିନ୍ନ ତଥ୍ୟ ରଖିଥିଲେ । ଘଟଣା ପରେ ପୀଡ଼ିତାଙ୍କ ପରିବାର ଭୟଭୀତ ଅବସ୍ଥାରେ ରହିଥିବା ସେ କହିଥିଲେ । ପରିବାରର ସୁରକ୍ଷା ସୁନିଶ୍ଚିତ କରିବା, ବର୍ତ୍ତନା ଗ୍ରାମରେ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବା, ତୁରନ୍ତ ପୋଷ୍ଟମର୍ଟମ ରିପୋର୍ଟ ପ୍ରଦାନ କରିବା ଏବଂ ଘଟଣାରେ ସମ୍ପୃକ୍ତ ଅନ୍ୟ ତିନି ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା ହୋଇଥିବା ସେ କହିଥିଲେ । ଏଥିସହ ଅଭିଯୁକ୍ତମାନଙ୍କ ବିରୋଧରେ ଇଲେକ୍ଟ୍ରୋନିକ୍ ପ୍ରମାଣ ସଂଗ୍ରହ ଓ ପୀଡ଼ିତାଙ୍କ ପରିବାରକୁ ଆଗୁଆ ଅନୁକମ୍ପାମୂଳକ ସହାୟତା ପ୍ରଦାନ ଉପରେ ମଧ୍ୟ ଆୟୋଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିବା ସେ ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଆୟୋଗର ସଦସ୍ୟା ପ୍ରତିଭା ଶତପଥୀ ଓ ଡିଏସ୍‌ପି ବିଜୟିନୀ ସିଂହ ଉପସ୍ଥିତ ଥିଲେ ।

୪ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ଅଭିଯୋଗ, ଅବସ୍ଥା ସଙ୍କଟାପନ୍ନ

ରାଇରଙ୍ଗପୁର,୨୮ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଜାମଦା ଥାନା ଅଞ୍ଚଳରେ ଜଣେ ୪ ବର୍ଷର ଆଦିବାସୀ ଶିଶୁକନ୍ୟାଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି । ଗତକାଲି ଅପରାହ୍ନ ପ୍ରାୟ ୪ଟା ସମୟରେ ଶିଶୁକନ୍ୟା ଜଣକ ଘର ନିକଟରେ ଖେଳୁଥିବାବେଳେ ବର୍ଷା ହୋଇଥିଲା । ଏହାର ସୁଯୋଗ ନେଇ ସେହି ଗ୍ରାମର ଜଣେ ଯୁବକ(ସମ୍ପର୍କୀୟ ମାମୁ) ଡାକି ନେଇ ଦୁଷ୍କର୍ମ କରିଥିଲା ବୋଲି ଅଭିଯୋଗ ହୋଇଛି । ଶିଶୁଟି କାନ୍ଦିକାନ୍ଦି ଘରକୁ ଫେରି ପରିବାର ଲୋକଙ୍କ ଆଗରେ ସମସ୍ତ କଥା ପ୍ରକାଶ କରିଥିଲା । ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାକୁ ତୁରନ୍ତ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତେବେ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ । ସମ୍ବେଦନଶୀଳ ଘଟଣା ପାଇଁ ପୁଲିସ ନିଜ ପକ୍ଷରୁ ତଦନ୍ତ ଆରମ୍ଭ କରିଛି ।

■ 'ଅର୍ଣ୍ଣବ' ମୁକାବିଲା ପାଇଁ ପ୍ରଶାସନ ତତ୍ପର

ଖୋଲିଲା ମାଗଣା ରନ୍ଧା ଖାଦ୍ୟ କେନ୍ଦ୍ର

ବାରିପଦା,୨୮ ।୧୦(ସମିସ): ଭୀଷଣ ବାତ୍ୟା "ଅର୍ଣ୍ଣବ'ର ପ୍ରଭାବକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟର ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ବୁଧବାର ସନ୍ଧ୍ୟାରୁ ଉଦଳା, ଖୁଣ୍ଟା ଏବଂ ଗୋପବନ୍ଧୁନଗର ବ୍ଲକର ବିପଦପୂର୍ଣ୍ଣ ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ଆଶ୍ରୟସ୍ଥଳୀଗୁଡ଼ିକରେ ଲୋକଙ୍କ ପାଇଁ ମାଗଣା ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ପ୍ରଶାସନର ସୂଚନା ମୁତାବକ, ମଙ୍ଗଳବାରଠାରୁ ଜିଲ୍ଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବିକ୍ଷିପ୍ତ ବର୍ଷା ଲାଗି ରହିଛି । ତେବେ ବର୍ତ୍ତମାନ ସୁଦ୍ଧା ବାତ୍ୟା ଯୋଗୁଁ ଜିଲ୍ଲାର କୌଣସି ସ୍ଥାନରେ କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି । ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ନଜର ରଖିଛି ଏବଂ ଜନସାଧାରଣଙ୍କୁ ଆତଙ୍କିତ ନହୋଇ ପ୍ରଶାସନକୁ କରିବାକୁ ନିବେଦନ କରାଯାଇଛି ।

ଲକ୍ଷ୍ମୀନାରାୟଣ ମଣ୍ଡପ ଉଦ୍‌ଘାଟନ କଲେ ସାଂସଦ

ବନ୍ତ/ଆଗରପଡ଼ା,୨୮ ।୧୦(ସମିସ): ଗଜଲକ୍ଷ୍ମୀ ପୂଜା ଅବସରରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ପୂଜାମଣ୍ଡପ ପରିଦର୍ଶନ କରିଛନ୍ତି ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ । ଏହି ଅବସରରେ ସେ ବିଭିନ୍ନ ମଣ୍ଡପରେ ମା' ଲକ୍ଷ୍ମୀନାରାୟଣଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଏଥିସହ

ଦୋଳପଦୀ ଗ୍ରାମସ୍ଥିତ ଲକ୍ଷ୍ମୀନାରାୟଣ ପୂଜା ମଣ୍ଡପକୁ ସେ ଉଦ୍‌ଘାଟନ କରିଥିଲେ । ଭଦ୍ରକ ସାଂସଦ ଶ୍ରୀ ସେଠୀ ବନ୍ତ ବ୍ଲକ୍‌ର ଛୟାଳସିଂହ ପଞ୍ଚାୟତର ଗୋପାଳପୁର, ଗଣ୍ଡକୋରା, ଦୋଳପଦୀ, ବରହମପୁର, ଛୟାଳସିଂହ, ପଳସା ଓ ଗଣିଜାଙ୍ଗ ପଞ୍ଚାୟତର ତରଡ଼ିପାଳ, ବିନାୟକପୁର ଓ ଇଚ୍ଛାପୁର ଆଦି ଗ୍ରାମର ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କରିଥିଲେ । ଦୋଳପଦୀ ଗ୍ରାମରେ ଲକ୍ଷ୍ମୀନାରାୟଣ ମଣ୍ଡପ ଉଦ୍‌ଘାଟନ ଅବସରରେ ଭଦ୍ରକ ସାଂସଦ ଶ୍ରୀ ସେଠୀଙ୍କ ସମେତ ବନ୍ତ ବିଡିଓ ସୀତାକାନ୍ତ ରାଉତ, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ, ମଣ୍ଡଳ ସଭାପତି ସନ୍ତୋଷ ନାୟକ, କିଶୋର କିଙ୍କର ପଡ଼ିହାରୀ, ସରପଞ୍ଚ ସତ୍ୟଭାମା ଧଳ, ସମିତିସଭ୍ୟା ନିରୁପମା ରାଉତ ଓ ଗଣିଜାଙ୍ଗ ସମିତିସଭ୍ୟ ମନୋରଞ୍ଜନ ସେଠୀଙ୍କ ସମେତ ବହୁ ଜନପ୍ରତିନିଧି ଓ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଣବ କିଶୋର ଲେଙ୍କା, ଗଦାଧର ରାଉତ, ବିଜୟ ପ୍ରଧାନ, ଅମୂଲ୍ୟ ନନ୍ଦ, ଖଗେଶ୍ୱର ବେହେରା, କମଳା ସାହୁ, ଗୟାଧର ଗିରି, ସୁକାନ୍ତ ଗିରି, ପ୍ରଭାତ ରାଉତ, ଗୟାଧର ଜେନା, ରାଜକିଶୋର ଗିରି ଓ ରଞ୍ଜନ କୁମାର ଦାସଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ ।

ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା

ପୀଡ଼ିତାଙ୍କ ପରିବାରକୁ ଭେଟିଲେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୮ ।୧୦ (ସମିସ)

ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ଆଜି ୧୩ଦିନ ବିତିଯାଇଥିବା ବେଳେ ସେଥିନେଇ ପ୍ରତିଦିନ ଚର୍ଚ୍ଚା ଲାଗିରହିଛି । ଗତ କାଲି ରାଜନୈତିକ ଦଳ ବିଜେଡି ଓ କେତେକ ବିରୋଧୀ ରାଜନୈତିକ ଦଳ ତରଫରୁ ଜଳେଶ୍ୱର ବନ୍ଦ ପାଳନ ହୋଇଥିବା ବେଳେ ଆଜି ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା ସୁଜାତା ନାୟକ ଓ ମହିଳା କମିଶନର ଶୋଭନା ମହାନ୍ତିଙ୍କ ସହିତ ପ୍ରତିଭା ଶତପଥୀ ଓ କେତେକ ସଦସ୍ୟା ପୀଡିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ତୁରନ୍ତ ଦୋଷୀକୁ ଦଣ୍ଡ ଦେବା ସହିତ ଉକ୍ତ ପରିବାରକୁ ସରକାରଙ୍କ ପକ୍ଷରୁ ସୁରକ୍ଷା ଓ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବାର ନିର୍ଭର ପ୍ରତିଶ୍ରୁତି ଦେଇଯାଇଛନ୍ତି । ଏହି ସମ୍ବେଦନଶୀଳ ଘଟଣାରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ହସ୍ତକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି । ଗସ୍ତ ସମୟରେ ଆଡିସନାଲ ଏସ୍.ପି ପରେଶ ରାଉତ, ମାମଲାର ଆଇଓ ଡି.ଏସ୍.ପି ଚନ୍ଦ୍ରମଣୀ ସିଂ, ଜଳେଶ୍ୱର ଏସ୍‌ଡିପିଓ ସୁରେଶ ତ୍ରିପାଠୀଙ୍କ ସହିତ ଜଳେଶ୍ୱର ଆଇଆଇସି ଓ ସୁରକ୍ଷା ବଳର କର୍ମଚାରୀମାନେ ଉପସ୍ଥିତ ଥିଲେ । ଜଣାଯାଇଛି ଯେ ଏହି ଘଟଣା ସମ୍ପର୍କରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ପକ୍ଷରୁ ଗତ ୨୩ ତାରିଖରେ କେତେକ ଖବର କାଗଜରେ ପ୍ରକାଶିତ ଗଣଦୁଷ୍କର୍ମ ପରେ ନାବାଳିକାକୁ ଜାଳିଦେଲେ ଶିରୋନାମାକୁ ଆଧାର କରି ଏକ ମାମଲା ନମ୍ବର ୧୪୭/୨୦୨୬ ରୁଜୁ କରାଯାଇ ତାହାର ତଦନ୍ତ ଓ ସମୀକ୍ଷା ପାଇଁ ଏହି ଗସ୍ତ ବୋଲି ଜଣାଯାଇଛି । ପରେ ବାଲେଶ୍ୱରଠାରେ ଏସ୍‌ପି ଓ ଏସଜେପିୟୁ ଅଧିକାରୀଙ୍କ ସହିତ ଏହି ଘଟଣାକୁ ନେଇ ସମିକ୍ଷା କରିବେ ବୋଲି ପ୍ରକାଶ କରିଛନ୍ତି । ଏହି ଘଟଣାର ସମସ୍ତ ତଦନ୍ତ ରିପୋର୍ଟ ଏକ ମାସ ମଧ୍ୟରେ କୋର୍ଟରେ ଦାଖଲ କରିବା ପାଇଁ ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଥିବା ବେଳେ ବର୍ତ୍ତମାନ ପରିସ୍ଥିତିରେ ପୀଡିତାଙ୍କ ପରିବାର ପ୍ରତି ରହିଥିବା ବିପଦକୁ ନଜର ଦେଇ ପୀଡିତାଙ୍କ ଘର ପାଖରେ ପୁଲିସ ପକ୍ଷରୁ ୧୨ ଘଣ୍ଟିଆ ସୁରକ୍ଷା ପ୍ରଦାନ କରିବାକୁ ଡିଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ବିଷୟରେ କହିଛନ୍ତି ଯେ ମୃତ ପୀଡିତାଙ୍କ ଶରୀରର ଅର୍ଦ୍ଧାଧିକ ନ ଥିବାରୁ ସମ୍ପୂର୍ଣ୍ଣ ତଦନ୍ତରେ ଥିବା ଅସୁବିଧାକୁ କିପରି ଫରେନସିକ ଟେଷ୍ଟ ଦ୍ୱାରା ଜଣାପଡିବ ସେ ବିଷୟରେ ଅନୁଧ୍ୟାନ କରିବା ସହିତ ଆସାମୀ ପାଖରୁ ସମସ୍ତ ବିଷୟରେ ତଥ୍ୟ କିପରି ମିଳି ପାରିବ ତାର ସମସ୍ତ ଚେଷ୍ଟା କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି । ତଦନ୍ତ ବିଷୟରେ ପୁଲିସ ମୁହଁ ଖୋଲୁ ନଥିବା ବେଳେ ବଡମାନ ସୁଦ୍ଧା ଜଣକୁ ଗିରଫ କରାଯାଇଥିବା ବେଳେ ଅନ୍ୟ ତିନିଜଣକୁ ପୁଲିସ ହାଜତରେ ରଖି ପଚରା ଉଚୁରା କରାଯାଇଥିବା ସୂଚନା ଦେଇଛନ୍ତି ।

ଆଜିର ରାଶିଫଳ

ମେଷ: ଆୟ ଅନୁସାରେ ବ୍ୟୟ ହେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଯାନବାହନ କିଣିବା ଯୋଗ ଅଛି।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶ ପାଇଁ ଉପଯୁକ୍ତ ସମୟ। ମହିଳାମାନେ ଦାନ ଧର୍ମ କରନ୍ତୁ।

ମିଥୁନ: ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଉଧାର ଟଙ୍କା ଫେରିପାଇବେ।

କର୍କଟ: ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

ସିଂହ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅଫିସ୍ ସହକର୍ମୀଙ୍କ ସହଯୋଗ ପାଇବେ।

କନ୍ୟା: ଆୟ ଓ ବ୍ୟୟ ସମାନ ହେବ। ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। ଲୋକସମ୍ପର୍କ ବୃଦ୍ଧି ପାଇବ।

ତୁଳା: ଦିନଟି ଶୁଭଫଳ ପ୍ରଦାନ କରିବ। ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

ବିଛା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଧନୁ: ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

ମୀନ: ବିଦ୍ୟାର୍ଥୀ ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଆଜିର ଇତିହାସ

- ୧୮୫୯ - ସ୍ପେନ୍, ମରକ୍କୋ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୨୨-ବେନିତୋ ମୁସୋଲିନୀ ଇଟାଲୀର ପ୍ରଧାନମନ୍ତ୍ରୀ ହେଲେ।
- ୧୯୪୫- ପ୍ରଥମ ବଲ୍ ପଏଣ୍ଟ ପେନ୍ ବଜାରକୁ ଆସିଲା।
- ୧୯୯୯-ଉପକୂଳ ଓଡ଼ିଶାରେ ତାଣ୍ଡବ ରଚିଥିଲା ମହାବାତ୍ୟା। ଓଡ଼ିଶା ଇତିହାସ ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଥିଲା।

ଜୟୀ ରାଜଗୁରୁ



ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଭାରତର ପ୍ରଥମ ସହିଦ୍ ଜୟୀ ରାଜଗୁରୁଙ୍କର ଆଜି ଜନ୍ମ ଜୟନ୍ତୀ। ୧୮୫୭ ସିପାହି ବିଦ୍ରୋହର ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ଖୋର୍ଦ୍ଧାର ବୀର ପାଇକମାନଙ୍କ ଦ୍ୱାରା ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହର ଯେଉଁ ବିଗୁଲ ବାଜିଥିଲା, ଜୟୀ ରାଜଗୁରୁ ଥିଲେ ତା'ର ପଟ୍ଟ ପୁରୋଧା। ୧୭୩୯ ମସିହା ଆଜିର ଦିନରେ (କାର୍ତ୍ତିକ, ଶୁକ୍ଳ ଅଁଳା ନବମୀ) ଦିନ ପୁରୀ ଜିଲ୍ଲାର ହରେକୃଷ୍ଣପୁର ଗ୍ରାମର ଚାନ୍ଦ ରାଜଗୁରୁ ଏବଂ ହୀରାମଣି ଦେବୀଙ୍କ କୋଳରୁ ଜନ୍ମ ଗ୍ରହଣ କରିଥିଲେ ଜୟୀ ରାଜଗୁରୁ। ପିତା ଚାନ୍ଦ ରାଜଗୁରୁ ଥିଲେ ଖୋର୍ଦ୍ଧା ରାଜାଙ୍କ କୁଳ ପୁରୋହିତ ବା ରାଜଗୁରୁ। ପିଲାଟି ଦିନରୁ ଜୟୀ ରାଜଗୁରୁ ଥିଲେ ଖୁବ୍ ନିର୍ଭୀକ ଓ ସ୍ୱାଧୀନଚେତା। ବିଶେଷକରି ରାଜଗୁରୁ ପରିବାରରେ ଜନ୍ମ ହୋଇଥିବାରୁ ଘୋଡ଼ାଚଢ଼ାଠାରୁ ଯୁଦ୍ଧବିଦ୍ୟା ଯାଏ, ସବୁଥିରେ ଥିଲା ତାଙ୍କର ବିଶେଷ ପାରଦର୍ଶିତା। ପିତା ଚାନ୍ଦ ରାଜ ଗୁରୁଙ୍କ ଅନ୍ତେ ସେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବ (ଦ୍ୱିତୀୟ)ଙ୍କ ରାଜ ସଭାରେ ୧୭୮୦ ମସିହାରେ ୪୧ ବର୍ଷ ବୟସରେ ରାଜଗୁରୁ ତଥା ମନ୍ତ୍ରୀ ଭାବରେ ପ୍ରତିଷ୍ଠିତ ହୋଇଥିଲେ। ଏହା ପରଠାରୁ ସେ ଜୟୀ ରାଜଗୁରୁ ରୂପେ ପରିଚିତ ହେଲେ। ଦିବ୍ୟସିଂହ ଦେବଙ୍କ ଅନ୍ତେ ତାଙ୍କ ନାବାଳକ ପୁତ୍ର ମୁକୁନ୍ଦଦେବ ଦ୍ୱିତୀୟଙ୍କୁ ସିଂହାସନରେ ବସାଇ ସେ ୧୭୯୮ରେ ପ୍ରକୃତ ରାଜକାର୍ଯ୍ୟ ନିଜ ହାତକୁ ନେଇଥିଲେ। ସେତେବେଳେ ଇଂରେଜମାନେ ଓଡ଼ିଶା ଅଧିକାର କରିବାକୁ ଚାହୁଁଥିଲେ ଏବଂ ଏଥିପାଇଁ ମରହଟ୍ଟାମାନଙ୍କୁ ଓଡ଼ିଶାରୁ ହଟାଇବା ଲାଗି ଖୋର୍ଦ୍ଧା ରାଜାଙ୍କ ସହାୟତା ଲୋଡ଼ିଥିଲେ। ଇଂରେଜ ସେନାଧ୍ୟକ୍ଷଙ୍କଠାରୁ ରାଜା ମୁକୁନ୍ଦଦେବଙ୍କୁ ମଧ୍ୟ ପ୍ରତିଶ୍ରୁତି ମିଳିଥିଲା ଯେ, ଯୁଦ୍ଧରେ ସହାୟତା କଲେ ମରହଟ୍ଟାମାନେ ଛଡ଼ାଇ ନେଇଥିବା ଖୋର୍ଦ୍ଧାର ରାହାଙ୍ଗ, ସରାଇ, ଚବିଶକୁଦ ଓ ଲିମ୍ବାଇ ନାମକ ଚାରିଟି ମୂଲ୍ୟବାନ ପ୍ରଗଣା ସେମାନେ ଫେରିପାଇବେ। ରାଜା ଯୁଦ୍ଧରେ ଇଂରେଜମାନଙ୍କୁ ସହାୟତା କରିବା ସତ୍ତ୍ୱେ ଇଂରେଜମାନେ ପ୍ରତିଶ୍ରୁତି ରକ୍ଷା କଲେ ନାହିଁ। ୧୮୦୪ରେ ଇଂରେଜମାନଙ୍କ ବିରୋଧରେ ରାଜା ଯୁଦ୍ଧ ଘୋଷଣା କରିଥିଲେ। ପରେ ରାଜା ଓ ଜୟୀ ରାଜଗୁରୁଙ୍କୁ ବନ୍ଦୀ କରାଯାଇଥିଲା। ବିଚାର ସମୟରେ ନାବାଳକ ରାଜାଙ୍କୁ ବଞ୍ଚାଇବା ଲାଗି ଜୟୀ ରାଜଗୁରୁ ସମସ୍ତ ଦୋଷ ନିଜେ ସ୍ୱୀକାର କରି ନେଇଥିଲେ। ତାଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲା। ୧୮୦୬ ଡିସେମ୍ବର ୬ ତାରିଖ ଜୟୀ ରାଜଗୁରୁଙ୍କ ମୃତ୍ୟୁଦଣ୍ଡର ଦିନ। ସେ ମୃତ୍ୟୁଦଣ୍ଡ କିନ୍ତୁ ଥିଲା ଅତ୍ୟନ୍ତ କଠୋର ଓ ପୈଶାଚିକ। ମେଦିନିପୁର ଜେଲ୍‌ର ନାଳ ନିକଟରେ ଥିବା ବାଘିତୋଟାସ୍ଥିତ ବରଗଛର ଦୁଇଟି ଡାଳକୁ ଭିଡ଼ିଆଣି ବିପ୍ଳବୀ ଜୟୀ ରାଜଗୁରୁଙ୍କର ହାତ ଓ ଗୋଡ଼କୁ ଉଭୟ ଡାଳରେ ବାନ୍ଧି ଡାଳ ଦୁଇଟିକୁ ଛାଡ଼ି ଦିଆଗଲା। ଜୟୀ ରାଜଗୁରୁଙ୍କ ଶରୀର ଦୁଇଫାଳ ହୋଇ ଚିରି ହୋଇଗଲା। ଜୟୀ ରାଜଗୁରୁ ମରି ବି ଅମର ହୋଇଗଲେ ଯୁଗ ଯୁଗକୁ। ଜୟୀ ରାଜଗୁରୁଙ୍କ ଜୀବନର ଅବସାନ ଘଟିଲା ମାତ୍ର ଇଂରେଜ ବିରୋଧରେ ବିଦ୍ରୋହର ନିଆଁ ଜଳିଉଠିଲା। ଓଡ଼ିଆ ପୁଅ ବୀର ଜୟୀ ରାଜଗୁରୁ ଆରମ୍ଭ କରିଥିବା ବିଦ୍ରୋହ ପ୍ରବଳରୁ ଅତି ପ୍ରବଳ ହୋଇ ୧୮୧୭ରେ ପାଇକ ବିଦ୍ରୋହ ଓ ୧୮୫୭ରେ ସିପାହୀ ବିଦ୍ରୋହର ରୂପ ଧାରଣ କଲା। ଜୟୀ ରାଜଗୁରୁଙ୍କ ପ୍ରାଣବଳି କେବଳ ଖୋର୍ଦ୍ଧା ପାଇଁ ନ ଥିଲା, ଦେଶର ସ୍ୱାଧୀନତା ଆନ୍ଦୋଳନକୁ ବ୍ୟାପକ କରିବାକୁ ସଂଗ୍ରାମୀମାନଙ୍କୁ ପ୍ରେରଣା ଯୋଗାଇବା ଥିଲା ପ୍ରଥମ ପଦକ୍ଷେପ।

'ଆର୍‌ଆର୍‌ଆର୍' ଠାରୁ ୫-୬ ଗୁଣା ବଡ଼ ହେବ 'ବାରାଣସୀ'



'ବାହୁବଳୀ' ଏବଂ 'ଆର୍‌ଆର୍‌ଆର୍' ଭଳି ଫିଲ୍ମ ଦେଇ ବିଶ୍ୱ ସିନେମାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ନିର୍ଦ୍ଦେଶକ ଏସ୍. ଏସ୍. ରାଜମୌଳି ତାଙ୍କ ଆଗାମୀ ଫିଲ୍ମ 'ବାରାଣସୀ'କୁ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ, ଏହି ଫିଲ୍ମ 'ଆର୍‌ଆର୍‌ଆର୍' ଠାରୁ ପ୍ରତ୍ୟେକ ଦୃଷ୍ଟିକୋଣରୁ ୫ ରୁ ୬ ଗୁଣା ବଡ଼ ହେବ। ବ୍ରାଜିଲରେ ଆୟୋଜିତ ୫୦ତମ ସାଓ ପାଓଲୋ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲରେ ଯୋଗ ଦେଇ ସେ ଏହି ସୂଚନା ଦେଇଛନ୍ତି। ଏଥିସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ଏତେ ବଡ଼ ଆକାରରେ ନିର୍ମାଣ କରାଯାଉଥିଲେ ବି ଫିଲ୍ମର ସୁଟିଂ 'ଆର୍‌ଆର୍‌ଆର୍' ଠାରୁ କମ୍ ଦିନରେ ଶେଷ ହୋଇଛି। ରାଜାମୌଲି କହିଛନ୍ତି, "ଛୋଟବେଳୁ ଆମେ ଆମ ପୁରାଣ, ଇତିହାସ ଓ ବୀରମାନଙ୍କ କାହାଣୀ ଶୁଣି ବଡ଼ ହୋଇଛୁ। 'ବାରାଣସୀ' ପାଇଁ ମୁଁ ବହୁତ ଅଧିକ ହୋମ୍ ୱାର୍କ ଓ ପେପରୱାର୍କ କରିଥିଲି। ଆମେ 'ଆର୍‌ଆର୍‌ଆର୍'କୁ ୩୧୫ ଦିନରେ ସୁଟିଂ କରିଥିଲୁ, କିନ୍ତୁ 'ବାରାଣସୀ' ଏତେ ବଡ଼ ହୋଇଥିଲେ ବି ୨୭୫ ଦିନରେ ଶେଷ କରିଦେଲୁ, ଅର୍ଥାତ୍ ୪୦ ଦିନ ବଞ୍ଚାଇଲୁ। ଅଧିକ ପ୍ରସ୍ତୁତି ହିଁ ଏହାକୁ ସମ୍ଭବ କରିଛି।"

ଏହି ଫିଲ୍ମର କାହାଣୀ ବି ବହୁତ ରୋଚକ। ଶାମ୍ଭବୀ ନାମକ ଏକ ବିଶାଳ ଆଷ୍ଟେରଏଡ୍ ପବିତ୍ର ସହର ବାରାଣସୀ ଉପରକୁ ମାଡ଼ି ଆସୁଛି ଏବଂ ଏହାକୁ ନେଇ ସମଗ୍ର ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇଛି। ଏହି ସଙ୍କଟକୁ ରୋକିବା ପାଇଁ ମହେଶ ବାବୁ ରୁଦ୍ର ନାମକ ଜଣେ ପ୍ରତ୍ନତତ୍ତ୍ୱବିତ୍ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କୁ ସାହାଯ୍ୟ କରିବାକୁ ମନ୍ଦାକିନୀ ଭୂମିକାରେ ପ୍ରିୟଙ୍କା ଚୋପ୍ରା ଜୋନାସ୍ ନଜର ଆସିବେ। ସେମାନଙ୍କ ଯାତ୍ରା ଆଫ୍ରିକାର ଜଙ୍ଗଲ, ଆଣ୍ଟାର୍କଟିକାର ବରଫ ଏବଂ ୟୁରୋପର ବିଭିନ୍ନ ସ୍ଥାନ ଦେଇଯିବ। ସେମାନେ ଏହି ସମୟରେ ଖଳନାୟକ କୁମ୍ଭାର ସାମ୍ନା କରିବେ। କୁମ୍ଭା ଭୂମିକାରେ ପୃଥ୍ୱୀରାଜ ସୁକୁମାରନ୍ ନଜର ଆସିବେ। ଫିଲ୍ମଟି ୭ ଏପ୍ରିଲ, ୨୦୨୭ରେ ଆଇମାକ୍ସରେ ବିଶ୍ୱବ୍ୟାପୀ ରିଲିଜ୍ ହେବ। ଏହାର ବଜେଟ୍ ପ୍ରାୟ ୧୩୦୦ରୁ ୧୪୦୦ କୋଟି ବୋଲି କୁହାଯାଉଛି।

ମହାବାତ୍ୟାକୁ ୨୭ ବର୍ଷ

୧୯୯୯ ମସିହା ଅକ୍ଟୋବର ୨୯ ତାରିଖର ସେହି କଳା ଶୁକ୍ରବାରକୁ ଆଜି ୨୭ ବର୍ଷ ପୂରିଛି। କାଳର କରାଳ ଗ୍ରାସରେ ପ୍ରାୟ ତିନି ଦଶନ୍ଧି ବିତିବାକୁ ବସିଥିଲେ ମଧ୍ୟ ଓଡ଼ିଶା ଇତିହାସର ସବୁଠାରୁ ଭୟଙ୍କର ସାମୁଦ୍ରିକ ଝଡ଼ ୧୯୯୯ ମହାବାତ୍ୟାର ସେହି କାଳରାତ୍ରି ଆଜି ବି ଓଡ଼ିଶାବାସୀଙ୍କ ମନରେ କମ୍ପନ ସୃଷ୍ଟି କରେ। ପ୍ରକୃତିର ସେହି ରୁଦ୍ର ରୂପ ମାତ୍ର କେଇ ଘଣ୍ଟା ମଧ୍ୟରେ ସୁନ୍ଦର, ସବୁଜ ଉପକୂଳ ଓଡ଼ିଶାକୁ ଏକ ଶ୍ମଶାନରେ ପରିଣତ କରିଦେଇଥିଲା। ଅକ୍ଟୋବର ୨୯ ସକାଳେ ଯେତେବେଳେ ମହାବାତ୍ୟା ପାରାଦୀପ ଉପକୂଳ ଛୁଇଁଥିଲା, ସେତେବେଳେ ସତେ ଯେମିତି ପ୍ରଳୟର ମହାଘଣ୍ଟି ବାଜିଉଠିଥିଲା। ବିଶାଳକାୟ ବୃକ୍ଷ, ପକ୍କା ଘର, ଏବଂ ବଡ଼ ବଡ଼ ମୋବାଇଲ୍ ଟାୱାର ତାସ୍‌ର ଘର ଭଳି ଭାଙ୍ଗି ଚୂରମାର୍ ହୋଇଯାଇଥିଲା। ବିଶେଷକରି ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହା ରଚିଥିଲା ତାଣ୍ଡବଲୀଳା। ମାତ୍ର କେତେ ସମୟ ମଧ୍ୟରେ ଝଡ଼ର ତାଣ୍ଡବ, ଘଣ୍ଟା ପ୍ରତି ୨୫୦ ରୁ ୨୬୦ କି.ମି.ବେଗର ପବନ, ସମୁଦ୍ର ଜୁଆର ଓ ବର୍ଷାର ଏକ ମିଳିତ ସଂହାରଲୀଳା ଥରାଇ ଦେଲା ସମଗ୍ର ଉପକୂଳ ଓଡ଼ିଶାକୁ। ଶତାବ୍ଦୀର ସବୁଠୁ ପ୍ରଳୟଙ୍କରୀ ମହାବାତ୍ୟାରେ ଉଜୁଡ଼ି ଯାଇଥିଲା ଅନେକ ପରିବାର। ପ୍ରାଣ ହରାଇଥିଲେ ୧୦ ହଜାରରୁ ଅଧିକ ଲୋକ। ସବୁଠୁ ଅଧିକ ପ୍ରଭାବିତ ହୋଇଥିଲା ଏରସମା ଓ ଅସ୍ତରଙ୍ଗ। ପାରାଦୀପର ଷଣ୍ଢକୁଦ ବସ୍ତି ସମୁଦ୍ର ଗର୍ଭରେ ଲୀନ ହୋଇ ଯାଇଥିଲା। ସରକାରୀ ତଥ୍ୟଠାରୁ ମୃତ୍ୟୁ ସଂଖ୍ୟା ଢେର ଅଧିକ ଥିଲା ବୋଲି ମଧ୍ୟ ଚର୍ଚ୍ଚା ହୁଏ। ବର୍ଷ ବର୍ଷ ପର୍ଯ୍ୟନ୍ତ ଶତାଧିକ ନିଖୋଜଙ୍କ ପତ୍ତା ମିଳି ନ ଥିଲା। ବଞ୍ଚିଯାଇଥିବା ମଣିଷଙ୍କ ଆଖିରେ ଲୁହ ଶୁଖିଯାଇଥିଲା ଏବଂ କେବଳ ବୁନ୍ଦାଏ ପାଣି ଓ ମୁଠାଏ ଶୁଖିଲା ଖାଦ୍ୟ ପାଇଁ ଚାରିଆଡ଼େ ହାହାକାର ପଡ଼ିଥିଲା। ସମ୍ପୂର୍ଣ୍ଣ ଓଡ଼ିଶା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଅନ୍ଧାର ଭିତରକୁ ଠେଲି ହୋଇଯାଇଥିଲା। ଦୋହଲି ଯାଇଥିଲା ଓଡିଶାର ସାମାଜିକ ଓ ଆର୍ଥିକ ମେରୁଦଣ୍ଡ, ଛାରଖାର ହୋଇ ଯାଇଥିଲା ଉପକୂଳ। ଆଉ ଏବେ 'ଅର୍ଣ୍ଣବ' ବାତ୍ୟା ପୁଣି ଥରେ ଓଡ଼ିଶାବାସୀଙ୍କ ମନରେ ୧୯୯୯ ମସିହାର ସେହି କରାଳ ମହାବାତ୍ୟାର ସ୍ମୃତିକୁ ଉଜ୍ଜୀବିତ କରିଦେଇଛି।

ସୁଶ୍ରୀ

ଶ୍ୟାମଳ ରଙ୍ଗକୁ ଦିଶିବ ସୁନ୍ଦର

ପୂଜା, ପର୍ବରେ ମହିଳାମାନେ ପାରମ୍ପରିକ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ସବୁ ସ୍କିନ୍ ଟୋନ୍‌କୁ ମାନିଥାଏ। ହେଲେ ଶ୍ୟାମଳ ବର୍ଣ୍ଣ ମହିଳାଙ୍କ ପାଇଁ କିଛି ସ୍ୱତନ୍ତ୍ର ରଙ୍ଗ ରହିଛି, ଯାହା ସେମାନଙ୍କ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରିଥାଏ। ଜାଣିବା ସେ ବିଷୟରେ...

ରୟାଲ୍ ବ୍ଲୁ

ଆକର୍ଷଣୀୟ ତଥା ଭିଡ଼ରୁ ଭିନ୍ନ ଦିଶିବାକୁ ଚାହୁଁଥିଲେ ରୟାଲ ବ୍ଲୁ ରଙ୍ଗ ପିନ୍ଧିପାରିବେ। ଗାଢ଼ ରଙ୍ଗର ଏହି ଆଉଟ୍‌ଫିଟ୍ ତ୍ୱଚାକୁ ଖୁବ୍ ସୁନ୍ଦର ଦିଶିଥାଏ। ତେବେ ସିଲ୍‌କ କିମ୍ବା ଅନାରକଲି ସୁଟ୍ ମଧ ଆକର୍ଷଣୀୟ ଦିଶିଥାଏ।

ମଷ୍ଟାର୍ଡ ୟେଲୋ

ମଷ୍ଟାର୍ଡ ୟେଲୋ ଶ୍ୟାମଳ ରଙ୍ଗକୁ ଖୁବ୍ ସୁନ୍ଦର ଦିଶିଥାଏ। ଏହାର ବିଭିନ୍ନ ସୁନ୍ଦର ଆଉଟ୍‌ଫିଟ୍ ବଜାର ଏବଂ ମଲ୍‌ରେ ଉପଲବ୍ଧ। ଏହା ସହିତ ଅକ୍ସିଡାଇଜ୍ ଏବଂ ଚାନ୍ଦବାଲି କାନଫୁଲ ପିନ୍ଧିପାରିବେ।

ଏମରେଲ୍ଡ ଗ୍ରୀନ୍

ଶ୍ୟାମଳ ରଙ୍ଗ ମହିଳାଙ୍କ ପାଇଁ ଏମରଲ୍ଡ ଗ୍ରୀନ୍ ମଧ ସର୍ବୋତ୍ତମ। ଏଥିରୁ ଏକ ସୁନ୍ଦର ରାଜକୀୟ ଲୁକ୍ ମିଳିଥାଏ। ଏହାକୁ ଯେ କୌଣସି ପୂଜା ପାର୍ବଣରେ ପିନ୍ଧି ନିଜକୁ ଏକ କ୍ଲାସି ଲୁକ୍ ଦେଇପାରିବେ।

ୱାଇନ୍ ରୁବି ରେଡ୍

ସାଧାରଣତଃ ପୂଜା ପର୍ବରେ ମହିଳାମାନେ ହଳଦିଆ ଏବଂ ନାଲିରଙ୍ଗ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ତେଣୁ ଶ୍ୟାମଳ ରଙ୍ଗ ଉଜ୍ଜ୍ୱଳ ନାଲି ରଙ୍ଗ ପରିବର୍ତ୍ତେ ୱାଇନ୍ ରେଡ୍ ପିନ୍ଧିପାରିବେ। ଏହା ଖୁବ୍ ସୁନ୍ଦର ଏବଂ ସୋବର ଲୁକ୍ ଦେଇଥାଏ।

ଉଲ୍ ସାଜୋପକରଣରୁ ସ୍ୱାବଲମ୍ବୀ

ଆଜିର ମହିଳା ଘର ଚାରିକାନ୍ଥରେ ସୀମିତ ନ ରହି, ଦକ୍ଷତା, ଆତ୍ମବିଶ୍ୱାସ ଏବଂ ଇଚ୍ଛାଶକ୍ତି ଦ୍ୱାରା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛନ୍ତି। ବ୍ୟବସାୟ ଏବଂ କୁଟୀର ଶିଳ୍ପ କରି ରୋଜଗାରକ୍ଷମ ହେବା ସହ ଅନ୍ୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେଉଛନ୍ତି। ସେମିତି ଜଣେ ପ୍ରେରଣାଦାୟୀ ମହିଳା ହେଲେ ଚଣ୍ଡିଗଡ଼ର ଜୟନ୍ତୀ କୁମାରୀ। ସେ ଉଲ୍‌ରୁ ବିଭିନ୍ନ ସାଜୋପକରଣ ପ୍ରସ୍ତୁତ କରି ନିଜେ ସ୍ୱାବଲମ୍ବୀ ହେବା ସହ ୧୫୦ ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଆତ୍ମନିର୍ଭର କରିଛନ୍ତି।

ଉଲ୍‌ରୁ ଆକର୍ଷଣୀୟ ସାମଗ୍ରୀ

ଜୟନ୍ତୀଙ୍କ କହିବାନୁଯାୟୀ, ସେ ବିଭିନ୍ନ ରଙ୍ଗର ଉଲ୍‌ରୁ ଭଳିକି ଭଳି ଜିନିଷମାନ ପ୍ରସ୍ତୁତ କରନ୍ତି। ଉଲ୍ କପଡ଼ାରୁ ଟେଡି ବିୟର, ହେୟାର୍ କ୍ଲିପ୍, ହେୟାର୍ ବ୍ୟାଣ୍ଡ, ହ୍ୟାଣ୍ଡ ବ୍ୟାଣ୍ଡ, ଫୁଲଦାନି, ଟୋପି, ସମତେ ପିଲାଙ୍କ ଖେଳନାମାନ ପ୍ରସ୍ତୁତ କରନ୍ତି। ଜୟନ୍ତୀ ନିଜର ଏହି କୌଶଳକୁ ଜୀବିକାର ମାଧ୍ୟମ କରିଛନ୍ତି। ଘରେ ରହି ଏହି ଜିନିଷକୁ ବିକ୍ରି କରୁଛନ୍ତି। ତେବେ ସେ ଚଣ୍ଡୀଗଡ଼ ପ୍ରଶାସନ ଦ୍ୱାରା ଲଗାଯାଉଥିବା ପ୍ରଦର୍ଶନୀରେ ସେ ନିଜ ଷ୍ଟଲ୍ ପକାଇଥାନ୍ତି। ଏଠାରେ ଲୋକେ ତାଙ୍କ ନିର୍ମିତ ଜିନିଷକୁ ବେଶ୍ ପସନ୍ଦ କରନ୍ତି।

୧୫୦ ଉର୍ଦ୍ଧ୍ୱ ମହିଳା ଆତ୍ମନିର୍ଭର

ସେ ନିଜର ଏହି କୌଶଳକୁ ନିଜ ମଧ୍ୟରେ ସୀମିତ ନ ରଖି, ଅନ୍ୟ ମହିଳାଙ୍କୁ ଆତ୍ମନିର୍ଭର କରିଛନ୍ତି। ସେ ନିଜ ଗାଁ ସମେତ ସ୍ଥାନୀୟ ଅଞ୍ଚଳରୁ ପାଖାପାଖି ୧୫୦ ମହିଳାଙ୍କୁ ଏଥିରେ ସାମିଲ କରିଥିଲେ। ତେବେ ସେ ଆଠବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମହିଳାଙ୍କୁ ଏହି ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ଏହାଦ୍ୱାରା ମହିଳାମାନେ ଆତ୍ମନିର୍ଭର ହେବା ସହ ଘରେ ରହି ରୋଜଗାରକ୍ଷମ ହୋଇପାରିଛନ୍ତି। ଏପରି କରି ପରିବାରର ଆର୍ଥିକ ଅବସ୍ଥା ଦୂର କରୁଛନ୍ତି। ସେହିପରି ଏହାକୁ ବିଭିନ୍ନ ପ୍ରଦର୍ଶନୀରେ ବିକ୍ରି କରି ସ୍ୱାବଲମ୍ବୀ ହୋଇଛନ୍ତି।

ସହଯୋଗୀଙ୍କଠୁ ମିଳିଥିଲା ଆଇଡିଆ

ଜୟନ୍ତୀଙ୍କ କହିବାନୁଯାୟୀ ବାନ୍ଧବୀ ମଞ୍ଜୁଙ୍କ ଠାରୁ ଏହି ଆଇଡିଆ ମିଳିଥିଲା। ଘରେ ଏମିତି ଖାଲିରେ ନ ବସି ସେ କିଛି ବ୍ୟବସାୟ କରିବା ପାଇଁ ଭାବିଥିଲେ। ଏହାପରେ ସେ ଉଲ୍‌ରୁ ବିଭିନ୍ନ ଘରସଜା ଉପକରଣ ପ୍ରସ୍ତୁତ କରିବାକୁ ସ୍ଥିର କଲେ। ଘରର ସମସ୍ତ ଦୈନନ୍ଦିନ କାର୍ଯ୍ୟ ସାରିବା ପରେ ବଳକା ସମୟ ଏହି ବ୍ୟବସାୟରେ ଦେଉଥିଲେ। ଏଥିରୁ ସେ ନିଜର ସମସ୍ତ ଖର୍ଚ୍ଚ ଉଠାଇ ପାରୁଛନ୍ତି ଏବଂ ଖୁସି ଅଛନ୍ତି। ଘରେ ପିଲାଦିନେ ପରିବାରରେ ଦେଖିଥିବା ଏହି ଉଲ୍ କାର୍ଯ୍ୟ ତାଙ୍କୁ ବେଶ୍ ସହାୟକ ହୋଇଥିଲା।

ମାଟି ହାଣ୍ଡି କାଙ୍କଡ଼

ଆବଶ୍ୟକ ସାମଗ୍ରୀ

ଦେଶୀ କାଙ୍କଡ଼ – ୫୦୦ ଗ୍ରାମ୍, ଆଳୁ – ୫୦୦ ଗ୍ରାମ୍, ଗୋଟା ମସଲା- ଅଳ୍ପ, ଜିରା - ଏକ ଚାମଚ, ଗୋଲମରିଚ- ଚାରି ପାଞ୍ଚୋଟି, ଡାଲଚିନି- ଖଣ୍ଡେ, କଟା ପିଆଜ- ଏକ କପ୍, ଅଦା-ରସୁଣ ବଟା, ସୋରିଷ ତେଲ ଓ ସ୍ୱାଦ ଅନୁସାରେ ଲୁଣ ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ

କାଙ୍କଡ଼ ଓ ଆଳୁକୁ ବଡ଼ ଖଣ୍ଡରେ କାଟି ପ୍ରଥମେ ଭାଜି ଦିଅନ୍ତୁ। ଏହାପରେ ମାଟି ହାଣ୍ଡିରେ ସୋରିଷ ତେଲ ଗୋଟା ଗରମ ମସଲା, ପିଆଜ ଦେଇ ଭାଜନ୍ତୁ। ସାମାନ୍ୟ ନାଲି ହୋଇଗଲେ ବଟା ମସଲାକୁ ଦେଇ କଷନ୍ତୁ। ମସଲା କଷି ହେବା ପରେ ଏଥିରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ପକାଇ ଭଜା କାଙ୍କଡ଼-ଆଳୁ ଏବଂ ଅଳ୍ପ ପାଣି ଦେଇ ହାଣ୍ଡି ମୁହଁକୁ ଢାଙ୍କି ଧୀମା ଆଞ୍ଚରେ ସିଝାନ୍ତୁ। ଏହି ଶୈଳୀରେ ପ୍ରସ୍ତୁତ ତରକାରୀ ବାସ୍ନା ଏବଂ ସ୍ୱାଦ ସମ୍ପୂର୍ଣ୍ଣ ଦେଶୀ ହୋଇଥାଏ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଟି ହାଣ୍ଡି କାଙ୍କଡ଼ ତରକାରୀ'।

ଶୀତ ଆରମ୍ଭ ହେବା ମାତ୍ରେ କମ୍ବଳ ଖୋଜାପଡ଼େ। ହେଲେ ଦୀର୍ଘ ଦିନ ଆଲମିରା ଏବଂ ବାକ୍ସରେ କମ୍ବଳ ରଖିବା ଯୋଗୁ ଏଥିରୁ ଦୁର୍ଗନ୍ଧ ବାହାରିଥାଏ। ତେଣୁ କମ୍ବଳକୁ ନ ଧୋଇ କିପରି ଦୁର୍ଗନ୍ଧ ଦୂର କରିବେ ଜାଣନ୍ତୁ।

ବେକିଂ ସୋଡ଼ା

କମ୍ବଳକୁ ଭଲଭାବେ ବିଛାଇ ଏହା ଉପରେ କିଛି ବେକିଂ ସୋଡା ଗୁଣ୍ଡ ଛିଞ୍ଚି ଦିଅନ୍ତୁ। ୩୦ ରୁ ୪୫ ମିନିଟ୍ ଛାଡିଦେବା ପରେ କମ୍ବଳକୁ ଭଲଭାବେ ଝାଡ଼ି ବା ଭ୍ୟାକ୍ୟୁମ୍ କ୍ଲିନର୍ ସାହାଯ୍ୟରେ ସଫା କରିଦିଅନ୍ତୁ। ବେକିଂ ସୋଡା ଦୁର୍ଗନ୍ଧକୁ ଶୋଷି ନେଇଥାଏ।

ଭିନେଗାର୍

ସ୍ପ୍ରେ ବୋତଲରେ ସମାନ ପରିମାଣର ପାଣି ଏବଂ ଭିନେଗାର ମିଶାଇ କମ୍ବଳ ଉପରେ ହାଲୁକା ସ୍ପ୍ରେ କରନ୍ତୁ। ଏହାପରେ ଏହାକୁ ପବନରେ ଶୁଖାଇ ଦିଅନ୍ତୁ। ଏହାଦ୍ୱାରା କମ୍ବଳ ଦୁର୍ଗନ୍ଧ ଦୂର ହୋଇଥାଏ। ଏଥିସହ ଭିନେଗାର ଗନ୍ଧ ମଧ୍ୟ ପଳାଏ।

ଏସେନ୍‌ସିଆଲ୍ ଅଏଲ୍

କମ୍ବଳରେ ସୁଗନ୍ଧ ଆଣିବା ପାଇଁ ପାଣିରେ କିଛି ଟୋପା ଲ୍ୟାଭେଣ୍ଡର କିମ୍ବା ଲେମନଗ୍ରାସ୍ ଏସେନ୍‌ସିଆଲ୍ ଅଏଲ୍ ମିଶାଇ କମ୍ବଳ ଉପରେ ସ୍ପ୍ରେ କରିପାରିବେ।

ମହିଳା ପ୍ରିମିଅର ଲିଗ୍ ଖେଳାଳି ନିଲାମି

ସୋଫି ଦାମି ଖେଳାଳି; ଉମା ସର୍ବକନିଷ୍ଠା

ନୂଆଦିଲ୍ଲୀ, ୨୮ ।୧୦ (ଏଜେନ୍ସି): ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଆଗାମୀ ଚତୁର୍ଥ ସିଜନ ପୂର୍ବରୁ ଦିନିକିଆ ଖେଳାଳି ନିଲାମୀ ପ୍ରକ୍ରିୟା ବୁଧବାର ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ଏକଦିବସୀୟ ମିନି ନିଲାମୀରେ ସମସ୍ତ ୫ଟି ଯାକ ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଥିଲେ। ୧୧୯ ଜଣଭାରତୀୟଙ୍କ ସମେତ ମୋଟ୍ ୧୪୬ଜଣ ମହିଳା କ୍ରିକେଟର୍ ନିଲାମୀରେ ସାମିଲ ହୋଇଥିଲେ। ତେବେ ମାତ୍ର ୨୫ଜଣ ଖେଳାଳି ନିଲାମୀରେ କ୍ରୟ ହୋଇଯାଇଥିଲେ। ଅଷ୍ଟ୍ରେଲିଆ ଅଧିନାୟିକା ତଥା ତାରକା ସ୍ପିନର ସୋଫି ମୋଲିନେକ୍ସ ଏହି ମିନି ନିଲାମିରେ ସବୁଠୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଥିଲେ। ୟୁପି ୱାରିୟର୍ଜ ଦଳ ସୋଫିଙ୍କୁ ଏକ କୋଟି ୧୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ସୋଫିଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଚଳିତ ବର୍ଷ ପ୍ରାରମ୍ଭରେ ମହିଳା ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ସୋଫିଙ୍କୁ କ୍ରୟ କରିବା ପାଇଁ ୟୁପି ସହ ସ୍ମୃତି ମନ୍ଧାନାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳ ମଧ୍ୟରେ ଟକ୍କର ହୋଇଥିଲା। ତେବେ ଶେଷରେ ୟୁପି ବାଜିମାତ୍ କରିନେଇଥିଲା। ୟୁପି ୱାରିୟର୍ଜ ନିଲାମିରେ ମୋଟ୍ ୮ ଜଣ ଖେଳାଳିଙ୍କୁ କ୍ରୟ କରିଛି।

ନିଲାମିରେ ଦ୍ୱିତୀୟ ଦାମୀ ଖେଳାଳି ରହିଥିଲେ କିରଣ ନାଗଭିରେ। ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ତାଙ୍କୁ ୭୫ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ସେହିଭଳି କର୍ଣ୍ଣାଟକର ଯୁବ ଅଲ୍‌ରାଉଣ୍ଡର ଉମା କାଶଭି ମହିଳା ପ୍ରିମିୟର ଲିଗ୍ ଇତିହାସରେ ସର୍ବକନିଷ୍ଠା ଖେଳାଳି ଭାବରେ ନିଲାମି ହେବାର କୀର୍ତ୍ତିମାନ କରିଛନ୍ତି। ୧୫ ବର୍ଷୀୟା ଉମାଙ୍କୁ ମୂଳ ଦର ମୂଲ୍ୟ ୧୦ ଲକ୍ଷ ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ନେଇଛି। ଭାରତ ୨୦୧୧ ବିଶ୍ୱକପ୍ ଚାମ୍ପିଅନ ହେବାର ୭ ଦିନ ପରେ ଉମା ଜନ୍ମ ହୋଇଥିଲେ। ପୂର୍ବରୁ ଡବ୍ଲ୍ୟୁପିଏଲ୍‌ର ସର୍ବକନିଷ୍ଠା ଖେଳାଳି ଭାବରେ ହରିୟାଣାର ଦୀୟା ଯାଦବ ୧୬ ବର୍ଷ ବୟସରେ ନିଲାମି ହୋଇଥିଲେ। ଉଲ୍ଲେଖଯୋଗ୍ୟ ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବ।

ଡବ୍ଲ୍ୟୁପିଏଲ-୪' ନିଲାମିର ୫ ଦାମି ଖେଳାଳି

ମୂଲ୍ୟ	ଖେଳାଳି	ଫ୍ରାଞ୍ଚାଇଜ୍
୧.୧୦ କୋଟି	ସୋଫି ମୋଲିନେକ୍ସ	ୟୁପି ୱାରିୟର୍ଜ
୭୫ ଲକ୍ଷ	କିରନ ନାଭଗିରେ	ଦିଲ୍ଲୀ କ୍ୟାପିଟାଲ୍ସ
୪୦ ଲକ୍ଷ	ଜି କମଲିନୀ	ଗୁଜରାଟ ଜାଏଣ୍ଟ୍ସ
୪୦ ଲକ୍ଷ	ଜେସ୍ ଜନସନ	ଆରସିବି
୩୦ ଲକ୍ଷ	ସ୍ନେହ ରାଣା	ୟୁପି ୱାରିୟର୍ଜ

ମହିଳା କ୍ରିକେଟ୍: ବିନା ବିଜୟରେ ସ୍ୱଦେଶ ଫେରିଲା ଜିମ୍ବାୱେ

ଟି-୨୦ ପରେ ଦିନିକିଆ ସିରିଜ୍ ସୁଇପ୍ କଲା ଭାରତ

ଭଦୋଦରା, ୨୮ ।୧୦ (ଏଜେନ୍ସି)

ଭ୍ରମଣକାରୀ ଜିମ୍ବାୱେ ମହିଳା ଦଳ ବିପକ୍ଷରେ ବୁଧବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚକୁ ଭାରତ ୮ ୱିକେଟରେ ବିଜୟୀ ହୋଇଛି। ପୂର୍ବରୁ ପ୍ରଥମ ଦୁଇଟି ଦିନିକିଆକୁ ଯଥାକ୍ରମେ ୯ ୱିକେଟ୍ ଓ ୧୨୧ ରନରେ ଜିତିଥିବା ଭାରତୀୟ ମହିଳା ଦଳ ଏଥିସହ ହ୍ୟାଟ୍ରିକ ଅର୍ଜନ କରି ସିରିଜ କ୍ଲିନସୁଇପ୍ କରିଛି। ଏଥିପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଟି-୨୦ ସିରିଜକୁ ମଧ୍ୟ ଭାରତୀୟ ଦଳ ୩-୦ରେ ସୁଇପ୍ କରିନେଇଥିଲା। ଫଳରେ ନୂଆ ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଭାରତ ଏହି ଦ୍ୱି-ପାକ୍ଷିକ ସିରିଜକୁ କ୍ଲିନସୁଇପ୍ କରିନେଇଛି। ଅପରପକ୍ଷରେ ଭାରତ ଗସ୍ତରେ ଆସିଥିବା ଜିମ୍ବାୱେ ଦଳ ସାମିତ ଓଭରରେ ମୋଟ୍ ୬ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ପାରି ସ୍ୱଦେଶ ଫେରିଛି।

ବୁଧବାର ସ୍ଥାନୀୟ କୋଟାମ୍ବୀ ଷ୍ଟାଡିୟମରେ ଖେଳାଯାଇଥିବା ୩ୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ବାମହାତୀ ସ୍ପିନର ବୈଷ୍ଣବୀ ଶର୍ମାଙ୍କୁ ସାମ୍ନା କରି ନ ପାରି ୩୯.୫ ଓଭରରେ ମାତ୍ର ୧୩୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର୍ ମୋଡଷ୍ଟର ମୁପାଚିକୱା ୩୭, ଅଧିନାୟିକା ଜୋସେଫିନ ନକୋମୋ ୩୫ ରନ କରିଥିଲେ। ବୈଷ୍ଣବୀ (୧୦-୧-୩୯-୫) ପାଞ୍ଚ ୱିକେଟ ସଫଳତା ପାଇଥିବାବେଳେ କ୍ରାନ୍ତୀ ଗୌଡ଼ ଓ ସାୟଲୀ ସତଘରେ ୨ଜଣ ଲେଖାଏ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଜବାବରେ ଭାରତ ଇନିଂସର ପ୍ରଥମ ବଲରେ ୟଷ୍ଟିକା ଭାଟିଆଙ୍କ ୱିକେଟ ହରାଇଥିଲା। ତେବେ ପ୍ରତୀକା (୫୬ ବଲରେ ୫୯ ରନ୍) ଓ ଶେଫାଳି ବର୍ମା (୨୬ ବଲରେ ୫୧ ରନ୍)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ୧୭ ଓଭରରେ ୨ଟି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ହର୍ଲିନ ଦେଓଲ ୧୯ ରନ କରି ଆଉଟ୍ ହୋଇଥିଲେ। ମୋଟ୍ ୨୨୦ ରନ କରିଥିବା ପ୍ରତୀକା ସିରିଜର ଓ ବୈଷ୍ଣବୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ମୁସିର୍ ଖାନ୍‌ଙ୍କ ୫ ୱିକେଟ୍ ଓ ଶତକ କୀର୍ତ୍ତିମାନ

ମୁମ୍ବଇ, ୨୮ ।୧୦ (ଏଜେନ୍ସି): ମୁସିର ଖାନଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଏଠାରେ ହରିୟାଣା ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ମୁମ୍ବଇ ଦୃଢ଼ସ୍ଥିତିରେ ରହିଛି। ମୁମ୍ବଇର ପ୍ରଥମ ପାଳି ସ୍କୋର ୪୩୦ ରନ ଜବାବରେ ହରିୟାଣା ୨୭୦ ରନରେ ସୀମିତ ରହି ଫଲୋଅନ ହୋଇଛି। ୧୬୦ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ହରିୟାଣା ବୁଧବାର ତୃତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୭୩ ରନ କରିଛି। ଦ୍ୱିତୀୟ ପାଳିରେ ଆହୁରି ୮ ୱିକେଟ୍ ବଳକା ଥାଇ ହରିୟାଣା ପାଳି ପରାଜୟ ଏଡ଼ାଇବାକୁ ଆଉ ୮୭ ରନ ଆବଶ୍ୟକ କରୁଛି। ମୁମ୍ବଇ ପାଳିରେ ମୁସିର ୧୦୯ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ବାମହାତୀ ସ୍ପିନ ବୋଲିଂ କରୁଥିବା ମୁସିର ଏହାପରେ ହରିୟାଣାର ପ୍ରଥମ ପାଳିରେ ୬ଟି ୱିକେଟ ନେଇଥିଲେ। ଫଳରେ ଗୋଟିଏ ରଣଜୀ ମ୍ୟାଚରେ ମୁସିର ୫ ୱିକେଟ ନେବା ସହ ଶତକ ମଧ୍ୟ ମାରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟ୍‌ରେ ଏଭଳି ଡବଲ୍ ସଫଳତା ପାଇବାରେ ସେ ୬ଷ୍ଠ ମୁମ୍ବଇ କ୍ରିକେଟର୍ ହୋଇଛନ୍ତି। ତାଙ୍କ ପୂର୍ବରୁ ମଦନ ରାଇଜି (୧୯୪୭-୪୮), ଦତ୍ତୁ ଫଡକର (୧୯୪୮-୪୯), ବିନୁ ମଙ୍କଡ଼ (୧୯୫୩-୫୪), ପଲୀ ଉମ୍ରିଗର (୧୯୫୭-୫୮), ରବି ଶାସ୍ତ୍ରୀ (୧୯୯୦-୯୧) ଏହି ସଫଳତା ପାଇଥିଲେ।

୩ଥରର ଏସିଆନ୍ ପାରା ସ୍ୱର୍ଣ୍ଣବିଜେତା ନୀରଜଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ତିନିଥରର ଏସିଆନ୍ ପାରା ଗେମ୍ସ ସ୍ୱର୍ଣ୍ଣପଦକ ବିଜେତା ଆଥଲେଟ ନୀରଜ ଯାଦବ ଆତ୍ମହତ୍ୟା କରିଛନ୍ତି। ନୂଆଦିଲ୍ଲୀସ୍ଥିତ ବାସଭବନରେ ନୀରଜ ଆତ୍ମହତ୍ୟା କରିଥିବା ଭାରତୀୟ ପାରା ଆଥଲେଟିକ୍ସର ମୁଖ୍ୟ ପ୍ରଶିକ୍ଷକ ସତ୍ୟନାରାୟଣ ସୂଚନା ଦେଇଛନ୍ତି। ୪୨ ବର୍ଷୀୟ ଏହି ଆଥଲେଟଙ୍କ ଶବକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସେ ବିଷ ପିଇ ନିଜ ବାସଭବନରେ ଆତ୍ମହତ୍ୟା କରିଥିବା ଆଶଙ୍କା କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ। ଏଫ୍‌୫୫ କାଟାଗୋରୀରେ ଖେଳୁଥିବା ନୀରଜ ୨୦୧୮ ଓ ୨୦୨୩ ପାରା ଏସିଆନ ଗେମ୍ସର ଜାଭେଲିନ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେହିଭଳି ୨୦୨୩ରେ ମଧ୍ୟ ସେ ଡିସ୍କସ୍ ଥ୍ରୋ'ରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ତେବେ ନିଷିଦ୍ଧ ଔଷଧ ସେବନ କରି ଡୋପିଂ ମାମଲାରେ ନିଲମ୍ବିତ ହୋଇଥିବାରୁ ନୀରଜ ନିକଟରେ ଜାପାନରେ ଶେଷ ହୋଇଥିବା ପାରା ଏସିଆନ ଗେମ୍ସରେ ଭାଗନେଇପାରି ନ ଥିଲେ। ଯେଉଁଥି ପାଇଁ ନୀରଜ ମାନସିକ ଚାପରେ ରହିଥିଲେ ବୋଲି କୁହାଯାଉଛି।

ଷ୍ଟାନ୍ ୱାରିଙ୍କାଙ୍କ ଅବସର

ବାସେଲ,୨୮ ।୧୦(ଏଜେନ୍ସି): ତତ୍‌କାଳୀନ ବିଶ୍ୱର ନଂ-୧ ଖେଳାଳି ରାଫେଲ ନାଦାଲ ଓ ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ୩ ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ୍ ଷ୍ଟାନ୍ ୱାରିଙ୍କା ଅନ୍ତର୍ଜାତୀୟ ଟେନିସରୁ ଅବସର ନେଇଛନ୍ତି। ନିଜ ଘରୋଇ ମାଟିରେ ଚାଲିଥିବା ସ୍ୱିସ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ହାରିଯିବା ପରେ ସେ ଅବସର ନେବାକୁ ଘୋଷଣା କରିଥିଲେ। ଏହି ୪୧ ବର୍ଷୀୟ ଖେଳାଳି ମଧ୍ୟ ଟେନିସ ଟୁର୍‌ରେ ୧୬ଟି ଟାଇଟଲ ବିଜୟୀ ହୋଇଛନ୍ତି। ୨୦୨୬ ମୋ ଟେନିସ ଜୀବନର ଶେଷବର୍ଷ ବୋଲି ଘୋଷଣା କରିଥିବା ଏହି ତାରକା ଖେଳାଳି ଅନେକ ସ୍ମରଣୀୟ ମୁହୂର୍ତ୍ତ ଛାଡିଯାଇଛନ୍ତି। ୨୦୧୪ରେ କ୍ୟାରିୟର ମାନ୍ୟତା ନଂ-୩ରେ ପହଞ୍ଚିଥିବା ୱାରିଙ୍କା ଓ ରୋଜର ଫେଡେରର ୨୦୦୮ ବେଜିଂ ଅଲିମ୍ପିକ୍ସରେ ଡବଲ୍ସରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ଯୋଡି ୨୦୧୪ରେ ସ୍ୱିଜରଲାଣ୍ଡକୁ ଡେଭିସ୍ କପ୍‌ରେ ଚାମ୍ପିଅନ କରାଇଥିଲେ।

ଆଇସିସି ମାନ୍ୟତା
ଇଶାନଙ୍କୁ ହଟାଇ ଅଭିଷେକ ନଂ-୧

ଦୁବାଇ,୨୮ ।୧୦(ଏଜେନ୍ସି): ନିଜ ଦଳର ସାଥୀ ଖେଳାଳି ଇଶାନ କିଶାନଙ୍କୁ ହଟାଇ ଅଭିଷେକ ଶର୍ମା ଆଇସିସି ଟି-୨୦ ବ୍ୟାଟିଂ ମାନ୍ୟତାରେ ନଂ-୧ ସ୍ଥାନକୁ ଫେରିଛନ୍ତି। ଏଥିଲାଗି ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ତାଙ୍କୁ ସହାୟତା ଦେଇଛି। ଏହି ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚରେ ସେ ଯଥାକ୍ରମେ ୨୯ ଓ ୨୭ ରନ୍ କରିଥିଲେ। କିନ୍ତୁ ତୃତୀୟ ମ୍ୟାଚରେ ଅଭିଷେକ ମାତ୍ର ୩୮ଟି ବଲରୁ ୧୧୩ ରନ୍ କରି ଭାରତକୁ ସିରିଜ୍ ଜିତାଇବା ପରେ ଆଇସିସି ମାନ୍ୟତାରେ ନଂ-୧ ସ୍ଥାନ ହାସଲ କରିଛନ୍ତି। ଆହତ ଯୋଗୁଁ ଶେଷ ୨ଟି ମ୍ୟାଚ୍ ଖେଳି ପାରି ନ ଥିବା ଇଶାନ ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି।

୪ ବର୍ଷ ପରେ ନଂ-୧ରୁ ହଟିଲେ ଜାଡେଜା

ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଜବରଦସ୍ତ ପ୍ରଦର୍ଶନ କରି ଆଇସିସି ଟେଷ୍ଟ ମାନ୍ୟତାରେ ବିଶ୍ୱର ନଂ-୧ ଅଲରାଉଣ୍ଡର ହୋଇଛନ୍ତି। ଫଳରେ ଦୀର୍ଘ ୪ ବର୍ଷ ପରେ ଭାରତର ରବୀନ୍ଦ୍ର ଜାଡେଜା ଟେଷ୍ଟ ଅଲରାଉଣ୍ଡର ଭାବେ ନଂ-୧ ସ୍ଥାନରୁ ହଟିଯାଇଛନ୍ତି। ସେହିଭଳି ଜାନସେନ ଟେଷ୍ଟର ବୋଲିଂ ତାଲିକାରେ ମଧ୍ୟ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ମିଚେଲ ଷ୍ଟାର୍କଙ୍କୁ ହଟାଇ ଜାନସେନ ଶୀର୍ଷକୁ ଉଠିଛନ୍ତି। ଚଳିତ ଅଷ୍ଟ୍ରେଲିଆ ଟେଷ୍ଟ ସିରିଜରେ ଜାନସେନ ମୋଟ୍ ୧୦ଟି ୱିକେଟ୍ ସହ ଚାରୋଟି ପାଳିରେ ୧୯୮ ରନ କରିଛନ୍ତି।

ବ୍ୟାଟିଂ କୋଚ୍ ବିନା ଆଇପିଏଲ୍ ଖେଳିବ ସିଏସ୍‌କେ

ଚେନ୍ନଇ,୨୮ ।୧୦(ଏଜେନ୍ସି): ପାଞ୍ଚ ଥରର ଆଇପିଏଲ୍ ଚାମ୍ପିଅନ ସିଏସ୍‌କେ (ଚେନ୍ନଇ ସୁପର କିଙ୍ଗ୍) ୨୦୨୭ ସିଜନରେ ବ୍ୟାଟିଂ କୋଚ ବିନା ଖେଳିବାକୁ ଯାଉଛି। ଗତକାଲି ମୋହିତ ଶର୍ମାଙ୍କୁ ବୋଲିଂ ଓ ଆଲବି ମୋର୍କେଲଙ୍କୁ ସହକାରୀ କୋଚ୍ ଭାବେ ନିଯୁକ୍ତ କରିବା ପରେ ସପୋର୍ଟ ଷ୍ଟାଫ୍ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି ବୋଲି ସିଏସ୍‌କେ ସିଇଓ କାଶୀ ବିଶ୍ୱନାଥ କହିଥିଲେ। ଫଳରେ ସିଏସ୍‌କେ ଏଥର ବ୍ୟାଟିଂ କୋଚ୍ ବିନା ଖେଳିବ। ଗତ ୩ଟି ସଂସ୍କରଣରେ ସିଏସ୍‌କେ ଆଇପିଏଲ୍ ପ୍ଲେଅଫ୍‌ରେ ପହଞ୍ଚିବାରେ ବିଫଳ ହେବା ପରେ ମୁଖ୍ୟ କୋଚ୍ ଷ୍ଟିଫେନ ଫ୍ଲେମିଂ ଓ ବ୍ୟାଟିଂ କୋଚ୍ ମାଇକେଲ ହସୀଙ୍କୁ ବିଦା କରିଥିଲା। ଜାହିର ଖାନ୍ ମୁଖ୍ୟ କୋଚ୍ ହେବା ପରେ ସସେକ୍ସର ଚାମ୍ପିଅନ କୋଚ୍ ଗାରେଥ ବାଟିଙ୍କୁ ସହକାରୀ କୋଚ୍ ଭାବେ ନିଯୁକ୍ତ କରାଯାଇଥିଲା। ତାଙ୍କୁ ବୋଧହୁଏ ବ୍ୟାଟିଂ ମେଣ୍ଟର ଦାୟିତ୍ୱ ଦିଆଯିବ ବୋଲି ଆଶା କରାଯାଉଛି।

ଜାତୀୟ ଆକ୍ୱାଟିକ ଚାମ୍ପିଅନସିପ ଉଦ୍‌ଯାପିତ

ପ୍ରତ୍ୟାଶାଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ; ଓଡ଼ିଶାକୁ ୬ ପଦକ

ଭୁବନେଶ୍ୱର, ୨୮ ।୧୦ (ସମିସ): ଅହମ୍ମଦାବାଦରେ ଚାଲିଥିବା ପ୍ରଥମ ସର୍ଟ କୋର୍ସ ଜାତୀୟ ଆକ୍ୱାଟିକ (ଜଳକ୍ରୀଡ଼ା) ଚାମ୍ପିଅନସିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୬ଟି ପଦକ ଜିତି ଅଭିଯାନ ଶେଷ କରିଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଓ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ଜେଏସଡବ୍ଲ୍ୟୁ ସୁଇମିଂ ଏଚପିସି'ର ପ୍ରଶିକ୍ଷାର୍ଥୀ ପ୍ରତ୍ୟାଶା ରାୟ ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ପାଇଁ ସବୁଠୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଶେଷ ଦିବସରେ ପ୍ରତ୍ୟାଶା ବୁଧବାର ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ପ୍ରତ୍ୟାଶା ୨ ମିନିଟ୍ ୧୬.୨୦ ସେକେଣ୍ଡ ଟାଇମିଂ ସହ ପୋଡିୟମର ଶୀର୍ଷ ସ୍ଥାନ ହାସଲ କରି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପ୍ରତିଯୋଗିତାରେ ପ୍ରତ୍ୟାଶାଙ୍କ ଏହା ବ୍ୟକ୍ତିଗତ ତୃତୀୟ ସ୍ୱର୍ଣ୍ଣ ପଦକ ହୋଇଛି। ଏଥିପୂର୍ବରୁ ସେ ୫୦ ମିଟର ଓ ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ମଧ୍ୟ ଚାମ୍ପିଅନ ହୋଇଥିଲେ। ଓଡ଼ିଶାକୁ ଚତୁର୍ଥ ସ୍ୱର୍ଣ୍ଣ ପଦକ ଗତକାଲି ମହିଳା ୪ ଗୁଣା ୧୦୦ ମିଟର ମିଡ୍‌ଲେ ରିଲେରେ ମିଳିଥିଲା। ପ୍ରତ୍ୟାଶା, ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ସୃଷ୍ଟି ଉପାଧ୍ୟାୟ ଓ ସୋନିଆ ପଟେଲଙ୍କୁ ନେଇ ଗଠିତ ଓଡ଼ିଶା ରିଲେ ଦଳ ଏହି ସଫଳତା ପାଇଥିଲା। ସେହିଭଳି ମହିଳା ୪ ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ରୌପ୍ୟ ଓ ସୃଷ୍ଟି ଉପାଧ୍ୟାୟ ମହିଳା ୧୦୦ ମିଟର ବଟରଫ୍ଲାଏରେ କାଂସ୍ୟ ପଦକ ଜିତିଥିଲେ।

କାନାଡିଆନ ଓପନରୁ ଓହରିଲେ ଅନାହତ

ଟରଣ୍ଟୋ,୨୮ ।୧୦(ଏଜେନ୍ସି): ଅସୁସ୍ଥତା ଅନୁଭବ କରିବାରୁ ଭାରତର ଟିନ୍‌ଏଜ୍ ଖେଳାଳି ୧୮ ବର୍ଷୀୟା ଅନାହତ ସିଂ ଏଠାରେ ଚାଲିଥିବା କାନାଡିଆନ୍ ଓପନ ସ୍କ୍ୱାଶ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରୁ ଓହରିଯାଇଛନ୍ତି। ସେ ଓହରିଯିବା ଫଳରେ ଟପ୍ ସିଡ୍ ଫେରୋଜ୍ ୱାକ୍ ଓଭର ପାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ନିକଟରେ ଏସିଆନ ଗେମ୍ସରେ ରୌପ୍ୟ ପଦକ ଜିତିଥିବା ଅନାହତ ପ୍ରଥମ ରାଉଣ୍ଡରେ ୱାକ୍‌ଓଭର ପାଇଥିଲେ। ଗତକାଲି ସେ ଦ୍ୱିତୀୟ ରାଉଣ୍ଡରେ ବ୍ରିଟେନର ସାରାନ ଏନ୍‌ଘିଏମଙ୍କୁ ୧୧-୬, ୪-୧୧, ୧୧-୫, ୧୧-୭ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଆଘାତ ସମସ୍ୟା ଯୋଗୁଁ ସେ ଏହି ମ୍ୟାଚ୍‌ରୁ ଓହରିଯାଇଥିବା ଜଣାଯାଇଛି।

■ ୱେଷ୍ଟଇଣ୍ଡିଜ୍ ବିପକ୍ଷ ପ୍ରଥମ ଟେଷ୍ଟ

ସଦ୍‌ମାନ ୯୯*, ବାଂଲାଦେଶ ୨୧୩/୩

ଢାକା,୨୮ ।୧୦(ଏଜେନ୍ସି): ଓପନର ସଦ୍‌ମାନ ଇସ୍‌ଲାମ୍‌ଙ୍କ ଅପରାଜିତ ୯୯ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଘରୋଇ ବାଂଲାଦେଶ ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୨୧୩ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସଦ୍‌ମାନଙ୍କ ସହ ୱିକେଟରକ୍ଷକ ଲିଟନ ଦାସ ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ। ସଦ୍‌ମାନ ୨୧୯ଟି ବଲରେ ୧୦ ଚୌକା ମାରି ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତାନଜିଦ୍ ହାସନ ୭, ମୋମିନୁଲ ହକ୍ ୨୮, ନାଜମୋଲ ହୋସେନ ସାଣ୍ଟୋ ୧୯ ଓ ରିଟାୟର୍ଡ ହର୍ଟ ହୋଇଥିବା ତୋହିଦ୍ ହୃଦୟ ୪୨ରନ୍‌ର ଇନିଂସ ଖେଳିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜୋମେଲ ୱାରିକାନ ୨ଟି ଓ ଜେଡେନ ସିଲ୍ସ ଗୋଟିଏ ୱିକେଟ ନେଇଥିଲେ। ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆଙ୍ଗୁଳିରେ ଆଘାତ ଲାଗିଥିବାରୁ ଘରୋଇ ଦଳର ବରିଷ୍ଠ ଏବଂ ଅଭିଜ୍ଞ ବ୍ୟାଟର ମୁସ୍‌ଫିକର ରହିମ ଏହି ମ୍ୟାଚ୍ ଖେଳୁନାହାନ୍ତି।

ଓଡ଼ିଶା ବନାମ ସର୍ଭିସେସ୍ ରଣଜୀ ମୁକାବିଲା

ତୃତୀୟ ଦିନ ଖେଳ ମଧ୍ୟ ବାତିଲ

ଭୁବନେଶ୍ୱର,୨୮ ।୧୦(ସମିସ): ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ଫଳରେ କ୍ରମାଗତ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ସ୍ଥାନୀୟ କିଟ୍ ଗ୍ରାଉଣ୍ଡରେ ଚାଲିଥିବା ଏଲିଟ୍ ଗ୍ରୁପ୍-ସି' ରଣଜୀ ମୁକାବିଲାର ତୃତୀୟ ଦିନ ଖେଳକୁ ବାତିଲ କରିବାକୁ ପଡ଼ିଛି। ସମାନ କାରଣରୁ ଗତକାଲି ଦ୍ୱିତୀୟ ଦିନ ଖେଳକୁ ମଧ୍ୟ ବାତିଲ କରିବାକୁ ପଡ଼ିଥିଲା। ଫଳରେ ଗତ ଦୁଇଦିନରେ ଖେଳାଳିମାନେ ପଡ଼ିଆକୁ ଆସିବାର ଆବଶ୍ୟକତା ପଡ଼ି ନ ଥିଲା। କେବଳ ମ୍ୟାଚ୍ ପରିଚାଳନା କରୁଥିବା ଦୁଇ ଫିଲ୍ଡ ଅମ୍ପାୟାର ସଞ୍ଜୟ କୁମାର ଓ ମନୀଷ ଜୈନ ଏବଂ ମ୍ୟାଚ୍ ରେଫରି ସତ୍ୟକୁମାର ବର୍ମା ପଡ଼ିଆ ବାହାରେ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ୪ ଦିନ ବିଶିଷ୍ଟ ମ୍ୟାଚ୍‌ର କେବଳ ପ୍ରଥମ ଦିନ ଖେଳ ସମ୍ଭବ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ପ୍ରଥମ ଇନିଂସରେ ମାତ୍ର ୧୯୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓପନର ଗୌରବ ଚୌଧୁରୀ ସର୍ବାଧିକ ୪୧ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ପୁଲକିତ ନାରଙ୍ଗଙ୍କୁ ୬ୱିକେଟ ମିଳିଥିଲା। ଜବାବରେ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ସର୍ଭିସେସ୍ ୫ ଓଭର ଖେଳି ବିନା ୱିକେଟରେ ୧୩ ରନ୍ କରିଥିଲା। ଆସନ୍ତାକାଲି ୪ର୍ଥ ତଥା ଶେଷ ଦିବସ। ଭୁବନେଶ୍ୱରରେ ବର୍ଷା ଏତେ ପରିମାଣରେ ହୋଇଛି ଯେ ଆଜି ରାତିରେ ବର୍ଷା ଛାଡ଼ିଗଲେ ମଧ୍ୟ ଆସନ୍ତାକାଲି ପୂରା ଖେଳ ହେବା ସମ୍ଭବପର ହେବ ନାହିଁ।

କଳିଙ୍ଗରେ ହେବ ଜାତୀୟ ଜନଜାତି କ୍ରୀଡ଼ା

ଭୁବନେଶ୍ୱର, ୨୮ ।୧୦ (ସମିସ)

ଜାତୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଆଗାମୀ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହେବ। ଡିସେମ୍ବର ୩୧ ତାରିଖରୁ ୨୦୨୭ ଜାନୁଆର ୩ ତାରିଖ ପର୍ଯ୍ୟନ୍ତ ଏହି ସର୍ବଭାରତୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଏହି ଚାରିଦିବସୀୟ କ୍ରୀଡ଼ା ମହୋତ୍ସବରେ ଦେଶର ସମସ୍ତ ରାଜ୍ୟରୁ ପାଖାପାଖି ୮୦୦ ଜନଜାତି ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ପଡ଼ୋଶୀ ନେପାଳର କିଛି କ୍ରୀଡ଼ାବିତ୍ ସାମିଲ ହେବେ। ଖେଳାଳିଙ୍କୁ ସହଯୋଗ କରିବା ପାଇଁ ପ୍ରାୟ ୨୦୦ ଜଣ ପ୍ରଶିକ୍ଷକ ଓ ସଂଗଠକ ନିୟୋଜିତ ହେବେ। ବୁଧବାର ଭୁବନେଶ୍ୱରର ତେରାପନ୍ଥ ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବନବାସୀ କଲ୍ୟାଣ ଆଶ୍ରମର ଉପସଭାପତି ତଥା ଅଖିଳ ଭାରତୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ସ୍ୱାଗତ ସମିତିର ଅଧ୍ୟକ୍ଷ ସଞ୍ଜୟ ଲାଟ୍ ଏହି ସୂଚନା ଦେଇଛନ୍ତି। ଆୟୋଜକଙ୍କ ସୂଚନା ଅନୁଯାୟୀ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନୀ କିମ୍ବା ଉଦ୍‌ଯାପନୀ ଉତ୍ସବରେ ଯୋଗଦେବାର ସମ୍ଭାବନା ରହିଛି।

ଭାଗନେବେ ନେପାଳ ସମେତ ଭାରତରୁ ୮୦୦ କ୍ରୀଡ଼ାବିତ୍

ଏହି କ୍ରୀଡ଼ା ମହୋତ୍ସବରେ ତୀରନ୍ଦାଜୀ, ମାରାଥନ୍ ଓ ବିଭିନ୍ନ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜିତ ହେବ। ସବ୍-ଜୁନିୟର ବାଳକ ଓ ବାଳିକା ବର୍ଗରେ ତୀରନ୍ଦାଜୀ ସହ ୧୦୦, ୪୦୦ ଓ ୮୦୦ ମିଟର ଦୌଡ଼, ୪ ଗୁଣା ୧୦୦ ମିଟର ରିଲେ, ଲମ୍ବଡିଆଁ ଓ ସଟପୁଟ ପ୍ରତିଯୋଗିତା ରହିଛି। ମାରାଥନ୍‌ରେ ବାଳକଙ୍କ ପାଇଁ ୨୧ କିଲୋମିଟର ଓ ୪୨.୧୯୫ କିଲୋମିଟର ଦୌଡ଼ ଏବଂ ବାଳିକାଙ୍କ ପାଇଁ ୭ କିଲୋମିଟର ଓ ୧୪ କିଲୋମିଟର ଦୌଡ଼ ଆୟୋଜିତ ହେବ। ଜୁନିୟର ବାଳକ ବର୍ଗରେ ୧୦୦, ୪୦୦, ୮୦୦ ଓ ୩୦୦୦ ମିଟର ଦୌଡ଼, ୪ ଗୁଣା ୪୦୦ ମିଟର ରିଲେ, ଲମ୍ବଡିଆଁ ଓ ସଟପୁଟ ପ୍ରତିଯୋଗିତା ହେବ। ସାମ୍ବାଦିକ ସମ୍ମିଳନୀରେ ବନବାସୀ କଲ୍ୟାଣ ଆଶ୍ରମର ଅଖିଳ ଭାରତୀୟ ସଂଗଠନ ଅଧ୍ୟକ୍ଷ ଅତୁଲ ଜୋଗ, ବିଜୟକୁମାରଜୀ, ଓଡ଼ିଶା କଲ୍ୟାଣ ଆଶ୍ରମର ପ୍ରାନ୍ତୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ସିକେ ନାଇଡୁ ଟ୍ରଫି
ଓଡ଼ିଶା ବିପକ୍ଷରେ ଗୋଆ ଅଗ୍ରଣୀ

ଭୁବନେଶ୍ୱର,୨୮ ।୧୦(ସମିସ): ଆର୍ଯ୍ୟନ ନର୍ଭେକର ଓ ଶାନ୍ତାନୁ ନେଭାଗିଙ୍କ ଅର୍ଦ୍ଧଶତକ ବଳରେ ସାଙ୍ଗୁଏମ୍‌ଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଘରୋଇ ଗୋଆ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ପାନକଲ ଶଶାଙ୍କଙ୍କ ୫୩ ରନ୍ ସହାୟତାରେ ପ୍ରଥମ ଇନିଂସରେ ୧୯୯ ରନ୍ କରିଥିଲା। ଜବାବରେ ନର୍ଭେକର ୧୩୯ ବଲ୍‌ରେ ୮୨ ଏବଂ ନେଭାଗି ୧୦୩ ବଲ୍‌ରେ ୫୩ ରନ୍ କରିବା ଫଳରେ ପ୍ରଥମ ଇନିଂସରେ ଗୋଆ ୨୫୩ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ଅଭିଷେକ ସିଂ ୩ଟି ଓ ସାର୍ଥକ ପଣ୍ଡା ୨ଟି ୱିକେଟ ପାଇଥିଲେ। ଫଳରେ ଗୋଆ ଦଳ ପ୍ରଥମ ଇନିଂସରେ ୫୪ ରନ୍‌ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସରେ ୨୧ ଓଭର ଖେଳି ୧ ୱିକେଟ ବିନିମୟରେ ୫୧ ରନ୍ କରିନେଇଛି। ଷ୍ଟମ୍ପସ ବେଳକୁ ପାନକଲ ଶଶାଙ୍କ ୨୭ ଓ ଆୟୁଷ ସୂତାର ୧୭ ରନ୍‌ରେ ବ୍ୟାଟିଂ କରୁଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY